୬ 'କ୍ୟାପ୍ଟେନ କୁଲ' ଟ୍ରେଡମାର୍କ ପାଇଁ ଆବେଦନ କଲେ ଏମ୍‌ଏସ ଧୋନୀ



ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର
31 YEARS
e-paper www.sambadkalika.in
TM
ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର
The only ISO Certified Odia Newspaper
NS-EN ISO 9001:2008

# ସମ୍ବାଦ କଳିକା

E-mail : sambadkalikanews@gmail.com
The Sambad Kalika
୮ ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା
8 Pages, ₹2.00

● ବର୍ଷ–୩୩ ● ସଂଖ୍ୟା–୧୫୩ ● ୧ ଜୁଲାଇ ୨୦୨୫, ମଙ୍ଗଳବାର ● ଭୁବନେଶ୍ୱର ● Vol -32 ● Issue-153 ● 1st July 2025, Tuesday ● Bhubaneswar
RNI Regd.No. : 52640/94 Postal Regd.No. : BN-60/25-27

## ଆଡ଼ପ ମଣ୍ଡପରେ ଚତୁର୍ଦ୍ଧା ବିଗ୍ରହ : ଭକ୍ତଙ୍କୁ ମିଳିଲା ଅବଢ଼ା

**ପୁରୀ, ୩୦।୬**
**ନ୍ୟୁଜ୍ ବ୍ୟୁରୋ**



ରତ୍ନବେଦୀ ଛାଡ଼ି ଜନ୍ମବେଦୀରେ ବିରାଜିଛନ୍ତି ଚତୁର୍ଦ୍ଧା ବିଗ୍ରହ। ରଥ ଗଡ଼ିବା ବେଳେ ବିଳମ୍ବ କଲେ, କିନ୍ତୁ ରଥରୁ ପହଣ୍ଡି ବେଳେ ସଅଳ ସଅଳ ଆଗେଇ ଚାଲିଲେ। ଭକ୍ତଙ୍କ ମେଳରେ ଦୁଇଦିନ ଲୀଳାଖେଳା କରିବା ପରେ ଭାଇଭଉଣୀଙ୍କ ସହ ଆଡ଼ପ ମଣ୍ଡପରେ ବିଜେ କରିଛନ୍ତି ଚତୁର୍ଦ୍ଧା ବିଗ୍ରହ। ଗୋଟି ପହଣ୍ଡିରେ ଏହି ନୀତି ଅନୁଷ୍ଠିତ ହୋଇଛି । ପ୍ରଥମେ ଶ୍ରୀବଳଭଦ୍ର, ପରେ ଦେବୀ ସୁଭଦ୍ରା ଏବଂ ଶେଷରେ ମହାପ୍ରଭୁ ଶ୍ରୀଜଗନ୍ନାଥ ଟାହିଆ ଲଗେଇ ଝୁଲିଝୁଲି ଗୁଣ୍ଡିଚା ବାଡିରେ ପ୍ରବେଶ କରିଥିଲେ। ଘଣ୍ଟଘଣ୍ଟା, ହରିବୋଲ, ହୁଳହୁଳି, ଜୟ ଜଗନ୍ନାଥ ଧ୍ୱନିରେ ପ୍ରକମ୍ପିତ ହୋଇଥିଲା ଶ୍ରୀକ୍ଷେତ୍ର । ପହଣ୍ଡି ୬ଟା ୫୦ରେ ଆରମ୍ଭ ହୋଇଥିଲା। ୯ଟା ୩୫ ସୁଦ୍ଧା ମହାପ୍ରଭୁ ଶ୍ରୀଜଗନ୍ନାଥ ଗୁଣ୍ଡିଚା ବାଡ଼ିରେ ପ୍ରବେଶ କରିସାରିଥିଲେ।

ସୋମବାରଠାରୁ ଆଡ଼ପ ମଣ୍ଡପରେ ଦର୍ଶନ କରିବାର ସୌଭାଗ୍ୟ ପାଇଛନ୍ତି ଭକ୍ତ। ଆଡ଼ପ ମଣ୍ଡପରେ ଅଧିଷ୍ଠିତ ହେବା ସ୍ୱୟଂ ମହାପ୍ରଭୁଙ୍କ ନିର୍ଦ୍ଦେଶ ବୋଲି ଶାସ୍ତ୍ର ବିଦିତ। ଆଡ଼ପ ମଣ୍ଡପରେ ଜଗନ୍ନାଥଙ୍କର ଅବସ୍ଥିତିକୁ ଜନ୍ମବେଦୀ ଯୋଗ କୁହାଯାଏ। ଜନ୍ମବେଦୀ ମହାପ୍ରଭୁଙ୍କ ପୃଥିବୀର ସବୁଠାରୁ ପ୍ରୀତିପଦ ସ୍ଥାନ ବୋଲି ପୁରାଣରେ ଉଲ୍ଲେଖ ରହିଛି। ଏଥିପାଇଁ ରଥଯାତ୍ରାରେ ଆଡ଼ପ ମଣ୍ଡପରେ ମହାପ୍ରଭୁଙ୍କ ଦର୍ଶନ ପାଇଁ ଭକ୍ତଙ୍କ ସୁଅ ଛୁଟିବାରେ ଲାଗିଛି। ଏହାକୁ ଦୃଷ୍ଟିରେ ରଖି ସୁରକ୍ଷା ବ୍ୟବସ୍ଥାକୁ ବଢାଇ ଦିଆଯାଇଛି। ଏଥିସହ ଶ୍ରୀମନ୍ଦିରରେ ସୋମବାରଠାରୁ ୬ ଦିନ ଧରି ଶ୍ରୀଗୁଣ୍ଡିଚା ମନ୍ଦିରରେ ଆଡ଼ପ ଅବଢା ମିଳିବ। ଆଡ଼ପ ମଣ୍ଡପକୁ ମହାପ୍ରଭୁ ବିଜେ କରିବା ପରେ ବିଳମ୍ବିତ ରାତିରେ ଆଡ଼ପ ମଣ୍ଡପରୁ ଚରମାଳ ଫିଟାଯାଇଛି।

ସୂଚନା ଥାଉକି ଗତ ଶନିବାର ତିନି ରଥ ଶ୍ରୀଗୁଣ୍ଡିଚା ମନ୍ଦିର ସମ୍ମୁଖରେ ପହଞ୍ଚିବା ପରେ ରଥ ଉପରେ ଦୈନନ୍ଦିନ ନୀତିକାନ୍ତି ଆରମ୍ଭ ହୋଇଥିଲା। ରବିବାର ରାତି ପ୍ରାୟ ୧୧ଟାରୁ ୧୧ଟା ୨୦ ମଧ୍ୟରେ ତିନି ରଥରେ ଚନ୍ଦନଲାଗି ହୋଇଥିଲା। ୧୧ଟା ୨୦ରୁ ବଡ଼ସିଂହାର ବେଶ ଆରମ୍ଭ ହୋଇଥିଲା । ରାତି ୧୧ଟା ୪୦ରୁ ବଡ଼ସିଂହାର ବେଶ ଶେଷ ପରେ ୧୨ଟା ମଧ୍ୟରେ ବଡ଼ସିଂହାର ଭୋଗ ହୋଇଥିଲା । ଭୋଗ ନୀତି ସଂପନ୍ନ ପରେ ରାତି ୧୨ଟା ୧୫ରେ ରଥ ଉପରେ ରାତ୍ର ପହୁଡ଼ ହୋଇଥିଲା।

ସୋମବାର ସକାଳ ୬ଟା ୧୫ରୁ ୬ଟା ୨୫ରେ ମଙ୍ଗଳ ଆଳତି ପରେ ଅନ୍ୟାନ୍ୟ ନୀତି ବଢିଥିଲା। ରଥ ଉପରେ ଗୋପାଳବଲ୍ଲଭ ଓ ଅନ୍ୟାନ୍ୟ ଭୋଗ ନୀତି ସଂପନ୍ନ ହୋଇଥିଲା। ତିନି ରଥରେ ମଇଲମ, ମହାସ୍ନାନ, ସର୍ବାଙ୍ଗ, ବେଶ ପରେ ମଧ୍ୟାହ୍ନଧୂପ ନୀତି ଅନୁଷ୍ଠିତ ହୋଇଥିଲା। ସନ୍ଧ୍ୟାଧୂପ ପରେ ୩ଟା ୨୫ରେ ଘୋଡ଼ା ଫିଟା ଓ ଚରବନ୍ଧା ଆରମ୍ଭ ହୋଇଥିଲା। ସାଢ଼େ ୬ଟାରେ ଚରବନ୍ଧା ଶେଷ ହୋଇଥିଲା। ସେହିପରି ସୋମବାର ସନ୍ଧ୍ୟା ୬ଟା ୫୦ରେ ପହଣ୍ଡି ଆରମ୍ଭ ହୋଇଥିଲା। ପ୍ରଥମେ ଶ୍ରୀରାମ, ଶ୍ରୀକୃଷ୍ଣ ଓ ମଦନମୋହନ ଆଡ଼ପ ମଣ୍ଡପକୁ ବିଜେ କରିଥିଲେ। ପରେ ପ୍ରଭୁ ସୁଦର୍ଶନ, ବଡ଼ଠାକୁର ଶ୍ରୀବଳଭଦ୍ର, ଦେବୀ ସୁଭଦ୍ରା ଓ ଶେଷରେ ମହାପ୍ରଭୁ ଶ୍ରୀଜଗନ୍ନାଥ ଗୋଟି ପହଣ୍ଡିରେ ଜନ୍ମବେଦୀକୁ ବିଜେ କରିଥିଲେ। ବୁଧବାର ଦର୍ଶନ ଓ ପୂଜା ନୀତି ପାଇଁ ଶ୍ରୀମନ୍ଦିର ପ୍ରଶାସନ ସ୍ୱତନ୍ତ୍ର ନୀତି ଚୂଡ଼ାନ୍ତ କରିଛି। ନୀତି ନିର୍ଘଣ୍ଟ ଅନୁଯାୟୀ, ମଙ୍ଗଳବାର ସକାଳ ୫ଟାରେ ଦ୍ୱାରଫିଟା ନୀତି ଅନୁଷ୍ଠିତ ହେବ । ସାଢ଼େ ୫ଟାରେ ଭିତରଶୋଧ ଓ ୬ଟାରେ ମଙ୍ଗଳଆଳତି ନୀତି ସଂପନ୍ନ ହେବ। ଅବକାଶ ପୂଜା ଶେଷ ପରେ ସାଢ଼େ ୭ଟାରୁ ସାଢ଼େ ୮ଟା ସାହାଣମେଳା ଦର୍ଶନ ହେବ। ସକାଳ ୯ଟାରେ ରୋଷହୋମ ସହ ଅନ୍ୟାନ୍ୟ ନୀତି ବଢିବ। ପୂର୍ବାହ୍ନ ୧୦ଟାରେ ଗୋପାଳବଲ୍ଲଭ, ପୂର୍ବାହ୍ଣ ସାଢେ ୧୦ରୁ ମଧ୍ୟାହ୍ନ ୧୨ଟା ମଧ୍ୟରେ ସକାଳଧୂପ, ମଧ୍ୟାହ୍ନ ସାଢ଼େ ୧୨ଟାରୁ ସାଢ଼େ ଗୋଟାଏ ପ୍ରଥମ ଭୋଗମଣ୍ଡପ, ଅପରାହ୍ଣ ୪ଟାରୁ ସାଢେ ୫ଟା ମଧ୍ୟାହ୍ନ ଧୂପ, ସନ୍ଧ୍ୟା ୫ରୁ ସାଢେ ୬ଟା ଭିତରେ ଦ୍ୱିତୀୟ ଭୋଗମଣ୍ଡପ ନୀତି ଶେଷ ହେବ। ୨ ତାରିଖରେ ରଥ ଦକ୍ଷିଣମୋଡ଼, ୪ ତାରିଖରେ ସନ୍ଧ୍ୟା ଦର୍ଶନ, ୫ ତାରିଖରେ *(ପୃଷ୍ଠା ୭ରେ)*

## ବିଏମ୍‌ସି ଅତିରିକ୍ତ କମିଶନରଙ୍କୁ ମରଣାନ୍ତକ ଆକ୍ରମଣ : ୩ ଗିରଫ

**ଭୁବନେଶ୍ୱର, ୩୦।୬**
**ନ୍ୟୁଜ୍ ବ୍ୟୁରୋ**

ବିଏମ୍‌ସିର ଅତିରିକ୍ତ କମିଶନର ତଥା ଓଏଏସ୍ ଅଧିକାରୀ ରତ୍ନାକର ସାହୁଙ୍କୁ ମରଣାନ୍ତକ ଆକ୍ରମଣ କରାଯାଇଥିବା ଅଭିଯୋଗ ହୋଇଛି। ବିଏମସି କାର୍ଯ୍ୟାଳୟରେ କିଛି ଦୁର୍ବୃତ୍ତ ତାଙ୍କୁ ଘୋଷାରି ଘୋଷାରି ନେବା ସହ ମାଡ ମାରିଥିବା ଭିଡିଓ ଭାଇରାଲ ହୋଇଛି । ଏହି ଘଟଣାରେ ୩ ଜଣଙ୍କୁ ଗିରଫ କରାଯାଇଛି। ଅନ୍ୟପକ୍ଷରେ ଘଟଣାକୁ ବିରୋଧ କରି ବିଜେଡି ପକ୍ଷରୁ ରାସ୍ତାରୋକ କରାଯାଇଥିବା ବେଳେ ବିଏମସି କର୍ମଚାରୀ ମଧ୍ୟ ପ୍ରତିବାଦରେ ଆନ୍ଦୋଳନ କରିଛନ୍ତି।

ସୂଚନା ଅନୁଯାୟୀ ସୋମବାର କାର୍ଯ୍ୟାଳୟରେ ଅଭିଯୋଗ ଶୁଣାଣି ସମୟରେ ଭୁବନେଶ୍ୱର ମ୍ୟୁନିସିପାଲ କର୍ପୋରେସନ (ବିଏମସି)ର ଅତିରିକ୍ତ କମିଶନର ରତ୍ନାକର ସାହୁଙ୍କୁ କିଛି ଅଜ୍ଞାତ ବ୍ୟକ୍ତି ଆକ୍ରମଣ କରିଥିଲେ। ଏନେଇ ସମ୍ପୃକ୍ତ ଅଧିକାରୀ ଖାରବେଳ ନଗର ଥାନାରେ ଅଭିଯୋଗ କରିଥିଲେ । ରୁଜୁ ହୋଇଥିବା ଏଫଆଇଆର ଅନୁଯାୟୀ, ଘଟଣାଟି ପୂର୍ବାହ୍ନ ପ୍ରାୟ ସାଢ଼େ ୧୧ଟା ସମୟରେ ବିଏମସି ମୁଖ୍ୟାଳୟ ଭିତରେ ଘଟିଥିଲା। ଯେତେବେଳେ ଅତିରିକ୍ତ କମିଶନର ନିୟମିତ ଜନ ଅଭିଯୋଗ ଶୁଣାଣି ବୈଠକର ଅଧ୍ୟକ୍ଷତା କରୁଥିଲେ। ସେ ଅଭିଯୋଗ କରିଛନ୍ତି ଯେ, ୬ ରୁ ୭ ଜଣ ଅଜଣା ବ୍ୟକ୍ତି ବିନା *(ପୃଷ୍ଠା ୭ରେ)*



### ଘଟଣାକୁ ଦୃଢ ନିନ୍ଦା କଲେ ନବୀନ

**ଭୁବନେଶ୍ୱର, ୩୦।୬ : ନ୍ୟୁଜ୍ ବ୍ୟୁରୋ**

ବିଏମ୍‌ସିର ଅତିରିକ୍ତ କମିଶନର ତଥା ଓଏଏସ୍ ଅଧିକାରୀ ରତ୍ନାକର ସାହୁଙ୍କ ଉପରେ ମରଣାନ୍ତକ ଆକ୍ରମଣ ଘଟଣାକୁ ଦୃଢ ନିନ୍ଦା କରିଛନ୍ତି ବିଜେଡି ସଭାପତି ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ଏକ୍ସରେ ନବୀନ ଲେଖିଛନ୍ତି 'ଆଜି ରତ୍ନାକର ସାହୁ, ଓଏଏସ୍ ଅତିରିକ୍ତ କମିଶନର, ବିଏମସି , ଅତିରିକ୍ତ ସଚିବ ପାହ୍ୟାର ଜଣେ ବରିଷ୍ଠ ଅଧିକାରୀଙ୍କୁ ତାଙ୍କ କାର୍ଯ୍ୟାଳୟରୁ ଟାଣି ନିଆଯାଇ ଜଣେ ବିଜେପି କର୍ପୋରେଟରଙ୍କ ସମ୍ମୁଖରେ ନିର୍ମମ ଭାବରେ ଗୋଇଠା ମାରି ଆକ୍ରମଣ କରାଯାଇଥିଲା। ଏହି ଘଟଣା ପରାଜିତ ବିଜେପି ବିଧାୟକ ପ୍ରାର୍ଥୀଙ୍କ ସହ ଜଡିତ ବୋଲି ଅଭିଯୋଗ ହୋଇଛି। ଭୟଙ୍କର କଥା ହେଉଛି ଯେ, ଏହା ରାଜଧାନୀ ଭୁବନେଶ୍ୱରରେ ସ୍ପଷ୍ଟ ଦିବାଲୋକରେ ଜଣେ ବରିଷ୍ଠ ଅଧିକାରୀଙ୍କ ସହିତ ଘଟିଛି। *(ପୃଷ୍ଠା ୭ରେ)*

## ରଥଯାତ୍ରାରେ ଦଳାଚକଟା ଘଟଣା

### ରାଜ୍ୟ ସରକାରଙ୍କୁ ମାନବାଧିକାର କମିଶନଙ୍କ ନୋଟିସ

**ଭୁବନେଶ୍ୱର, ୩୦।୬**
**ନ୍ୟୁଜ୍ ବ୍ୟୁରୋ**

ରଥଯାତ୍ରାରେ ଘଟିଥିବା ଦଳାଚକଟା ଘଟଣାକୁ ନେଇ ରାଜ୍ୟ ସରକାରଙ୍କୁ ରାଜ୍ୟ ମାନବାଧିକାର କମିଶନ ନୋଟିସ ଜାରି କରିଛନ୍ତି। ଏଥିସହ ଆହତଙ୍କୁ ସମସ୍ତ ଚିକିତ୍ସା ସୁବିଧା ଯୋଗାଇ ଦେବାକୁ ମାନବାଧିକାର କମିଶନ ନିର୍ଦ୍ଦେଶ ଦେଇଛନ୍ତି।

ରଥଯାତ୍ରାରେ ଦଳାଚକଟା ଘଟଣାକୁ ନେଇ ଆଇନଜୀବୀ ତଥା ମାନବାଧିକାର କର୍ମୀ ନିଶିକାନ୍ତ ମିଶ୍ର ଓଏଚଆରସିରେ ଏକ ମାମଲା ରୁଜୁ କରିଥିଲେ। ସେ ପିଟିସନରେ ଦର୍ଶାଇଥିଲେ ଯେ, ରଥଯାତ୍ରା ଦିନ ପୁଲିସ ଏବଂ ପ୍ରଶାସନିକ ଅବହେଳା ପାଇଁ ବଡଦାଣ୍ଡରେ ୩ ଜଣ ଶ୍ରଦ୍ଧାଳୁଙ୍କ ମୃତ୍ୟୁ ହୋଇଛି। ୫୦ ରୁ ଅଧିକ ଶ୍ରଦ୍ଧାଳୁ ଆହତ ହୋଇଛନ୍ତି। ଏହି ଘଟଣା ସମସ୍ତ ଜଗନ୍ନାଥ ପ୍ରେମୀଙ୍କୁ ଆଘାତ ଦେଇଛି। ଏହି ଘଟଣାର ଏକ ଉଚ୍ଚସ୍ତରୀୟ ତଦନ୍ତ କରାଯାଉ। ଦାୟୀ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ସହ ମୃତକଙ୍କ ପରିବାରକୁ ଅଧିକ ପରିମାଣର କ୍ଷତିପୂରଣ ଦେବାକୁ ସେ ପ୍ରାର୍ଥନା କରିଛନ୍ତି। କମିଶନ ଏହାକୁ ଗୁରୁତ୍ୱର ସହ ଗ୍ରହଣ କରି ରାଜ୍ୟ ସରକାରଙ୍କୁ ନୋଟିସ କରିବା ସହ ଭବିଷ୍ୟତରେ ଯେପରି ଏଭଳି ଘଟଣାର ପୁନରାବୃତ୍ତି ନହୁଏ ସେଥିପ୍ରତି ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଛନ୍ତି।

## ଉତ୍ତର ଓଡ଼ିଶାରେ ବଡ ବନ୍ୟାର ଆଶଙ୍କା



**ଜଳେଶ୍ୱର/ଭୁବନେଶ୍ୱର, ୩୦।୬**
**ନ୍ୟୁଜ୍ ବ୍ୟୁରୋ**

ସୁବର୍ଣ୍ଣରେଖା ନଦୀରେ ବନ୍ୟା ଆସିବା ଯୋଗୁ ଏକାଧିକ ପରିବାର ପାଣି ଘେରରେ। ଦଶରୁ ଊର୍ଦ୍ଧ୍ୱ ପଞ୍ଚାୟତ ବିପଦରେ। ପାଣି ଘେରରେ ଥିବା ବିପନ୍ନଙ୍କୁ ଉଦ୍ଧାର କରିବା ପାଇଁ ସରକାରଙ୍କ ପକ୍ଷରୁ ଅଗ୍ନିଶମ, ଓଡ୍ରାଫ ଟିମର ଉଦ୍ଧାର କାର୍ଯ୍ୟ ଜାରି ରହିଛି। ଜଳକା ନଦୀରେ ବନ୍ୟା ପାଣି ବଢ଼ିବାରେ ଲାଗିଥିବା ବେଳେ ଉପର ମୁଣ୍ଡରେ ପ୍ରବଳ ବର୍ଷା ଯୋଗୁଁ ବସ୍ତା ମଥାନୀ ଠାରେ ଜଳକା ନଦୀ ଏବେ ବିପଦ ସଙ୍କେତ ଉପରେ ପ୍ରବାହିତ ହେଉଛି। ବନ୍ୟା ପାଣି ସୂଚନା ଅନୁସାରେ ରବିବାର ଠାରୁ ବସ୍ତା ଏବଂ ପଡୋଶୀ *(ପୃଷ୍ଠା ୭ରେ)*

### ସ୍ଥିତି ସମୀକ୍ଷା କଲେ ରାଜସ୍ୱ ମନ୍ତ୍ରୀ




**ଭୁବନେଶ୍ୱର, ୩୦।୬**
**ନ୍ୟୁଜ୍ ବ୍ୟୁରୋ**

ରାଜ୍ୟରେ ଲଘୁଚାପ ଜନିତ ବର୍ଷା ଅପେକ୍ଷା ଝାଡ଼ଖଣ୍ଡ ଚାନ୍ଦିଲି ଡ୍ୟାମର ପାଣି ସୁବର୍ଣ୍ଣରେଖାରେ ବନ୍ୟା ପରିସ୍ଥିତି ସୃଷ୍ଟି କରିଛି। ବନ୍ୟା ସ୍ଥିତି ନିୟନ୍ତ୍ରଣରେ ରହିଛି । ସୋମବାର ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ମନ୍ତ୍ରୀ ସୁରେଶ ପୂଜାରୀ ସ୍ଥିତି ସମୀକ୍ଷା କରିଛନ୍ତି । ବିଭାଗ ପକ୍ଷରୁ ମିଳିଥିବା ସୂଚନା ମୁତାବକ ମୟୂରଭଞ୍ଜରେ *(ପୃଷ୍ଠା ୭ରେ)*

## ବଳକା ଶସ୍ୟର ସୁରକ୍ଷା ଆମର ପ୍ରାଥମିକତା

**ଭୁବନେଶ୍ୱର, ୩୦।୬**
**ନ୍ୟୁଜ୍ ବ୍ୟୁରୋ**

ଲୋକସେବା ଭବନରେ ଶୀତଳ ଭଣ୍ଡାର ଭିତ୍ତିଭୂମି ସୁଦୃଢ଼ୀକରଣ ଉପରେ ଏକ ବୈଠକ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା । କୃଷି ଏକ ଅବିରତ ପ୍ରୟାସ । ଏହା ବର୍ଷସାରା ଲୋକଙ୍କୁ ଦାନା ଯୋଗାଇ ଦେବା ସହ ରୋଜଗାରର ସ୍ରୋତ ଯୋଗାଇ ଥାଏ । ଓଡ଼ିଶା ଏକ କୃଷି ପ୍ରଧାନ ରାଜ୍ୟ ସହ ପ୍ରାକୃତିକ ଖଣିଜ ସମ୍ପଦରେ ପରିପୂର୍ଣ୍ଣ। ଏହାର ସୁଦୀର୍ଘ ବେଳାଭୂମି ଏବଂ ସାମୁଦ୍ରିକ ପରିବହନ ବ୍ୟବସ୍ଥା ମଧ୍ୟ ସୁଦୃଢ଼ ହେଉଛି ବୋଲି ଉପମୁଖ୍ୟମନ୍ତ୍ରୀ ଶ୍ରୀ ସିଂହଦେଓ କହିଛନ୍ତି ।



ଉପମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତିକରଣ ଏବଂ ଶକ୍ତିମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଆହୁରି କହିଥିଲେ ଯେ, ପୂର୍ବରୁ ଖାଦ୍ୟ ନିଅଣ୍ଟିଆ ରାଜ୍ୟ ଓଡ଼ିଶା ବର୍ତ୍ତମାନ ଖାଦ୍ୟ ବଳକା ରାଜ୍ୟରେ ପରିଣତ ହୋଇଛି। ବର୍ତ୍ତମାନ ଏହାର ଫଳ, ପନିପରିବା ଏବଂ ଖାଦ୍ୟଶସ୍ୟ ବିଦେଶକୁ ରପ୍ତାନି ମଧ୍ୟ ହେଲାଣି। ବିଦେଶରେ ଓଡ଼ିଶାର ସୁବାସିତ ଚାଉଳ ଓ ପନିପରିବାର ଚାହିଦା ମଧ୍ୟ ଧୀରେ ଧୀରେ ବଢ଼ିବାରେ *(ପୃଷ୍ଠା ୭ରେ)*

## ପୁଲିସ-ମାଓବାଦୀ ମୁହାଁମୁହିଁ: ୨ ମାଓବାଦୀ ନିହତ

**ଫୁଲବାଣୀ, ୩୦।୬**
**ନ୍ୟୁଜ୍ ବ୍ୟୁରୋ**

କନ୍ଧମାଳ-କଳାହାଣ୍ଡି ସୀମାନ୍ତ ଅଞ୍ଚଳ ଭାବେ ପରିଚିତ ବାଲିଗୁଡ଼ା ଥାନା ଅନ୍ତର୍ଗତ ପୁରାଣଜିଆବ ସଂରକ୍ଷିତ ଜଙ୍ଗଲ ଅଧୀନସ୍ଥ ବୁଢ଼ାଗୁଡା ଅଞ୍ଚଳରେ ସୋମବାର ଦିନତମାମ ପୁଲିସ ଓ ମାଓବାଦୀଙ୍କ ମଧ୍ୟରେ ଗୁଳି ବିନିମୟ ଜାରି ରହିଛି । ପୁଲିସ ଗୁଳିରେ ଦୁଇ ଜଣ ଦୁର୍ଦ୍ଦାନ୍ତ ମାଓ କ୍ୟାଡର ନିହତ ହୋଇଛନ୍ତି। ଏହା ଫଳରେ ମାଓ ଦମନ ଅଭିଯାନ କ୍ଷେତ୍ରରେ କନ୍ଧମାଳ ଜିଲ୍ଲା ପୁଲିସକୁ ଏକ ବଡ଼ ସଫଳତା ମିଳିଛି।

ଏହା ସହିତ ପୁଲିସ ମାଓ କ୍ୟାମ୍ପ ଠାବ କରି ସେଠାରୁ ବିପୁଳ ପରିମାଣର ମାଓ ସାମଗ୍ରୀ ଜବତ କରିଛି । ପୁଲିସ ଏହି ମାଓ ଶିବିରରୁ ଗୋଟିଏ ରାଇଫଲ, ଗୋଟିଏ ରିଭଲଭର, ଜୀବନ୍ତ ଗୁଳି, ଓ୍ୱାକିଟକି, ବ୍ୟାଟେରି ଏବଂ ଅନ୍ୟାନ୍ୟ ମାଓ ସାମଗ୍ରୀ ଜବତ କରିଛି। ସମ୍ପୃକ୍ତ ଅଞ୍ଚଳରେ କମ୍ବିଂ ଅପରେସନ ଜାରି ରହିଛି ବୋଲି ଏସ୍ପି ପ୍ରକାଶ କରିଛନ୍ତି।

## ରଥଯାତ୍ରା: ସ୍ୱତନ୍ତ୍ର ଅଧିକାରୀଙ୍କ ପ୍ରଥମ ସମୀକ୍ଷା ବୈଠକ

**ପୁରୀ, ୩୦।୬ : ନ୍ୟୁଜ୍ ବ୍ୟୁରୋ**

ଶୃଙ୍ଖଳାର ମେରୁଦଣ୍ଡ ହେଉଛି ସମନ୍ୱୟ। ଏଣୁ ଶୃଙ୍ଖଳିତ ଯାତ୍ରା ସମାପନ କରିବାକୁ ହେଲେ ସମନ୍ୱୟର ଭୂମିକା ଗୁରୁତ୍ୱପୂର୍ଣ୍ଣ। ପରିସ୍ଥିତି ଯାହା ବି ହେଇଯାଉ, କେବେ ବି ସମନ୍ୱୟର ଅଭାବ ହେବାକୁ ଦେବାନି। ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀଙ୍କୁ ସୋମବାର ଏଭଳି ପରାମର୍ଶ ଦେଇଛନ୍ତି ଉଚ୍ଚ ଶିକ୍ଷା ବିଭାଗର କମିଶନର ତଥା ସଚିବ, ରଥଯାତ୍ରାର ସ୍ୱତନ୍ତ୍ର ଅଧିକାରୀ ଅରବିନ୍ଦ ଅଗ୍ରୱାଲ।



ଶ୍ରୀଜୀଉମାନେ ଏବେ ଆଡ଼ପ ମଣ୍ଡପରେ ଦର୍ଶନ ଦେଉଛନ୍ତି । ଶ୍ରଦ୍ଧାଳୁମାନେ ଖରାରେ ଧାଡ଼ିବାନ୍ଧି ମହାପ୍ରଭୁଙ୍କୁ ଦର୍ଶନ ପାଇଁ ଛିଡା ହୋଇ ରହୁଛନ୍ତି । ଶ୍ରଦ୍ଧାଳୁମାନଙ୍କ ଦର୍ଶନ ବ୍ୟବସ୍ଥାକୁ ଶୃଙ୍ଖଳିତ ଭାବେ ପରିଚାଳନା କରିବା ଏବେ ଜିଲ୍ଲା ପ୍ରଶାସନର ପ୍ରଥମ ଦାୟିତ୍ୱ ହୋଇଛି। *(ପୃଷ୍ଠା ୭ରେ)*

## ଶରଧାବାଲି ଦଳାଚକଟା ଘଟଣା

### ପ୍ରଶାସନିକ ତଦନ୍ତ ଆରମ୍ଭ

**ଭୁବନେଶ୍ୱର, ୩୦।୬**
**ନ୍ୟୁଜ୍ ବ୍ୟୁରୋ**

ଶରଧାବାଲିରେ ଘଟିଥିବା ଦଳାଚକଟାରେ ୩ ଶ୍ରଦ୍ଧାଳୁ ମୃତ୍ୟୁ ଘଟଣା ଉପରେ ଉନ୍ନୟନ କମିଶନର ଅନୁ ଗର୍ଗ ସୋମବାର ତାଙ୍କର ତଦନ୍ତ ପ୍ରକ୍ରିୟା ଆରମ୍ଭ କରିଛନ୍ତି। ଶ୍ରୀମତୀ ଗର୍ଗ ପୁରୀରେ ପହଞ୍ଚି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଓ ବରିଷ୍ଠ ଅଧିକାରୀମାନଙ୍କ ସହ *(ପୃଷ୍ଠା ୭ରେ)*

## ଏକାଳ ପଖାଳ



ବିଏମ୍‌ସି ଭିତରେ ପସିଣ ଦୁର୍ବୃତ୍ତ
ବାବୁଙ୍କୁ ମାରନ୍ତି ମାଡ
ବଡ ନୋକ ଯଦି ସେଫ୍ ନୁହଁନ୍ତି
ସାଧାରଣଙ୍କୁ ଯେ ଛାଡ
ରାଜଧାନୀ ଅପରାଧ ଗଡ
ନେତାମନ୍ତ୍ରୀ ସବୁ କଣ କରନ୍ତି
ଖାଲି କଥା ଦେଉଥାନ୍ତି ବଡ।

## ଆମେରିକାଠୁ ଅଧିକ ଶକ୍ତିଶାଳୀ ବଙ୍କର ବିଧ୍ୱଂସୀ ବୋମା ତିଆରି କରୁଛି ଭାରତ



**ନୂଆଦିଲ୍ଲୀ, ୩୦।୬**

ଆମେରିକା ଗତ ଜୁନ ୨୨ ତାରିଖରେ ଇରାନ ଫୋର୍ଡୋ ପରମାଣୁ ଘାଟି ଉପରେ ବି-୨ ବମ୍ବର ଯୁଦ୍ଧ ବିମାନ ଜରିଆରେ ବଙ୍କର ବିଧ୍ୱଂସୀ (ଜିବିୟୁ-୫୭/ଏ) ବୋମା ନିକ୍ଷେପ କରି ତାହାକୁ ଧ୍ୱଂସ କରିଦେଇଥିଲା। ଇରାନ ଏହି ପରମାଣୁ କେନ୍ଦ୍ରକୁ ପାହାଡ଼ ମଧ୍ୟରେ ଭୂପୃଷ୍ଠରୁ ୧୦୦ ମିଟର ତଳେ ନିର୍ମାଣ କରିଥିଲା, ଯାହାକୁ ସାଧାରଣ ବୋମା ଦ୍ୱାରା ନଷ୍ଟ କରିବା ସମ୍ଭବ ନ ଥିଲା । ଏଥିଲାଗି ଆମେରିକା ବଙ୍କର ବିଧ୍ୱଂସୀ ବୋମା ଜରିଆରେ ପରମାଣୁ ଘାଟିକୁ ନଷ୍ଟ କରିଦେଇଥିଲା । ଏହି ବୋମା ପ୍ରଥମେ ଭୂପୃଷ୍ଠକୁ ଚିରି ୬୦ରୁ ୭୦ ଫୁଟ ଭିତରକୁ ଯିବା ପରେ ବିସ୍ଫୋରିତ ହୋଇଥାଏ। ବର୍ତ୍ତମାନ ଭାରତ ବି ଏଭଳି ବୋମା ପ୍ରସ୍ତୁତ କରିବା ଦିଗରେ କାର୍ଯ୍ୟ ଜାରି ରଖିଛି।

ଭାରତ ପକ୍ଷରୁ ଆଡଭାନ୍ସଡ ବଙ୍କର ବିଧ୍ୱଂସୀ ବୋମା ବିକଶିତ କରିବା ପ୍ରକ୍ରିୟାକୁ କ୍ଷୀପ୍ର କରିଛି । ସାମ୍ପ୍ରତିକ ସ୍ଥିତିରେ ଭବିଷ୍ୟତର ଯୁଦ୍ଧ ପାଇଁ ନିଜକୁ ପ୍ରସ୍ତୁତ ରଖିବା ଲାଗି ଭାରତ ପ୍ରୟାସ ଚଳାଇଛି। ଏଥିପାଇଁ ଏକ ନୂତନ ଏବଂ ଶକ୍ତିଶାଳୀ ମିଜାଇଲ ସିଷ୍ଟମ ମଧ୍ୟ ତିଆରି କରାଯାଉଛି। ଯାହା ଭୂପୃଷ୍ଠର ଅତି ଗଭୀରରେ ନିର୍ମିତ ଶତ୍ରୁର ପରମାଣୁ *(ପୃଷ୍ଠା ୭ରେ)*

## ଉତ୍ତର ଆଭ୍ୟନ୍ତରୀଣ ଜିଲ୍ଲାମାନଙ୍କରେ ପ୍ରବଳ ବର୍ଷା ସମ୍ଭାବନା

**ଭୁବନେଶ୍ୱର, ୩୦।୬**
**ନ୍ୟୁଜ୍ ବ୍ୟୁରୋ**

ଉତ୍ତର ଓଡିଶା ଓ ଏହାର ସଂଲଗ୍ନ ପଶ୍ଚିମବଙ୍ଗ-ଉତ୍ତର ବଙ୍ଗୋପସାଗର ନିକଟରେ ଲଘୁଚାପ କ୍ଷେତ୍ର ସକ୍ରିୟ ରହିଛି। ଆଗାମୀ କିଛି ଘଣ୍ଟାରେ ସ୍ପଷ୍ଟ ଚିହ୍ନିତ ଲଘୁଚାପ ରୂପ ନେବାର ସମ୍ଭାବନା ରହିଛି। ଏହା ପ୍ରଭାବରେ ସୋମବାର ଉତ୍ତର ଆଭ୍ୟନ୍ତରୀଣ ଜିଲ୍ଲାମାନଙ୍କରେ ବର୍ଷାର ପ୍ରଭାବ ଅପରାହ୍ନ ପରଠାରୁ ବଢିବା ନେଇ ପୂର୍ବାନୁମାନ କରିଛି ପାଣିପାଗ ବିଭାଗ। ଉଲ୍ଲେଖ ଥାଉ କି ସୋମବାର ମୟୂରଭଞ୍ଜ, କେନ୍ଦୁଝର, ସୁନ୍ଦରଗଡ଼ ଓ ବାଲେଶ୍ୱର ଜିଲ୍ଲାର କିଛି ସ୍ଥାନରେ ପ୍ରବଳ ବର୍ଷା ହୋଇଛି।



ଦେବଗଡ଼, ସମ୍ବଲପୁର, ଝାରସୁଗୁଡ଼ା, ଅନୁଗୁଳ, ଢେଙ୍କାନାଳ, ଯାଜପୁର ଓ ଭଦ୍ରକ ଜିଲ୍ଲାରେ ପ୍ରବଳରୁ ଅତିପ୍ରବଳ ଏବଂ ଅନ୍ୟ ଜିଲ୍ଲାଗୁଡ଼ିକରେ ପ୍ରବଳ ବର୍ଷା ହୋଇଛି । ଆସନ୍ତା ୬ ତାରିଖ ପର୍ଯ୍ୟନ୍ତ ସାରା ରାଜ୍ୟରେ ବର୍ଷା ପ୍ରଭାବ ଲାଗିରହିବ। *(ପୃଷ୍ଠା ୭ରେ)*

31 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୦୧ ଜୁଲାଇ, ମଙ୍ଗଳବାର ୨୦୨୫





# ସ୍ୱାମୀଙ୍କ ମୃତ୍ୟୁପରେ ଅସହାୟ ବୃଦ୍ଧା ବୟସ ହୋଇଥିଲେ ସୁଦ୍ଧା ମିଳୁନି ଭତ୍ତା

**କର୍ଲାମୁଣ୍ଡା, ନ୍ୟୁଜ୍‌ବ୍ୟୁରୋ**

ସରକାର ବୃଦ୍ଧବୃଦ୍ଧା ବିଧବା ଭିନ୍ନକ୍ଷମମାନଙ୍କୁ ସାମାଜିକ ସୁରକ୍ଷା ଯୋଜନାରେ ଭତ୍ତା ଯୋଗାଇ ଦେଉଛନ୍ତ। ହେଲେ ପ୍ରଶାସନିକ ଅଧିକାରୀଙ୍କ ଦୂରଦୃଷ୍ଟିର ଅଭାବ ତଥା ଅବହେଳା ଯୋଗୁ ପ୍ରକୃତ ହିତାଧିକାରୀ ଭତ୍ତା ପାଇବାରୁ ବଞ୍ଚିତ ହେଉଥିବା ଘଟଣା ବହୁବାର ନଜରକୁ ଆସୁଛି। ଏହାର ଆଉ ଏକ ଉଦାହରଣ କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ବୋରପଦର ପଞ୍ଚାୟତ ଖଲିଆପାଲି ଗ୍ରାମରେ ଦେଖିବାକୁ ମିଳିଛି। ଗ୍ରାମର ବିଧବା ମହିଳା ରାମା ଭୋଇଙ୍କ ସ୍ୱାମୀ ଗୌତମ ଭୋଇ ମୃତ୍ୟୁକୁ ୧୩ ମାସ ବିତିଯାଇଥିଲେ ସୁଦ୍ଧା ଆଜି ପର୍ଯ୍ୟନ୍ତ ବିଧବା ଭତ୍ତା ଖଣ୍ଡିଏ ମିଳିପାରି ନାହିଁ।



ଫଳରେ ସ୍ୱାମୀଙ୍କ ମତ୍ୟୁପରେ ରାମା ଅସହାୟ ହୋଇ ପଡ଼ିରହିଛନ୍ତି। ଗରିବ ଶ୍ରେଣୀର ହୋଇଥିବାରୁ ପରିବାର ଚଳାଇବା ମଧ କଷ୍ଟକର ହୋଇପଡୁଛି।

ଅନ୍ୟପଟେ ରମାଙ୍କୁ ୮୦ ବର୍ଷ ଅତିକ୍ରମ କରିଛି। ବିଧବା ଭତ୍ତା ପାଇଁ ଅନ୍‌ଲାଇନ୍ ଆବେଦନ କଲେ ମଧ ପ୍ରତ୍ୟାଖାନ କରାଯାଉଛି। ଅସହାୟ ମହିଳାଙ୍କୁ ବିଧବା ଭତ୍ତା ମିଳୁନି, ତେବେ ଯୋଜନା କାହା ପାଇଁ ବୋଲି ରାମା ପ୍ରଶ୍ନ ଉଠାଇଛନ୍ତି। ସେ ଅନେକ ଥର ପଞ୍ଚାୟତ ଅଫିସକୁ ଗଲେ ମଧ ଅଧିକାରୀ ମାନଙ୍କୁ ଦେଖା କରିପାରିନାହାନ୍ତି। ବ୍ଲକ କାର୍ଯ୍ୟାଳୟକୁ ଯାଇ ଥିଲେ ମଧ ସେଠିକାର ଅଧିକାରୀ ମାନେ ତମର ୧୦୦ ବର୍ଷ ହୋଇସାରିଛି ତୁମର ଭତ୍ତା ହେବନି ବୋଲି ମନା କରି ଦେଇଥିବା କହିଛନ୍ତି। ରାମା ଏ ନେଇ ଅଭିଯୋଗ କରି ଆସୁଥିଲେ ମଧ ତାଙ୍କ କଥାକୁ କେହି କର୍ଣ୍ଣପାତ କରୁ ନ ଥିବା ରାମା ଅଭିଯୋଗ କରିଛନ୍ତି ଓ ଏହାର ତଦନ୍ତ କରି ଯଥାଶୀଘ୍ର ଜିଲ୍ଲାପ୍ରଶାସନ ରାମାଙ୍କୁ ବିଧବା ଭତ୍ତା ଯୋଗାଇ ଦେବା ପାଇଁ ଗ୍ରାମବାସୀ ଦାବି କରିଛନ୍ତି।

# ହୋଇପାରୁନି ଡ୍ରେନ୍ ଜବରଦଖଲ ଉଚ୍ଛେଦ : ପ୍ରଶାସନ ନିରବ

**ରାୟଗଡ଼ା, ନ୍ୟୁଜ୍‌ବ୍ୟୁରୋ**

ରାୟଗଡ଼ା ଜିଲ୍ଲା କଲ୍ୟାଣସିଂହପୁର ବ୍ଲକ୍ ସଦରରେ ଡ୍ରେନ୍‌କୁ ଜବରଦଖଲ କରିଥିବା ଉଚ୍ଛେଦ ହୋଇନଥିବା ଜଣାପଡ଼ିଛି। ରାୟଗଡ଼ା ଠାରୁ କଲ୍ୟାଣସିଂହପୁର ପର୍ଯ୍ୟନ୍ତ ୪୫ନମ୍ବର ରାଜ୍ୟ ରାଜପଥ ନିର୍ମାଣ କରାଯାଇଛି। କଲ୍ୟାଣସିଂହପୁର ସଦରରେ ରାସ୍ତା ନିର୍ମାଣ କରିବା ସହ ଉଭୟ ପାର୍ଶ୍ୱରେ ଡ୍ରେନ ନିର୍ମାଣ କରି ତା ଉପରେ ପ୍ଲେଟ ପକାଇଥିଲେ। ଡ୍ରେନ ଉପରେ କିଛି ଲୋକ ଜବରଦଖଲ କରି ଦୋକାନ ଘର ଖୋଲିଥିବା ଓ ମୁଖ୍ୟ ରାସ୍ତା ଉପରେ ଉଠା ଦୋକାନୀମାନେ ରହୁଥିବା ଯୋଗୁଁ ଟ୍ରାଫିକ ସମସ୍ୟା ଦେଖା ଦେଉଛି।

ଜିଲ୍ଲାପାଳଙ୍କ ଯୁଗ୍ମ ଅଭିଯୋଗ



ଶୁଣାଣୀରେ ଗ୍ରାମବାସୀ ଅଭିଯୋଗ କରିବା ସହ ଉକ୍ତ ଖବର ବାରମ୍ବାର ବିଭିନ୍ନ ଖବରକାଗଜରେ ପ୍ରକାଶ ପାଇବା ପରେ ପୂର୍ତ୍ତବିଭାଗ ଅଧିକାରୀଙ୍କ ନିର୍ଦ୍ଦେଶରେ କନିଷ୍ଠ ଯନ୍ତ୍ରୀ ରାଜୀବ ବେହେରା ସମେତ ତହସିଲଦାର ରଞ୍ଜନକୁମାର ମାନସେଠ, ଥାନା ଅଧିକାରୀ ନୀଳକଣ୍ଠ ବେହେରା, ରାଜସ୍ୱ ନିରୀକ୍ଷକ ପ୍ରମୁଖ ଉପସ୍ଥିତ ରହି ସଦର ହନୁମାନ ମନ୍ଦିର ଠାରୁ ବ୍ଲକ ପର୍ଯ୍ୟନ୍ତ ଡ୍ରେନ ଉପରେ କରିଥିବା ଦୋକାନ ଗୁଡିକୁ ଡ୍ରେନର କିଛି ଦୂରରେ ରଖିବା ପାଇଁ କହି ଚିହ୍ନଟ ଦେଇଥିଲେ, ଚିହ୍ନଟ କରିଥିବା ଦୋକାନଗୁଡିକ ୭ଦିନ ମଧ୍ୟରେ ଭାଙ୍ଗିବା ପାଇଁ ପ୍ରଶାସନ କହିଥିଲେ। ଉଠାଦୋକାନୀ ମାନେ ରାୟଗଡ଼ା ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଦ୍ୱାରା ଜନଜାତି ଗ୍ରାମୀଣ ହାଟ ଠାରେ ଦୋକାନ ଖୋଲିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। କିନ୍ତୁ ପ୍ରଶାସନର କଥାକୁ ବେଖାତିରି କରି ବ୍ୟବସାୟୀ ମାନେ ରାସ୍ତା ଉପରେ ପସରା ମେଲି ବସି ରହିଛନ୍ତି। ଯାହାଫଳରେ ଗାଈଗୋରୁ, କୁକୁର ରାସ୍ତା ଉପରେ ଆଡ୍ଡା ଜମାଇଥିବାରୁ ଟ୍ରାଫିକ ସମସ୍ୟା ଦେଖାଦେଉଛି। ରାସ୍ତା ଚିହ୍ନଟ କରି ପ୍ରାୟ ଦୁଇମାସ ବିତି ଯାଇଥିଲେ ସୁଦ୍ଧା ପ୍ରଶାସନ ହାତବାନ୍ଧି ବସିଛନ୍ତି।

## ଦେଶୀ ମଦ ଚାଲାଣ ବେଳେ ଚଢ଼ଉ : ଜଣେ ଗିରଫ

**ଜୟପୁର, ନ୍ୟୁଜ୍‌ବ୍ୟୁରୋ**

ଦେଶୀ ମଦ ଚାଲାଣ ବେଳେ ଜୟପୁର ଅବକାରୀ ଥାନା ଚଢ଼ଉ କରି ଜଣେ ଅଭିଯୁକ୍ତକୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ଜଣକ ହେଲା ଲକ୍ଷ୍ମଣ ନାୟକ (୪୬) ସୂଚନା ଅନୁଯାୟୀ ନିଳାଗୁଡ଼ାରୁ ଏକ ବାଇକ୍‌ରେ ଜୟପୁର ସହରକୁ ଦେଶୀ ମଦ ଚାଲାଣ ହେଉଥିବା ସୂଚନା ପାଇ ଅବକାରୀ ଥାନା ଜୟନଗରରେ ଚଢ଼ଉ କରିଥିଲା। ଚଢ଼ଉ କରି ୧୭ ଲିଟର ଦେଶୀ ମଦ ଓ ବାଇକ୍‌କୁ ଜବତ କରିଛି। ଗିରଫ ଅଭିଯୁକ୍ତକୁ କୋର୍ଟ ଚାଲାଣ କରିଥିବା ବିଷୟ ଜୟପୁର ଅବକାରୀ ଥାନା ତରଫରୁ ସୂଚନା ଦିଆଯାଇଛି।

# କୋରାପୁଟ ଜିଲ୍ଲାରେ ବ୍ୟାପକ ଭାବେ ଚାଲିଛି ନକଲି ଜିନିଷ

**ଜୟପୁର, ନ୍ୟୁଜ୍‌ବ୍ୟୁରୋ**

କୋରାପୁଟ ଜିଲ୍ଲାର ବଜାରରେ ମିଳୁଛି ନକଲି ଜିନିଷ। ଗ୍ରାହାକ ଠକାମିର ଶିକାର ହେଉଛନ୍ତି। ବ୍ରାଣ୍ଡ କମ୍ପାନିର ଜୋତାକୁ ଅବିକଳ ନକଲ କରି ବଜାରକୁ ଛଡ଼ାଯାଇଛି। କେବଳ ସେତିକି ନୁହେଁ, ନକଲି କସ୍‌ମେଟିକ୍ସ ସାମଗ୍ରୀ ମଧ କୋରାପୁଟ ଜିଲା ଜୟପୁର, କୋରାପୁଟ, ସେମିଳିଗୁଡା, କୋଟପାଡ଼, କୁନ୍ଦୁରା, ବୋରିଗୁମ୍ମା, ଲମତାପୁଟ, ବଜାରକୁ କବ୍‌ଜା କରିଥିବା ଜଣାଯାଇଛି। ତେଣୁ ଏମିତି କିଛି ନକଲି ସାମଗ୍ରୀ ନାହିଁ, ଯାହା ବଜାରରେ ମିଳୁନାହିଁ। ଜୋତାରୁ ବିଭିନ୍ନ ଯନ୍ତ୍ରାଂଶ, ଖାଦ୍ୟରୁ କସ୍‌ମେଟିକ୍ସ ପର୍ଯ୍ୟନ୍ତ ସବୁପ୍ରକାରର ନକଲି ଜିନିଷ ଜିଲ୍ଲାରେ ଥିବା ବଜାରରେ ମିଳୁଛି। ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଏସବୁ ନକଲି ଜିନିଷ କେବଳ ଚୋରା ଲୁଚାରେ ବିକ୍ରି ହେଉନାହିଁ, ଖୋଲାଖୋଲି ଭାବେ ପ୍ରତିଷ୍ଠିତ ଦୋକାନରେ ବି ମିଳୁଛି। ଜିଲ୍ଲାର କେତେକ ଅଞ୍ଚଳରେ ନକଲି ଔଷଧ ବିକ୍ରୟ ହେଉଥିବା ଅଭିଯୋଗ ହୋଇଛି। ପଚା ଟମାଟୋ, ଅମୃତଭଣ୍ଡା, କଖାରୁ ଆଦିରେ ରଙ୍ଗ ଓ କେମିକାଲ୍ସ ଅପମିଶ୍ରଣ କରି ଏହି ସସ୍ ପ୍ରସ୍ତୁତ କରାଯାଇ ବିକ୍ରି କରାଯାଉଛି। ସସ୍‌କୁ ବ୍ରାଣ୍ଡ କମ୍ପାନିର ବୋତଲରେ ଭର୍ତ୍ତି କରି ସହରରେ ବିକ୍ରି ହେଉଥିବା ଜଣାଯାଇଛି। ବଜାରରେ ନକଲି ସସ୍, ନକଲି ତେଲ, ଘିଅ, ନକଲି ମୋବାଇଲ ବିକ୍ରି ହେଉଛି। ବିଭାଗ ଚଢଉ କଲେ ସବୁ କିଛି ପର୍ଦ୍ଦାଫାସ ହୋଇପାରିବ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି।

## କୋଇଲେଖା ପ୍ରାଥମିକ ବିଦ୍ୟାଳୟରୁ ମଧ୍ୟାହ୍ନ ଭୋଜନ ଚାଉଳ ଚୋରି



**ଆରଡ଼ି, ନ୍ୟୁଜ୍‌ବ୍ୟୁରୋ**

ଭଦ୍ରକ ଜିଲ୍ଲା ଚାନ୍ଦବାଲି ବ୍ଲକ ନାନ୍ଦପୁର ପଞ୍ଚାୟତରେ ଥିବା କୋଇଲେଖା ସରକାରୀ ପ୍ରାଥମିକ ବିଦ୍ୟାଳୟରୁ ବିଳମ୍ବିତ ରାତିରେ କେହି ଦୁର୍ବୃତ୍ତ ବିଦ୍ୟାଳୟ ଏକ ଘରର ତାଲା ଭାଙ୍ଗି ଛାତ୍ରଛାତ୍ରୀଙ୍କ ମଧ୍ୟାହ୍ନ ଭୋଜନ ନିମନ୍ତେ ଗଚ୍ଛିତ ଥିବା ୭ ବସ୍ତା ଚାଉଳ ସହ ଗୋଟେ ଫ୍ୟାନ ଚୋରି କରି ନେଇଥିବା ଆରଡି ଫାଣ୍ଡିରେ ଅଭିଯୋଗ ହୋଇଛି। ତାହାସହ ସ୍କୁଲ ପରିସର ଭିତରେ ଥିବା ଅଙ୍ଗନୱାଡ଼ି କେନ୍ଦ୍ରର ମୁଖ୍ୟ ଫାଟକ ତାଲା ଭାଙ୍ଗିବା ସହ ଗଡ଼ରେଜ ଭାଙ୍ଗି ଥିବା ମଧ ଅଙ୍ଗନୱାଡି କର୍ମୀ ଅଭିଯୋଗ କରିଛନ୍ତି। ସ୍କୁଲ ଛୁଟି ପରେ ପ୍ରଧାନଶିକ୍ଷକ ତାଲା ପକାଇ ଘରକୁ ପଳାଇଥିଲେ। ରବିବାର ଛୁଟି ଥିଲେ ମଧ ବିଦ୍ୟାଳୟ କାର୍ଯ୍ୟାଳୟ ଖୋଲାଥିବା ଦେଖି ଗାଁ ଲୋକ ଦେଖି ବିଦ୍ୟାଳୟର ପ୍ରଧାନଶିକ୍ଷକଙ୍କୁ ଖବର ଦେଇଥିଲେ। ଖବର ପାଇ ପ୍ରଧାନଶିକ୍ଷକ ଆସି ଦେଖିଲା ବେଳକୁ ଅଫିସ ଭିତରେ ଥିବା ମଧ୍ୟାହ୍ନ ଭୋଜନ ଚାଉଳ ସାତ ବସ୍ତା ନଥିବା ବେଳେ ଏକ ପଙ୍ଖା ମଧ ନାହିଁ। ତୁରନ୍ତ ପ୍ରଧାନଶିକ୍ଷକ ଆରଡ଼ି ଫାଣ୍ଡିରେ ଲିଖିତ ଅଭିଯୋଗ କରିବା ପରେ ପୁଲିସ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

## କେନ୍ଦୁଝରରେ ପରିତ୍ୟକ୍ତ ଅବସ୍ଥାରେ ଥିବା ପୋଖରୀ ଗୁଡିକୁ ପୁନରୁଦ୍ଧାର କରାଯାଉ

**କେନ୍ଦୁଝର, ନ୍ୟୁଜ୍‌ବ୍ୟୁରୋ**

ସହର ହେଉ କି ଗାଁ ବିଭିନ୍ନ ଅଞ୍ଚଳରେ ଅବ୍ୟବହୃତ ହୋଇ ପଡ଼ି ରହିଥିବା ପୋଖରୀଗୁଡ଼ିକର ପୁନରୁଦ୍ଧାର କରାଯାଇ ବିଶୋଧନ କରି ବ୍ୟବହୃତ ଉପଯୋଗୀ କରାଗଲେ ଲୋକମାନଙ୍କର ଦୈନିକ ଆବଶ୍ୟକ ପଡୁଥିବା ବାହ୍ୟବ୍ୟବହୃତ ଜଳର ଆବଶ୍ୟକତା ପୂରଣ ହୋଇପାରିବା ସହ ପାନୀୟ ଜଳର ଅପବ୍ୟବହାର ମଧ ହ୍ରାସ ପାଇ ପାରନ୍ତା ବୋଲି ବୁଦ୍ଧିଜୀବୀ ମାନେ ମତପ୍ରକାଶ କରିଛନ୍ତି। ପୂର୍ବରୁ ଲୋକମାନେ ନିଜ ନିଜର ବାହ୍ୟ-ବ୍ୟବହୃତ ଜଳ ଯଥା- ସ୍ନାନ, ଶୌଚ, ଲୁଗାପଟା, ଯାନ, ପ୍ରଭୃତି ସଫା କିରବା ପାଇଁ ନିଜନିଜ ଅଞ୍ଚଳରେ ଥିବା ପୋଖରୀ ଗୁଡିକରେ ଉକ୍ତ ଆବଶ୍ୟକତାକୁ ପୂରଣ କରିବା ସହ କୌଣସି ଲୋକର ମୃତ୍ୟୁ ହେଲେ ଶୁଦ୍ଧି କାର୍ଯ୍ୟ ମଧ ପୋଖରୀଗୁଡିକ ଉପରେ ନର୍ଭର କରିଥାନ୍ତି। ହେଲେ ବିଭାଗୀୟ ନିଷ୍କ୍ରିୟତା ଯୋଗୁଁ ପୋଖରୀ ଗୁଡିକର ରକ୍ଷଣା ବେକ୍ଷଣ, ବିଶୋଦ୍ଧନ ବର୍ଷ ବର୍ଷ ଧରି କରାନଯିବା କାରଣରୁ ଅଧିକାଂଶ ପୋଖରୀ ବ୍ୟବହାର ଅନୁପଯୋଗୀ ହୋଇ ଦୂଷିତ ପୂର୍ଣ୍ଣ ଅବସ୍ଥାରେ ପୋତି ହେବାକୁ ବସିଛି। ଲୋକମାନେ ବାଧ ହୋଇ ନିଜ ନିଜର ପାନୀୟ ଜଳରେ ଉକ୍ତ ବାହ୍ୟ ବ୍ୟବହୃତ ଜଳର ଆବଶ୍ୟକତାକୁ ପୂରଣ କରୁଛନ୍ତି। ଫଳରେ ଅଧିକାଂଶ ଅଞ୍ଚଳରେ ପାନୀୟ ଜଳର ସମସ୍ୟା ମଧ ଲାଗିରହୁଛି। ତେଣୁ ଏଭଳି ପରିସ୍ଥିତିରେ ପୋଖରୀ ଗୁଡିକର ପୁନରୁଦ୍ଧାର କରାଯାଇ ବ୍ୟବହୃତ ଉପଯୋଗୀ କରାଗଲେ ଲୋକମାନଙ୍କର ଦେଖାଦେଉଥିବା ବାହ୍ୟବ୍ୟବହୃତ ଜଳର ସମସ୍ୟା ଦୂର ହୋଇପାରନ୍ତା ବୋଲି ଜନସାଧାରଣରେ ମତ ପ୍ରକାଶ ପାଇଛି।

## ବନ ବିଭାଗ ପକ୍ଷରୁ ଚାରାରୋପଣ କେନ୍ଦ୍ର ଉଦ୍‌ଘାଟିତ

**ଧର୍ମଶାଳା, ନ୍ୟୁଜ୍‌ବ୍ୟୁରୋ**

ଯାଜପୁର ଜିଲ୍ଲା ଧର୍ମଶାଳା ବ୍ଲକ ଜାରକାଠାରେ ବନ ବିଭାଗ ପକ୍ଷରୁ ଏକ ଚାରା ରୋପଣ କେନ୍ଦ୍ର ଉଦ୍‌ଘାଟିତ ହୋଇଯାଇଛି। ଜଙ୍ଗଲ ପରିବେଶ ଓ ଜଳବାୟୁ ପରିବର୍ତନ ବିଭାଗ ଆନୁକୂଲ୍ୟରେ 'ଏକ ପେଡ ମା କି ନାମ' କାର୍ଯ୍ୟକ୍ରମ ଆଧାରରେ ମାସ ବ୍ୟାପୀ ହେବାକୁଥିବା ବିତରଣ କାର୍ଯ୍ୟକ୍ରମକୁ ସମାଜସେବୀ ମୀନତି ସାହୁ ଆନୁଷ୍ଠାନିକଭାବେ ଉଦ୍‌ଘାଟନ କରି ଚାରା ବିତରଣ କରିଥିଲେ। ଫରେଷ୍ଟର ଚିତ୍ତ ରଞ୍ଜନ ବିଶ୍ୱାଳ ଓ ବନରକ୍ଷୀ ବନଲତା ସାମନ୍ତରାୟ ଏହାକୁ ପରିଚାଳନା କରିଥିଲେ। ଜାରକା ସରପଞ୍ଚ ସୁଦାମ ବେହେରା, ଧର୍ମଶାଳା ମହୋତ୍ସବ ପୂଜା କମିଟି ସଭାପତି ରବିନ୍ଦ୍ର ସାହୁ, ସମ୍ପାଦକ ସତ୍ୟପ୍ରୀୟ ମହାନ୍ତିଙ୍କ ସମେତ ସ୍ଥାନୀୟ ଯୁବ ସଂଗଠକ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ।

## ନାବାଳକ ମୃତ୍ୟୁ ଘଟଣାରେ ଜିଲ୍ଲା ପ୍ରଶାସନ ପକ୍ଷରୁ ସହାୟତା ପ୍ରଦାନ

**ଭଦ୍ରକ, ନ୍ୟୁଜ୍‌ବ୍ୟୁରୋ**

ଅବେଳରେ ଝଡ଼ି ପଡ଼ିଥିବା ଅନହରପୁର ଗ୍ରାମର ନିଷ୍ପାପ ବାଳକ ସୌମ୍ୟ ରଞ୍ଜନ ରାଉତଙ୍କ ମୃତ୍ୟୁକୁ କିଛି ଦିନ ହୋଇଛି। ପୁଅକୁ ହରାଇ ଭାଙ୍ଗି ପଡ଼ିଥିବା ମା'କୁ ପ୍ରଶାସନ ପକ୍ଷରୁ ସହାୟତାର ହାତ ବଢ଼ା ଯାଇଛି। ଭଦ୍ରକ ଜିଲ୍ଲାପାଳ ଦିଲ୍ଲୀପ ରାଉତରାଏ ଏବଂ ଏସପି ମନୋଜ ରାଉତଙ୍କ ସହ ବ୍ୟକ୍ତିଗତ ଭାବେ ଯୋଗାଯୋଗ କରି ମୃତ ବାଳକର ପରିବାରକୁ କିଭଳି ସରକାରୀ ସହାୟତା ଦିଆଯାଇପାରିବ ସେ ନେଇ ଛୋଟିଆ ପ୍ରୟାସଟିଏ କରିଥିଲି। ତାଙ୍କ ନିର୍ଦ୍ଦେଶ କ୍ରମେ ଧାମନଗର ତହସିଲଦାର ସାଇ ଲୋକନାଥ ସେଠୀ, ଧାମନଗର ଏସଡିପିଓ ତ୍ରିଲୋଚନ ସେଠୀ, ଅତିରିକ୍ତ ତହସିଲଦାର ସାଇ ସିଲୋନା, ଧାମନଗର ଥାନା ଅଧିକାରୀ ଗୋପାଳ କୃଷ୍ଣ ଜେନା ମୃତ ସୌମ୍ୟର ମା'ଙ୍କୁ ଭେଟି ୨୫ ହଜାର ଟଙ୍କାର ଆର୍ଥିକ ସହାୟତା ଦେବା ସଙ୍ଗେ ସଙ୍ଗେ ବେସାହାରା ପରିବାରକୁ ସରକାରଙ୍କ ବାତ୍ସଲ୍ୟ ଯୋଜନାରେ ପ୍ରତିମାସ ଆର୍ଥିକ ସହାୟତା ଯୋଗାଇ ଦେବାକୁ କଥା ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ପଞ୍ଚାୟତର ଲୋକ ପ୍ରତିନିଧି ଭାବେ ଉପସ୍ଥିତ ରହି ଅଧିକାରୀଙ୍କୁ ସହଯୋଗ କରିଥିଲି।

# ସତ୍ତା ହରାଉଛି ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟ : ବିଭିନ୍ନ ବିଭାଗର ସମ୍ମିଶ୍ରଣ ନିଷ୍ପତ୍ତିରୁ ବଢୁଛି ଛାତ୍ର ଅସନ୍ତୋଷ

**ବ୍ରହ୍ମପୁର, ନ୍ୟୁଜ୍‌ବ୍ୟୁରୋ**

ଛାତ୍ରଛାତ୍ରୀଙ୍କୁ ଉତ୍ତମ ଶିକ୍ଷା ପ୍ରଦାନ ନିମନ୍ତେ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଇଛି। ଶିକ୍ଷାର ମାନ ବୃଦ୍ଧି କରି ଛାତ୍ରଛାତ୍ରୀଙ୍କ ଭବିଷ୍ୟତକୁ ଉଜ୍ଜ୍ୱଳମୟ କରିବାକୁ ପ୍ରୟାସ କରାଯାଉଛି। କିନ୍ତୁ ସହରର ଖଲ୍ଲିକୋଟ ଏକକ ବିଶ୍ୱ ବିଦ୍ୟାଳୟରେ ଭିନ୍ନ ଚିତ୍ର ଦେଖିବାକୁ ମିଳିଛି। ବିଶ୍ୱବିଦ୍ୟାଳୟରେ ଅଧାପକ ଓ ଅଧାପିକା ମରୁଡ଼ି ପଡ଼ିଥିବା ବେଳେ ଅନ୍ୟପକ୍ଷରେ ଦୁଇଟି ଭିନ୍ନ ଭିନ୍ନ ବିଷୟରେ ରହିଥିବା ବିଭାଗକୁ ଗୋଟିଏ ବିଭାଗ ସମ୍ମିଶ୍ରଣ କରିବାକୁ ନେଇ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଅସନ୍ତୋଷ ବୃଦ୍ଧି ପାଉଥିବା ଦେଖିବାକୁ ମିଳିଛି। ଯାହାକୁ ନେଇ ବିଶ୍ୱବିଦ୍ୟାଳୟର ବହୁ ଛାତ୍ରଛାତ୍ରୀ ବିକ୍ଷୋଭ ପ୍ରଦର୍ଶନ କରିବାକୁ ଯୋଜନା କରୁଛନ୍ତି। ଦକ୍ଷିଣ ଓଡ଼ିଶାର ସର୍ବପୁରାତନ ଶିକ୍ଷାନୁଷ୍ଠାନ ମଧ୍ୟରୁ ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟ ଅନ୍ୟତମ। ୨୦୨୧ ମସିହାରେ ଏହା ବିଶ୍ୱବିଦ୍ୟାଳୟର ମାନ୍ୟତା ପାଇଥିବା ବେଳେ ଏଠାରେ ୧୬ରୁ ଅଧିକ ବିଭାଗ ରହିଛି। ଏଠାରେ ଦକ୍ଷିଣ ଓଡ଼ିଶାର ବିଭିନ୍ନ ଜିଲ୍ଲାର ପ୍ରତିବର୍ଷ ଶତାଧିକ ଛାତ୍ରଛାତ୍ରୀ ଅଧ୍ୟୟନ କରିଥାନ୍ତି। ବିଶ୍ୱବିଦ୍ୟାଳୟର ୟୁଜିରେ ୪ ହଜାରରୁ ଅଧିକ ବିଦ୍ୟାର୍ଥୀ ରହିଥିବା ବେଳେ ପିଜି ପାଠ୍ୟକ୍ରମରେ ୧୪ ଶହରୁ ଅଧିକ ଛାତ୍ରଛାତ୍ରୀ ରହିଛନ୍ତି। ତେବେ କର୍ମଚାରୀ ଅଭାବରୁ ଗୋଟିଏ ବିଭାଗ ଅନ୍ୟ ଏକ ବିଭାଗରେ ସମ୍ମିଶ୍ରଣ ଘଟଣାକୁ ନେଇ ବିଭିନ୍ନ ମହଲରେ ଉଦ୍‌ବେଗ ପ୍ରକାଶ ପାଇଛି। ବିଶ୍ୱବିଦ୍ୟାଳୟର ବିଏଡ୍ ସହ ଏଜୁକେସନ୍, ଗଣିତ ସହ ପରିସଂଖ୍ୟାନ, କମ୍ପ୍ୟୁଟର ସାଇନ୍ସକୁ ଏମ୍‌ସିଏରେ ସମ୍ମିଶ୍ରଣ କରାଯାଇଛି। ପାଠ୍ୟକ୍ରମ ଅଲଗା ରହିଥିବା ବେଳେ ପୂର୍ବ କର୍ତ୍ତୃପକ୍ଷ ଉକ୍ତ ବିଭାଗରେ ରହିଥିବା ବିଷୟକୁ ସମ୍ମିଶ୍ରଣ କରି ଦେଇଛନ୍ତି। ଏହିପରି ବିଚିତ୍ର ଶିକ୍ଷାନୀତିକୁ ଯଥାଶୀଘ୍ର ପରିବର୍ତ୍ତନ କରା ନଗଲେ ଆଗାମୀ ଦିନରେ ଛାତ୍ରଛାତ୍ରୀ ଧାରଣା ଦେବେ ବୋଲି ଚେତାବନୀ ଦେଇଛନ୍ତି। ୨୦୨୧ ମସିହାରେ ରାଜ୍ୟ ସରକାର ଖଲ୍ଲିକୋଟ ସ୍ୱୟଂଶାସିତ କଲେଜକୁ ଏକକ ବିଶ୍ୱବିଦ୍ୟାଳୟକୁ ମାନ୍ୟତା ପ୍ରଦାନ କରାଯାଇଥିଲା। ମହାବିଦ୍ୟାଳୟରେ ରହିଥିବା ଅଧ୍ୟାପକ ଅଧ୍ୟାପିକାଙ୍କୁ ବିଶ୍ୱବିଦ୍ୟାଳୟରେ ନିଯୋଜିତ କରାଯାଇଥିଲା। କାଳକ୍ରମେ ବିଭିନ୍ନ ଆଇନ୍‌ଗତ ସମସ୍ୟା କାରଣରୁ ନିଯୁକ୍ତି ପ୍ରକ୍ରିୟା ସ୍ଥଗିତ ରହିଥିଲା। ଫଳରେ ହାତଗଣତି ନିୟମିତ ଶିକ୍ଷକ ଓ ନବନିଯୁକ୍ତ ଅତିଥି ଅଧାପକଙ୍କ ଭରସାରେ ବିଶ୍ୱବିଦ୍ୟାଳୟ ଚାଲିଛି। ପ୍ରଥମରୁ ଶିକ୍ଷକଙ୍କ ଅଭାବ ଶିକ୍ଷାନୁଷ୍ଠାନ ପାଇଁ ମୁଖ୍ୟ ସମସ୍ୟା ପାଲଟିଥିବା ବେଳେ ବର୍ତ୍ତମାନ ବିଭାଗ ସମ୍ମିଶ୍ରଣ ଛାତ୍ରଛାତ୍ରୀଙ୍କୁ ଶିକ୍ଷାଦାନକୁ ପ୍ରଭାବିତ କରୁଥିବା ଛାତ୍ରଛାତ୍ରୀ ଅଭିଯୋଗ କରୁଛନ୍ତି। ଏଭଳି ସମସ୍ୟା ନେଇ ଗତ ବର୍ଷ ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷର ଉଚ୍ଚ ଶିକ୍ଷା ବିଭାଗକୁ ଅବଗତ କରିଛନ୍ତି। କିନ୍ତୁ ସମସ୍ୟାର ସମାଧାନ ହୋଇପାରୁନଥିବା ଦେଖିବାକୁ ମିଳିଛି। ସେହିପରି ବିଶ୍ୱବିଦ୍ୟାଳୟରେ ସ୍ଥାୟୀ କୁଳପତି ନଥିବାରୁ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଗୀତାଞ୍ଜଳି ଦାଶ ଅତିରିକ୍ତ ଦାୟିତ୍ୱରେ ରହିଛନ୍ତି। ଏଭଳି ବିଭିନ୍ନ ସମସ୍ୟା ନେଇ ଦକ୍ଷିଣ ଓଡ଼ିଶାର ସର୍ବ ପୁରାତନ ଶିକ୍ଷାନୁଷ୍ଠାନ ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟ ଦିନକୁ ଦିନ ନିଜର ସତା ହରାଉଛି। ସେହିପରି ବିଶ୍ୱବିଦ୍ୟାଳୟରେ ଲାଗି ରହିଥିବା ବିଭିନ୍ନ ସମସ୍ୟା ତାହା ସିଧାସଳଖ ଛାତ୍ରଛାତ୍ରୀଙ୍କ ପାଠପଢ଼ାରେ ବାଧା ସୃଷ୍ଟି କରୁଛି। ତେଣୁ ଏଥିପ୍ରତି ରାଜ୍ୟ ସରକାର ସହ ଉଚ୍ଚ ଶିକ୍ଷା ବିଭାଗ ପକ୍ଷରୁ ଦୃଷ୍ଟି ଦେବା ସହ ବିଶ୍ୱବିଦ୍ୟାଳୟରେ ଲାଗି ରହିଥିବା ବିଭିନ୍ନ ସମସ୍ୟାର ସମାଧାନ ନିମନ୍ତେ ପଦକ୍ଷେପ ଗ୍ରହଣ କରିବାକୁ ବିଭିନ୍ନ ବୁଦ୍ଧିଜୀବୀ ମହଲରେ ଦାବି ହୋଇଛି।

## ଅସରାଏ ବର୍ଷା ହେଲେ ବେହାଲ ହୋଇଯାଏ ବ୍ୟାଙ୍କ କଲୋନୀ ରାସ୍ତା

**କେନ୍ଦୁଝର, ନ୍ୟୁଜ୍‌ବ୍ୟୁରୋ**



ଜଗନ୍ନାଥପୁର ମୌଜା ଅନ୍ତର୍ଗତ ବ୍ୟାଙ୍କ କଲୋନୀ ରାସ୍ତା ଅସରାଏ ବର୍ଷା ହେଲେ ବେହାଲ ହୋଇପଡ଼େ, ଏହି ରାସ୍ତା ଉପରେ ନିର୍ଭରଶୀଳ ହଜାର ହଜାର ଲୋକ ଯାତାୟାତରେ ନାହିଁ ନଥିବା ଦୁର୍ଦ୍ଦଶାର ସମ୍ମୁଖୀନ ହୋଇ ପଡୁଛନ୍ତି। ଅସରାଏ ବର୍ଷା ହେଲେ ଏହି ରାସ୍ତାରେ ୭/୮ ଦିନ ପର୍ଯ୍ୟନ୍ତ ବର୍ଷା ଜଳ ରାସ୍ତାରେ ଜମି ରହି ଛୋଟ ପୁଷ୍କରଣୀର ଭ୍ରମ ସୃଷ୍ଟି କରେ। ଯଦି ବର୍ଷା ଲାଗି ରହେ ତେବେ ଉକ୍ତ ରାସ୍ତାର ବେହାଲ ଦୃଶ୍ୟ ଅବର୍ଣ୍ଣନୀୟ। ଏହି ରାସ୍ତା ଉଭୟ ପାର୍ଶ୍ୱରେ ବସବାସ କରୁଥିବା ଲୋକମାନେ ସ୍କୁଲ, କଲେଜ, ଅଫିସ, ଯିବାରେ ନାହିଁ ନଥିବା ଅସୁବିଧା ସାମ୍ନା କରୁଛନ୍ତି। ଯାହାକି ଏଥିପ୍ରତି ଦୃଷ୍ଟି ଦେବାକୁ ଦୃଢ ଦାବି ହୋଇଛି।

## ରମ୍ଭା ଏନଏସିର ବିକାଶ କାର୍ଯ୍ୟ ପ୍ରତି କର୍ତ୍ତୃପକ୍ଷଙ୍କ ନଜର ନାହିଁ

**ରମ୍ଭା, ନ୍ୟୁଜ୍‌ବ୍ୟୁରୋ**

ସ୍ଥାନୀୟ ଏନଏସିର ମୁଖ୍ୟ ଫାଟକ ଉପରେ ଲାଗିଥିବା ବୋଡ଼ରରେ ଅକ୍ଷର ଉଠିଯାଇ ଗଞ୍ଜାମ ପରିବର୍ତ୍ତେ ଗଂଜାମ ଓ ୧୯୬୨ ପରିବର୍ତ୍ତେ ୧୬୨ ହୋଇଯାଇଛି। ହେଲେ ଲୋକ ପ୍ରତିନିଧି ପ୍ରଶାସନିକ ଅଫିସରଙ୍କ ନଜର ନାହିଁ। ଏନଏସି କାର୍ଯ୍ୟାଳୟ ଅର୍ଥାତ ଚିଲିକା ଭବନ କାର୍ଯ୍ୟାଳୟର ମରାମତି, ରଙ୍ଗ ପାଇଁ ଓ ବିଭିନ୍ନ ମାଧ୍ୟମରେ ଟଙ୍କା ଆସୁଛି। କିନ୍ତୁ ଏନଏସି ପ୍ରଶାସନ ସତରେ ନଜର ପଡୁନାହିଁ କି ? ନିଜ କାର୍ଯ୍ୟାଳୟ ପାଇଁ ନିଜର ଧ୍ୟାନ ନାହିଁ। ସ୍ଥାପିତ ବର୍ଷ ୧୯୬୨ରେ ୬ ଅଙ୍କଟି ଉଠିଗଲାଣି। ପୂର୍ବରୁ ରମ୍ଭା ସହର ପ୍ରବେଶ ପଥରେ ଇଂରାଜୀରେ ଲେଖା ଯାଇଥିବାରୁ ରମ୍ଭା ସହରର ବୁଦ୍ଧିଜୀବୀମାନେ ଓଡ଼ିଆ ଅସ୍ମିତାକୁ ଅପମାନ ଦିଆଯାଉଥିବା ନେଇ ଏକ ବିବାଦ ଘଟଣା ସାମ୍ନାକୁ ଆସିଥିଲା। ତଥାପି ଆଜି ପର୍ଯ୍ୟନ୍ତ ଏହାକୁ ସୁଧାର କରାଯାଇ ନାହିଁ। ଏନଏସି ପ୍ରଶାସନ ନିଜ ଗେଟ୍‌ରେ ଉଠିଯାଇଥିବା ଅକ୍ଷରକୁ ସଂଶୋଧନ କରାଯାଇ ଗଞ୍ଜାମ ଓ ସ୍ଥାପିତ ୧୯୬୨ ଲେଖିବା ପାଇଁ ଦାବି ହେଉଛି। ସହରକୁ ସର୍ବାଙ୍ଗ ସୁନ୍ଦର ଗଢି ତୋଳିବା ପାଇଁ ହେଲେ ସାଧାରଣ ଜନତାଙ୍କ ପ୍ରିୟ ଭାଜନ ସାଂଙ୍କୁ ଉପକଣ୍ଠ, ଗଳିକନ୍ଦି, ମୁଖ୍ୟ ରାସ୍ତା ପାର୍ଶ୍ୱ ଠିକ ଭୁଲକୁ ସୁଧାରି ପରିବା। କାଗଜ କଲମରେ ସୀମିତ ନ ରଖି ଭୋଟ ପୂର୍ବର ପ୍ରତିଶ୍ରୁତି କି ରକ୍ଷା କରି କାମ ଆଗେଇଲେ ପରବର୍ତ୍ତୀ ନିର୍ବାଚନ ସମୟରେ କୌଣସି ପ୍ରକାର ସମ୍ମୁଖୀନ ହେବା ନାହିଁ ବୋଲି ରାଜନୈତିକ ଗୋଷ୍ଠୀ ପକ୍ଷରୁ ସଫେଇ ଦିଆଯାଇଛି।

# ଲଗାଣ ବର୍ଷା ଧୋଇ ଦେବ ଆତରା ତଳି, ଚିନ୍ତାରେ ଚାଷୀକୂଳ : ମାଗଣା ବିହନ ଯୋଗାଇ ଦେବାକୁ ଦାବି

**ଭଦ୍ରକ, ନ୍ୟୁଜ୍‌ବ୍ୟୁରୋ**

ଭଦ୍ରକ ଜିଲା ତିହିଡ଼ି ବ୍ଲକର ଅଧିକାଂଶ ପଞ୍ଚାୟତ ଖରିଫ୍ ଧାନ ଚାଷ ଉପରେ ନିର୍ଭର କରିଥାନ୍ତି। ଖରିଫ୍ ଧାନରୁ ସେମାନେ ନିଜର ଅତ୍ୟାବଶ୍ୟକ ଗୁଜୁରାଣ ମେଣ୍ଟାଇବା ସହିତ ଝିଅ ବାହାଘର ମଧ କରିଥାନ୍ତି। ମାତ୍ର ଚଳିତ ବର୍ଷ ପାଗର ପ୍ରତିକୂଳ ଅବସ୍ଥା ପାଇଁ ଚାଷୀମାନେ ବତୁରି ତଳା ପକାଇବା ସମ୍ଭବ ହୋଇ ପାରିନଥିଲା। ରଜ ପରେ ସାମାନ୍ୟ ବର୍ଷା ହେବାରୁ ଚାଷୀମାନେ ବିହନ କିଣି ଆତରା ତଳା ପକାଇଥିଲେ। ଗତ ୨୩ ତାରିଖ ଠାରୁ ୨୮ ତାରିଖ ସନ୍ଧ୍ୟା ପର୍ଯ୍ୟନ୍ତ ଲଗାଣ ବର୍ଷା ହେଉଥିବାରୁ ଆତରା ତଳି ବିଲ ବର୍ଷା ପାଣିରେ ଉଛୁଳି ପଡ଼ିଛି। ଦେଖିଲା ଯେପରି ବନ୍ୟା ପରି ଲାଗୁଛି। ପାଣିପାଗ ସୂଚନା ଅନୁସାରେ ୨ ତାରିଖ ପର୍ଯ୍ୟନ୍ତ ଲଗାଣ ବର୍ଷା ଲାଗି ରହିବ ବୋଲି ଜଣାପଡ଼ିଛି। ଏପରି ବର୍ଷା ହେଲେ ଆତରା ତଳି ନିଶ୍ଚିତ ସମ୍ପୂର୍ଣ୍ଣ ନଷ୍ଟ ହେବ। ଚାଷୀ ତରତର ବଣିଜ ମଠ କଥାରେ ଚାଷୀମାନେ ଚାଷ କରିବା ପାଇଁ ତରବରିଆ ଭାବରେ ଆତରା ତଳି ପକାଇଥିଲେ। ମାତ୍ର ପ୍ରକୃତି ସେମାନଙ୍କ ପାଇଁ ଦାଉ ସାଦିଛି। ଯାହାଫଳରେ ଚାଷୀମାନେ ଆଗକୁ ପୁଣି ବିହନ କିଣି ଆତରା ପକାଇବା କଷ୍ଟକର ହୋଇ ପଡ଼ିବ। ଯେଉଁଥିପାଇଁ ଚାଷୀକୂଳ ଚିନ୍ତାରେ ପଡ଼ି ଯାଇଛି। ଅଧିକ ଅମଳ ପାଇଁ ଚାଷୀ ସରକାରୀ ମୂଲ୍ୟରେ ବିହନ କିଣି ତଳି ପକାଇଥିଲା। ଯଦି ଆତରା ତଳି ନଷ୍ଟ ହେଉଛି ତା'ହେଲେ ଚାଷୀ ପୁଣି ଅଧିକ ମୂଲ୍ୟରେ ବିହନ କିଣିବାକୁ ସକ୍ଷମ ହୋଇ ପାରିବ ନାହିଁ। ଧାନ ତଳି



ପକାଇବା ଆରମ୍ଭରୁ ଏପରି ପରିସ୍ଥିତି ସୃଷ୍ଟି ହେବା ଚଳିତ ବର୍ଷ ଖରିଫ୍ ଚାଷ ପାଇଁ ଆଦୌ ଶୁଭଙ୍କର ନୁହେଁ ବୋଲି ଆଲୋଚନା ହେଉଛି। ଚଳିତ ବର୍ଷ ୨୦ହଜାର ୫୬୦ ହେକ୍ଟର ଜମିରେ ଖରିଫ୍ ଚାଷ ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିଲା। ସେଥି ପାଇଁ ୧୫୦୦ ହେକ୍ଟର ଜମିରେ ଧାନ ତଳି ପଡ଼ିବାକୁ ଥିଲାବେଳେ ୫ ହଜାର ହେକ୍ଟର ଜମିରେ ବୁଣା ଧାନ ହେବାକୁ ଲକ୍ଷ୍ୟ ରଖାଯାଇଥିଲା। ତେବେ ବତୁରି ତଳି ପଡ଼ିବା ସମ୍ଭବ ହୋଇ ପାରିଲା ନାହିଁ। ଯାହାଫଳରେ ଚାଷୀମାନେ ବାଧ ହୋଇ ଆତରା ତଳି ପକା ଭରସା ରଖିଥିଲେ। ଆତରା ତଳି ନଷ୍ଟ ହେବାରୁ ଚାଷୀ ଚିନ୍ତାରେ ପଡ଼ିଛି। ତେବେ ସରକାର ଚାଷୀମାନଙ୍କୁ ମାଗଣାରେ ବିହନ ଯୋଗାଇ ଦେବାକୁ ଚାଷୀଙ୍କ ମହଲରୁ ଦାବି କରାଯାଇଛି।

## ଜିଲ୍ଲାପାଳଙ୍କ ହସ୍ତକ୍ଷେପ ପରେ ଉଠିଲା ଚାଷୀଙ୍କ ଧାନ

**ଭଦ୍ରକ, ନ୍ୟୁଜ୍‌ବ୍ୟୁରୋ**

ଭଦ୍ରକ ଜିଲ୍ଲା ଧାମନଗର ବ୍ଲକ ଅନ୍ତର୍ଗତ ଧୁଷୁରୀ ଠାରେ ଖୋଲା ଯାଇଥିବା ଧାନମଣ୍ଡିରେ କ୍ୱିଣ୍ଟାଲ ପିଛା ୧୨ରୁ ୧୬କି.ଗ୍ରା ଲେଖାଏଁ କଟନିରେ ଧୁଷୁରୀ ସେବା ସମବାୟ ସମିତି ଧାନ କିଣୁଥିଲା। କିଛିଚାଷୀ ଏହାକୁ ବିରୋଧ କରି ଭଦ୍ରକ ଜିଲ୍ଲାପାଳ ଓ ଜିଲ୍ଲା ଯୋଗାଣ ଅଧିକାରୀଙ୍କୁ ଭେଟି ଏ ବିଷୟରେ ଲିଖିତ ଅଭିଯୋଗ କରିଥିଲେ। ଏଥିରେ ଉତ୍‌କ୍ଷିପ୍ତ ହୋଇ ସଂପୃକ୍ତ ସମିତିର ନୋଡାଲ ଅଫିସର ଅଭିଯୋଗକାରୀଙ୍କ ଧାନ ନନେଇ ସେମାନଙ୍କୁ ହଇରାଣ କରିବାକୁ ପଛାଇ ନଥିଲେ। ଏହି ଚାଷୀମାନେ ୪ ରୁ ୫ ଦିନ କାଳ ମଣ୍ଡିରେ ଧାନ ରଖି ବର୍ଷା କାକରରେ ଜଗି ରହିଥିଲେ ବି ମଣ୍ଡି କର୍ମଚାରୀ ଏଥିପ୍ରତି ଧ୍ୟାନ ଦେଇ ନଥିଲେ। ଏ ବିଷୟରେ ଚାଷୀମାନେ ଜାଣିବା ପରେ ୨୮ ତାରିଖ ସୁଦ୍ଧା ମଣ୍ଡି ଧାନ ନନେଲେ ସେମାନେ ପ୍ରତିବାଦ କରି ଆଖଣ୍ଡଳମଣି - ଭଦ୍ରକ ରାସ୍ତାରେ ଧାନ ଢାଳି ପ୍ରତିବାଦ କରିବା ସହ ରାସ୍ତାରୋକ କରିବେ ବୋଲି ଚେତାବନୀ ଦେଇଥିଲେ। ଏ ବିଷୟରେ ଭଦ୍ରକ ଜିଲାପାଳ ଦୀଲ୍ଲୀପ ରାଉତରାଏଙ୍କୁ ଚାଷୀମାନେ ପୁଣି ଭେଟି ଆନ୍ଦୋଳନ ଓ ରାସ୍ତାରୋକର ଚେତାବନୀ ଦେଇଥିଲେ। ଜିଲ୍ଲାପାଳ ଶ୍ରୀ ରାଉତ ରାୟ ବିନା କଟନିରେ ଚାଷୀମାନଙ୍କଠୁଁ ଧାନ କିଣିବାକୁ ମଣ୍ଡି ପରିଚାଳନା ଦାୟିତ୍ୱରେ ଥିବା ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଅଧିକାରୀ ଜଣକ ଜିଲ୍ଲାପାଳଙ୍କ ନିର୍ଦ୍ଦେଶ ଅନୁସାରେ ଚାଷୀମାନଙ୍କୁ ମଣ୍ଡିକୁ ଡାକି ବିନା କଟନିରେ ଧାନ କିଣିଥିଲେ। ସୂଚନା ଅନୁସାରେ ବହୁ ଅବ୍ୟବସ୍ଥାରେ ଧାନମଣ୍ଡି ଚାଲୁଥିଲେ ବି ଏଥିରେ କେହି ପ୍ରତିବାଦ କରୁନାହାଁନ୍ତି ଓ ଚାଷୀଙ୍କ ପରିବର୍ତ୍ତେ ଧାନ ବ୍ୟବସାୟୀମାନେ ୭୦% ଧାନ ମଣ୍ଡିକୁ ଦେଉଥିବା ଚାଷୀମାନେ କହିଛନ୍ତି।

# ରାସ୍ତା ନିର୍ମାଣରେ ବିଏମ୍‌ସି ଅଧିକାରୀଙ୍କ ପକ୍ଷପାତ ଅଭିଯୋଗ

**ବ୍ରହ୍ମପୁର, ନ୍ୟୁଜ୍‌ବ୍ୟୁରୋ**

ସରକାର ବଦଳିଛି। କିନ୍ତୁ ଏବେବି କିଛି କାର୍ଯ୍ୟାଳୟରେ ଅଧିକାରୀ ଓ ଯନ୍ତ୍ରୀଙ୍କ ରାଜ୍ ଜାରି ରହିଛି। ନୂତନ ବିଜେପି ସରକାରରେ ବିଧାୟକ ତଥା ମନ୍ତ୍ରୀମାନେ ବିଭିନ୍ନ ପ୍ରକଳ୍ପ ସମୀକ୍ଷା କରି ଉନ୍ନୟନମୂଳକ କାର୍ଯ୍ୟ ତ୍ୱରାନ୍ୱିତ କରୁଥିବା ବେଳେ ବ୍ରହ୍ମପୁର ମହାନଗର ନିଗମର କିଛି ୱାର୍ଡ଼ରେ ରାସ୍ତା ନିର୍ମାଣ କ୍ଷେତ୍ରରେ ମନ୍ଥରତା ଅନେକଙ୍କୁ ବିସ୍ମିତ କରିଛି। ବିଶେଷ କରି ରାଜ୍ୟ କ୍ୟାବିନେଟ୍ ମନ୍ତ୍ରୀ ବିଭୂତି ଭୂଷଣ ଜେନାଙ୍କ ୱାର୍ଡ଼ରେ ରହିଥିବା କିଛି ଅଞ୍ଚଳରେ ରାସ୍ତା ନିର୍ମାଣ ପ୍ରତି ଯନ୍ତ୍ରୀମାନେ ଦୃଷ୍ଟି ଦେଉନଥିବା ଲକ୍ଷ୍ୟ କରାଯାଉଛି। କିଛି ଅଞ୍ଚଳରେ ଜନବସତି ନଥିବା ସତ୍ତ୍ୱେ ସେଠାରେ ରାସ୍ତା ନିର୍ମାଣ କରାଯାଉଥିବା ବେଳେ କିଛି ଅଞ୍ଚଳରେ ଜନବସତି ଗଢ଼ି ଉଠିଥିବା ସତ୍ତ୍ୱେ ଉକ୍ତ ଅଞ୍ଚଳ ପ୍ରତି ବିଏମ୍‌ସି ଅଧିକାରୀମାନେ ଗୁରୁତ୍ୱ ଦେଉନଥିବା ଲକ୍ଷ୍ୟ କରାଯାଉଛି। ଜାତୀୟ ରାଜପଥ ନଂ ୧୬ର ଅପରପାଶ୍ୱର୍ରେ ଥିବା ବ୍ରହ୍ମାପଲ୍ଲୀ ଅଞ୍ଚଳରେ କିଛି ବର୍ଷ ହେଲା ଜନବସତି ଗଢ଼ିଉଠିଛି। ଲାଞ୍ଜିପଲ୍ଲୀ ମୌଜା ଅଧୀନରେ ଆସୁଥିବା ଏହି ଅଞ୍ଚଳ ବ୍ରହ୍ମପୁର ମହାନଗର ନିଗମ ଅଧୀନକୁ ଆସିଥିବା



ଜଣାପଡ଼ିବା ପରେ ଧୀରେ ଧୀରେ ଏହି ଅଞ୍ଚଳରେ ଘର ନିର୍ମାଣ ଆରମ୍ଭ ହୋଇଛି। ମୁଖ୍ୟ ରାସ୍ତା ପିଚୁ ହୋଇଥିବା ପରେ ବ୍ରହ୍ମାପଲ୍ଲୀ ଆଖପାଖ ଅଞ୍ଚଳରେ ୧୫ରୁ ଊର୍ଦ୍ଧ୍ୱ ସାହି ଓ ଗଳିରେ ଘର ନିର୍ମାଣ ଆରମ୍ଭ ହୋଇଛି। ଘର ନିମାଣ ସହିତ ବିଭିନ୍ନ ଅଞ୍ଚଳର ନାମକରଣ ମଧ ଆରମ୍ଭ ହୋଇଛି। ବ୍ରହ୍ମାପଲ୍ଲୀ ଅଞ୍ଚଳରେ ୩ଟି ୱାର୍ଡ଼ ରହିଛି। କିନ୍ତୁ ଏବେ ବି ବହୁ ସାହି କେଉଁ ୱାର୍ଡ଼ରେ ଅନ୍ତର୍ଭୁକ୍ତ ତାହା ସ୍ପଷ୍ଟ ହୋଇପାରିନାହିଁ। କିଛି ଅଞ୍ଚଳ ପୂର୍ବରୁ ଯେଉଁ ୱାର୍ଡ଼ରେ ଥିଲା ଏବେ ତାହା ପରିବର୍ତ୍ତନ ହୋଇଯାଇଥିବାରୁ ଅଞ୍ଚଳବାସୀ କେଉଁ ୱାର୍ଡ଼ର କର୍ପୋରେଟରଙ୍କୁ ନିଜର ଅଭିଯୋଗ ଜଣାଇବେ ତାହା ଜାଣିପାରୁନାହାନ୍ତି। ବ୍ରହ୍ମାପଲ୍ଲୀ ଅଞ୍ଚଳର ବିଭିନ୍ନ ୱାର୍ଡ଼ରେ ଏବେ ରାସ୍ତା ନିର୍ମାଣ ତ୍ୱରାନ୍ୱିତ ହେବାରେ ଲାଗିଛି। ପ୍ରାୟ ସବୁ ଅଞ୍ଚଳକୁ ପାଣି ପାଇପ୍‌ଲାଇନ୍ ସଂଯୋଗ ହୋଇଯାଇଥିବା ବେଳେ ଏବେ ଅଧିକାଂଶ ସାହିରେ ରାସ୍ତା ନିର୍ମାଣ ଆରମ୍ଭ ହୋଇଛି। ରାସ୍ତା ନିର୍ମାଣକୁ ବିଭିନ୍ନ ସାହି ବାସିନ୍ଦା ସ୍ୱାଗତ କରୁଥିଲେ ମଧ କିଛି ସାହିକୁ ରାସ୍ତା ନିର୍ମାଣ କ୍ଷେତ୍ରରେ ପାତରଅନ୍ତର କରାଯାଉଥିବା ସାଧାରଣରେ ଅଭିଯୋଗ ହେଉଛି। ବିଏମ୍‌ସି ଅଧିକାରୀ ତଥା ଯନ୍ତ୍ରୀମାନେ ବିନା ଯାଞ୍ଚରେ ରାସ୍ତା ନିର୍ମାରକୁ ମଞ୍ଜୁରୀ ଦେଉଥିବା ଅଭିଯୋଗ ହୋଇଛି। ଯେଉଁ ସାହିରେ ଜନବସତି ଆରମ୍ଭ ହୋଇଛି ସେହି ସାହିରେ ରାସ୍ତା ନିର୍ମାରକୁ ଗୁରୁତ୍ୱ ଦେବା ବଦଳରେ ୩୦୦ ରୁ ୪୦୦ ମିଟର ପର୍ଯ୍ୟନ୍ତ ସାହିରେ ଜନବସତି ଆରମ୍ଭ ହୋଇନଥିବା ଅଞ୍ଚଳରେ ରାସ୍ତା ନିର୍ମାଣକୁ ଗୁରୁତ୍ୱ ଦିଆଯାଇଛି। ବିଏମ୍‌ସିର ୩୭ ନମ୍ବର ୱାର୍ଡ଼ ଅଧୀନରେ ଆସୁଥିବା ରାଜଶ୍ରୀ ବିହାର ରାସ୍ତାର ୪ଟି ଲାଇନ୍‌ରେ ବହୁ ଜନବସତି ଆରମ୍ଭ ହୋଇଛି। ଅସରାଏ ବର୍ଷା ହେଲେ ଏହି ରାସ୍ତା କର୍ଦ୍ଦମାକ୍ତ ହେବା ସହିତ ଯାତାୟାତ ଏକ ପ୍ରକାର ବନ୍ଦ ହୋଇଯାଏ। ସହର ମଧ୍ୟରେ ରହିଥିବା ଏହି ସାହି ଏକ ପ୍ରକାର ଅପହଞ୍ଚ ହୋଇପଡ଼ିଥାଏ। ୪ ଚକିଆ ବଡ଼ ଗାଡ଼ିକୁ ବାଦ୍ ହେଲେ ଦୁଇ ଚକିଆ ଗାଡ଼ି ଆଦୌ ଯାତାୟାତ କରିପାରେ ନାହିଁ। ଚାଲିଚାଲି ଯିବା ଏକ ପ୍ରକାର ଅସମ୍ଭବ ହୋଇପଡ଼େ। ମାସ ମାସ ଧରି ଏହି ସମସ୍ୟା ଲାଗି ରହୁଛି। ଏହି ସାହିକୁ ଲାଗି ରହିଥିବା ଅନ୍ୟ ସାହିରେ ଜନବସତି ଆରମ୍ଭ ହୋଇନଥିବା ସତ୍ତ୍ୱେ ସେଠାରେ ଜୋରସୋର୍‌ରେ ରାସ୍ତା ନିର୍ମାଣ ଚାଲିଥିବା ବେଳେ ରାଜଶ୍ରୀ ବିହାର ପ୍ରତି ଯନ୍ତ୍ରୀ ଓ ଅଧିକାରୀ ଗୁରୁତ୍ୱ ଦେଉନଥିବା ଲକ୍ଷ୍ୟ କରାଯାଉଛି। ବିଶେଷ କରି ଗୋଟିଏ ଦୁଇଟି ଘର ଥିବା ସାହିକୁ ପେଭର ବ୍ଲକ୍ ରାସ୍ତା ନିର୍ମାଣ ହୋଇଥିବା ବେଳେ ଏହି ନିର୍ଦ୍ଦିଷ୍ଟ ସାହି ପ୍ରତି କର୍ତ୍ତୃପକ୍ଷଙ୍କ ପାତରଅନ୍ତର ନୀତି ସାହି ବାସିନ୍ଦାଙ୍କୁ ବିସ୍ମିତ କରିଛି। ଏ ସମ୍ପର୍କରେ ସାହିବାସିନ୍ଦା ବିଏମ୍‌ସି ଯନ୍ତ୍ରୀଙ୍କୁ ଫେରାଦ ହୋଇଥିଲେ ମଧ କୌଣସି ସୁଫଳ ମିଳିନାହିଁ। ଏ ସମ୍ପର୍କରେ ବିଏମ୍‌ସିକୁ ପଚରାଯିବାରୁ ରାସ୍ତା ପାଇଁ ୩୮ ଲକ୍ଷ ଟଙ୍କା ମଞ୍ଜୁର ହୋଇଥିବା ବିଭାଗୀୟ ଅଧିକାରୀ ସୂଚନା ଦେଇଛନ୍ତି। ତେବେ ରାସ୍ତା ନିର୍ମାଣରେ ପାତର ଅନ୍ତର ପଛରେ ରହସ୍ୟ କ'ଣ ତାହା ସ୍ପଷ୍ଟ ହୋଇ ପାରିନାହିଁ।

ସମ୍ପାଦକୀୟ
31 YEARS
ସମ୍ବାଦ କଳିକା

## ତେଲ ଓ ଗ୍ୟାସ୍ ସପ୍ଲାଏ ସାରା ଦୁନିଆକୁ ପ୍ରଭାବିତ କରିବ

ଆମେରିକା ପକ୍ଷରୁ ତିନୋଟି ପରମାଣୁ ପ୍ରତିଷ୍ଠାନ ଉପରେ ଆକ୍ରମଣ ପରେ ହର୍ମୁଜ୍ ଷ୍ଟ୍ରେଟ୍‌କୁ ବନ୍ଦ କରିଛି ଇରାନ। ଏନେଇ ଇରାନ ସଂସଦରେ ଏହାକୁ ମଞ୍ଜୁରୀ ମିଳିଛି। ଏହି କରିଡର ସାରା ଦୁନିଆକୁ ତେଲ ଓ ଗ୍ୟାସ୍ ସପ୍ଲାଏକୁ ପ୍ରଭାବିତ କରିବ। ଏଭଳି ସ୍ଥିତିରେ ପେଟ୍ରୋଲ, ଡିଜେଲ ଓ ଗ୍ୟାସ୍‌ର ଅଭାବ ହୋଇପାରେ କିମ୍ବା ବଢ଼ିପାରେ। ଏହା ବନ୍ଦ ହେବା ଫଳରେ ଭାରତ ସହ ଚୀନ୍ ଭଳି ପଡୋଶୀ ଦେଶକୁ ଲାଗିବ ବଡ଼ ଝଟକା। କାରଣ ଚୀନ୍ ସବୁଠାରୁ ଅଧିକ ତେଲ ଇରାନଠାରୁ କ୍ରୟ କରିଥାଏ। ଇରାନ ନିଜ ଆବଶ୍ୟକତାର ୪୭ ପ୍ରତିଶତ ଅଂଶ ମଧ୍ୟ ପୂର୍ବ ଦେଶରୁ କିଣିଥାଏ। ଏହି ତେଲର ସପ୍ଲାଇ ହର୍ମୁଜ୍ ଷ୍ଟ୍ରେଟ୍ ବାଟ ଦେଇ ଆସିଥାଏ। କେବଳ ସେତିକି ନୁହେଁ ଭାରତ ପାଇଁ ଏହା ମଧ୍ୟ ଚିନ୍ତାର ସ୍ଥିତି ହେବ। କାରଣ ଆମର ଆବଶ୍ୟକୀୟ ୪୦% ତେଲ ଏହି ରାସ୍ତା ଦେଇ ଭାରତ ଆସିଥାଏ। ଏହାଛଡା ଇରାନରୁ ୨୦% ତେଲ ମଧ୍ୟ ଭାରତ କ୍ରୟ କରିଥାଏ। ବର୍ତ୍ତମାନ ଭାରତ ସରକାର ରୁଷ ନିକଟରୁ ତେଲ କ୍ରୟ କରିବା ବଢାଇ ଦେଇଛନ୍ତି। କିନ୍ତୁ ହର୍ମୁଜ୍ ଷ୍ଟ୍ରେଟ୍ ବନ୍ଦ ହବା ଫଳରୁ ଏହାର ଦାମ୍ ଉପରେ ପ୍ରଭାବ ପଡ଼ିବ। ଏଭଳି ସ୍ଥିତିର ଲାଭ ରୁଷ ମଧ୍ୟ ଉଠାଇବାକୁ ଚାହିଁବ। ଭାରତ ପ୍ରତିଦିନ ପ୍ରାୟ ୫୦.୫ ଲକ୍ଷ ବ୍ୟାରେଲ ତେଲ ଆମଦାନୀ କରିଥାଏ। ଏଥିରେ ୨୦ ଲକ୍ଷ ବ୍ୟାରେଲ ଅଶୋଧିକ ତେଲ ପ୍ରତିଦିନ ଏହି ଜଳମାର୍ଗ ଦେଇ ଆସିଥାଏ। ଭାରତ ନିଜର ଆବଶ୍ୟକୀୟ ୯୦% ତେଲ ଆମଦାନୀ କରିଥାଏ। ଏଭଳିସ ସ୍ଥିତି ମଧ୍ୟ ଚୀନ୍‌ର ରହିଛି। ହର୍ମୁଜ୍ ଷ୍ଟ୍ରେଟ୍ ବନ୍ଦ ହେବା ଫଳରେ ଭାରତ ଓ ଚୀନ୍ ଭଳି ଦେଶକୁ ଅଧିକ କ୍ଷତି ସହିବାକୁ ହେବ। ଆମେରିକା ଓ ପାଶ୍ଚାତ୍ୟ ଦେଶକୁ ଉଚିତ ଜବାବ ଦେବା ପାଇଁ ଇରାନ ଏହି ରାସ୍ତାକୁ ବନ୍ଦ କରିଥିଲେ ବି ତାଙ୍କ ଉପରେ ଏହାର କୌଣସି ପ୍ରଭାବ ପଡିବନି କିମ୍ବା କ୍ଷତି ହେବନି। କାରଣ ଆମେରିକା ତେଲ ମାମଲାରେ ଆତ୍ମନିର୍ଭର ହୋଇସାରିଛି। ତେବେ ପୂର୍ବରୁ ଏଭଳି ଏକ ସମୟ ଥିଲା ର୍ମୁଜ୍ ଷ୍ଟ୍ରେଟ୍ ବନ୍ଦ ହେଲେ ଆମେରିକା ଓ ୟୁରୋପୀୟ ଦେଶ ଆଶଙ୍କିତ ଥିଲେ। ଆଜିର ସମୟରେ ଚୀନ୍ ଓ ଭାରତ ଭଳି ଦେଶ ଉପରେ ଏହାର ଅଧିକ ପ୍ରଭାବ ପଡିବ। ଅଶୋଧିତ ତେଲ ଦର ବ୍ୟାରେଲ ପିଛା ୨ ପ୍ରତିଶତ ବଢିଛି । ବିଶ୍ୱର ପଞ୍ଚମ କ୍ରୁଡ ଅଏଲ ତଥା ଇରାନ ଷ୍ଟ୍ରେଟ ଅଫ ହର୍ମୁଜ ବନ୍ଦ କରିବାକୁ ଅଶୋଧିତ ତେଲ ଦର ବଢିଛି । ଇରାନ ହେଉଛି ବିଶ୍ୱର ନବମ ତେଲ ଉତ୍ପାଦନକାରୀ ସଂସ୍ଥା । ଏବଂ ଦିନକୁ ପ୍ରାୟ ୩ ଦଶମିକ ୩ ମିଲିୟନ ବ୍ୟାରେଲ କ୍ରୁଡ ଅଏଲ ଉତ୍ପାଦନ କରିଥାଏ । ଯୁଦ୍ଧ ଯୋଗୁ ଏବେ ତେଲ ବଜାରରେ ପ୍ରଭାବ ପଡ଼ିଛି । ଆଗାମୀ ଦିନରେ ପେଟ୍ରୋଲ ଓ ଡିଜେଲ ଦର ବଢିବ ବୋଲି ଆଶା କରାଯାଉଛି । ଅନ୍ୟପକ୍ଷରେ ଭାରତରେ ତେଲ ଦର ଉପରେ ବିଶେଷ ପ୍ରଭାବ ପଡିବନି ବୋଲି କହିଛନ୍ତି ପେଟ୍ରୋଲିୟମ ମନ୍ତ୍ରୀ ହରଦୀପ ସିଂ ପୁରୀ। ଦେଶରେ ଯଥେଷ୍ଟ ଷ୍ଟକ ମହଜୁଦ ରହିଛି। ଭାରତ ଆମଦାନୀ କରୁଥିବା ୫.୫ ମିଲିୟନ ବ୍ୟାରେଲରୁ କେବଳ ଦେଢରୁ ୨ ମିଲିୟନ ହର୍ମୁଜ ବାଟ ଦେଇ ଆସିଥାଏ ବୋଲି ମନ୍ତ୍ରୀ କହିଛନ୍ତି।

# ଆଡ଼ପ ମଣ୍ଡପରେ ହେରା ପଞ୍ଚମୀ ମହୋତ୍ସବ



ଡକ୍ଟର ଅମୂଲ୍ୟ କୁମାର ପଣ୍ଡା
ଅରଙ୍ଗାବାଦ, ବରୀ, ଯାଜପୁର
ମୋ - ୮୨୪୯୫୦୨୭୭୬

ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କର ଜୀବନ ଶୈଳୀ କୌଣସି ସାଧାରଣ ମଣିଷ ଜୀବନ ଠାରୁ ପାର୍ଥକ୍ୟ ନୁହେଁ। ପ୍ରଭୁଙ୍କର ଦୈନନ୍ଦିନ କାର୍ଯ୍ୟ କଳାପ, ଯାନୀ ଯାତ୍ରା, ପର୍ବ ପର୍ବାଣି ଏବଂ ପ୍ରତ୍ୟେକଟି ମୁହୂର୍ତ୍ତ ଏକ ସାଧାରଣ ମଣିଷ ଜୀବନ ପରି ଘଟଣା ପୁର୍ଣ୍ଣ। ଶ୍ରୀଜଗନ୍ନାଥ ଦାରୁବ୍ରହ୍ମ ହେଲେ ମଧ୍ୟ ତାଙ୍କର ଲୀଳାଖେଳା ଆମ ମଣିଷଙ୍କ ପରି । ତାଙ୍କର ଏହି 'ମାନବୀୟ ଲୀଳା'ର ଗୋଟିଏ ନିଦର୍ଶନ ହେଉଛି 'ହେରା ପଞ୍ଚମୀ'। ଏହା ଶ୍ରୀଜଗନ୍ନାଥ ଓ ଦେବୀ ଲକ୍ଷ୍ମୀଙ୍କର ଏକ 'ଦାମ୍ପତ୍ୟ-ଲୀଳା'। ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କର ଗୁଣ୍ଡିଚା ମହୋତ୍ସବର ଉପଯାତ୍ରା ହେଉଛି 'ହେରା ପଞ୍ଚମୀ '। "ହେରା" ଶବ୍ଦ ର ଅର୍ଥ 'ଦର୍ଶନ' ଏବଂ "ପଞ୍ଚମୀ" ଶବ୍ଦର ଅର୍ଥ 'ପଞ୍ଚମ ଦିନ'। ଅନ୍ୟ ଏକ ଅର୍ଥରେ କହିବାକୁ ଗଲେ 'ହେରା' ତଥା 'ହେରିବା' ଅର୍ଥ 'ଚାହିଁବା' ଅର୍ଥାତ ଆଷାଢ଼ ଶୁକ୍ଳ ପକ୍ଷ ପଞ୍ଚମୀ ତିଥିରେ ଗୁଣ୍ଡିଚା ମନ୍ଦିରକୁ ଯାତ୍ରା କରିଥିବା ପ୍ରଭୁ ଜଗନ୍ନାଥଙ୍କୁ ଶ୍ରୀମନ୍ଦିରରୁ ମାଆ ଲକ୍ଷ୍ମୀ ଚାହିଁବା ତଥା ଦେଖିବାକୁ ଯାଆନ୍ତି।

ରୁକ୍ମିଣୀ ହରଣ ଏକାଦଶୀରେ ବିବାହ ପରେ ମହାପ୍ରଭୁ ଚତୁର୍ଦ୍ଦଶୀ ତିଥି ଦିନ ସ୍ନାନବେଦୀରେ ଅତ୍ୟଧିକ ସ୍ନାନ ଯୋଗୁ ଜ୍ୱରରେ ପଡ଼ି ଅଣସର ଘରେ ରୁହନ୍ତି। ଜ୍ୱର ଭଲ ହେଲା ପରେ ଅଣସର ଘରୁ ବାହାରି ମହାପ୍ରଭୁ ଭାଇ-ଭଉଣୀଙ୍କୁ ଧରି ରତ୍ନବେଦୀ ଛାଡ଼ି ଜନ୍ମବେଦୀକୁ ରଥରେ ବସି ବୁଲିବାକୁ ଚାଲି ଯାଆନ୍ତି । ମାଆ ଲକ୍ଷ୍ମୀ ଶ୍ରୀଜଗନ୍ନାଥଙ୍କର ମହାନ ଗୁଣ୍ଡିଚା ଉତ୍ସବରେ ବାଦ୍ ପଡ଼ିଯାଆନ୍ତି । ମହାପ୍ରଭୁ ସ୍ୱୟଂ ବଡଭାଇ ବଳଭଦ୍ର ଭଗିନୀ ସୁଭଦ୍ରାଙ୍କୁ ନେଇ ଜନ୍ମବେଦୀକୁ ଯାତ୍ରା କରୁଥିବା ସମୟରେ ଲକ୍ଷ୍ମୀ ରହିଯାଆନ୍ତି ଶ୍ରୀମନ୍ଦିର ଭିତରେ । ତେଣୁ ଗୋଟେ ପଟେ ଶ୍ରୀଜଗନ୍ନାଥଙ୍କର ଉଦାସୀନତା ଓ ଅପରପକ୍ଷରେ ମାଆ ଲକ୍ଷ୍ମୀଙ୍କର ଅଭିମାନ । ମାଆ ଲକ୍ଷ୍ମୀ ଠାକୁରାଣୀଙ୍କ ଅଙ୍ଗବାସରୁ ବିବାହ ଗଇଣ୍ଠାଳ ଫିଟି ନଥିବା ସମୟ ତଥା ନବବିବାହିତା ମାଆ ଲକ୍ଷ୍ମୀ ଠାକୁରାଣୀ ପାଞ୍ଚ ଦିନର ବିରହ ବେଦନା ସହ୍ୟ କରି ନ ପାରି ଖୁବ୍ ଦୁଃଖୀ ହୁଅନ୍ତି। 'ଯାତ୍ରା ଭାଗବତ' ଓ 'ବାମଦେବ ସଂହିତା' ଆଦିରେ ଏ ସଂପର୍କରେ ରୋଚକ ବର୍ଣ୍ଣନା ଅଛି । 'ବାମଦେବ ସଂହିତା'ରେ କୁହାଯାଇଛି ଯେ ଭାଇ ଓ ଭଉଣୀଙ୍କୁ ସାଙ୍ଗରେ ନେଇ ଶ୍ରୀଜଗନ୍ନାଥ ଗୁଣ୍ଡିଚାଘରକୁ ଚାଲିଯିବା ପରେ, ବିରହ ବିଧୁରା ଲକ୍ଷ୍ମୀ ନିଜ ମନର ବ୍ୟଥାକୁ ଶ୍ରୀମନ୍ଦିର ପରିସରରେ ଥିବା ଭଗିନୀପ୍ରତିମା ବିମଳା ଦେବୀଙ୍କ ନିକଟରେ ଯାଇ କହନ୍ତି । ଏହାର ପ୍ରତିକାର ପାଇଁ ତାଙ୍କର ପରାମର୍ଶ ଲୋଡ଼ନ୍ତି । ଦେବୀ ବିମଳା ତାଙ୍କୁ ସାନ୍ତ୍ୱନା ଦେଇ କହନ୍ତି ଯେ ସ୍ୱାମୀ ଯଦି କେବେ ଅବିବେକୀ ପରି ଆଚରଣ କରନ୍ତି ବା ସ୍ତ୍ରୀ କୁ ଅଣଦେଖା କରନ୍ତି ତେବେ ତାଙ୍କୁ କୌଶଳ କରି ନିଜ ଆଡ଼କୁ ଆଣିବାକୁ ପଡ଼େ । ତେଣୁ ତୁମେ ତାଙ୍କୁ ନିଜ ଆଡକୁ ଆକର୍ଷିତ କରିବାପାଇଁ ତାଙ୍କ ଉପରେ 'ମୋହନଚୂର୍ଣ୍ଣ' ପ୍ରୟୋଗ କର । ଏହା କହି ଦେବୀ ବିମଳା, ଲକ୍ଷ୍ମୀଙ୍କୁ 'ମୋହନଚୂର୍ଣ୍ଣ' ବି ଦିଅନ୍ତି। ମାଆ ବିମଳାଙ୍କ ପରାମର୍ଶ କ୍ରମେ ମହାପ୍ରଭୁଙ୍କୁ ଦର୍ଶନ କରିବା ପାଇଁ ଆଷାଢ଼ ଶୁକ୍ଳପଞ୍ଚମୀ ଦିନ ନିଶାର୍ଦ୍ଧରେ ଶ୍ରୀମନ୍ଦିରରୁ ଶ୍ରୀଗୁଣ୍ଡିଚା ମନ୍ଦିରକୁ ଗୋପନ ଯାତ୍ରା କରନ୍ତି। ମାଆ ଲକ୍ଷ୍ମୀ ଶ୍ରୀଗୁଣ୍ଡିଚା ମନ୍ଦିରରେ ଅଧିଷ୍ଠିତ ମହାପ୍ରଭୁ ଜଗନ୍ନାଥଙ୍କୁ ନିଜ ରାଗ ଓ ଅଭିମାନର ପ୍ରତୀକ ନନ୍ଦିଘୋଷ ରଥରୁ ଖଣ୍ଡିଏ କାଠ ଭାଙ୍ଗି ଦିଅନ୍ତି ଓ ଏହା ସହିତ ମାଆ ଲକ୍ଷ୍ମୀ ମଧ୍ୟ ଶ୍ରୀଜୀଉଙ୍କର ଦର୍ଶନ କରିଥାନ୍ତି ଓ ମାଆ ବିମଳା ଦେଇଥିବା ମୋହନଚୂର୍ଣ୍ଣ କୁ ମହାପ୍ରଭୁ ଉପରକୁ ନିକ୍ଷେପ କରନ୍ତି। ଏଥିରୁ ମନେ ହୁଏ ସ୍ୱୟଂ ମହାପ୍ରଭୁ ମା ଲକ୍ଷ୍ମୀଙ୍କର ଏହି ରାଗ, ଅଭିମାନ ଓ ମାନଭଞ୍ଜନ ପାଇଁ ସ୍ନେହ ଏବଂ ପ୍ରାର୍ଥନା ପୂର୍ବକ ମାଆଙ୍କୁ ବୁଝାଇ ଥାଆନ୍ତି।



କିମ୍ବଦନ୍ତୀ ଅନୁସାରେ ମହାପ୍ରଭୁ ଶ୍ରୀ ଜଗନ୍ନାଥ ପବିତ୍ର ତଥା ପ୍ରସିଦ୍ଧ ରଥଯାତ୍ରା ଦିନ ମାଆ ଲକ୍ଷ୍ମୀଙ୍କୁ ପ୍ରତିଶ୍ରୁତି ଦେଇଥିଲେ ଯେ ମାତ୍ର ଏକ ଦିନ ପରେ ସେ ମାଉସୀ ମାଆଙ୍କ ଘରୁ ଶ୍ରୀମନ୍ଦିରକୁ ଫେରି ଆସିବେ। ମାତ୍ର ଯେତେବେଳେ ମହାପ୍ରଭୁ ପାଞ୍ଚ ଦିନ ପର୍ଯ୍ୟନ୍ତ ନ ଫେରନ୍ତି ମାଆ ଲକ୍ଷ୍ମୀଙ୍କର ସହନଶୀଳତା ଅସମ୍ଭାଳ ହେବାରୁ ଅତ୍ୟନ୍ତ କ୍ରୋଧର ସହ ମହାଲକ୍ଷ୍ମୀ ଅନ୍ଧାର ରାତିରେ ଏକ ପାଲିଙ୍କିରେ ବସି ମାଉସୀ ମାଆ ମନ୍ଦିରକୁ ଆସନ୍ତି । ମହାପ୍ରଭୁଙ୍କୁ ଗୋପନୀୟ ଭାବେ ଦର୍ଶନ କରିବା ପରେ ଗୁଣ୍ଡିଚା ମନ୍ଦିର ବାହାରୁ ପୂଜା କରନ୍ତି । ଏହାପରେ ମାଆ ଲକ୍ଷ୍ମୀ ମହାପ୍ରଭୁଙ୍କ ଉପରେ ରାଗି କ୍ରୋଧରେ ନନ୍ଦିଘୋଷ ରଥକୁ କ୍ଷତ କରି ଥାଆନ୍ତି ତଥା ନନ୍ଦିଘୋଷ ରଥର ସାରଥୀଙ୍କର ହାତ ଭାଙ୍ଗି ଦେଇ ନିରାଡ଼ମ୍ବର ଶୋଭାଯାତ୍ରାରେ ପୁନର୍ବାର ଶ୍ରୀମନ୍ଦିରକୁ ଫେରି ଆସନ୍ତି । ଏହି ଐତିହାସିକ ପାରମ୍ପରିକ ବୃତ୍ତାନ୍ତ ଉପରେ ଆଧାରିତ ଉତ୍ସବକୁ "ହେରା ପଞ୍ଚମୀ" ମହୋତ୍ସବ କୁହଯାଏ।

ହେରା ପଞ୍ଚମୀ ନୀତି ଅନୁସାରେ ହେରାପଞ୍ଚମୀ ଦିନ ଶ୍ରୀମନ୍ଦିରର ଭଣ୍ଡାର ଘରଠାରୁ ଶ୍ରୀଦେବୀ ତଥା ଲକ୍ଷ୍ମୀଙ୍କୁ ମହାଜନ ସେବକ ବିମାନକୁ ବିଜେ କରାଇ ଆଣନ୍ତି । ବିମାନବଡୁ ସେବକ ତାଙ୍କୁ ଆଡ଼ମ୍ବରପୂର୍ଣ୍ଣ ଘଣ୍ଟ, ବାଜା ଓ କାହାଳୀ ଆଦି ସହିତ ଶ୍ରୀଗୁଣ୍ଡିଚା ମନ୍ଦିରଠାରେ ଥିବା ରଥ ନିକଟକୁ ନେଇ ଯାଆନ୍ତି । ସେଠାରେ ଶ୍ରୀଜଗନ୍ନାଥଙ୍କ ନନ୍ଦିଘୋଷ ରଥକୁ ଚିହ୍ନଟ କରିସାରି, ଦେବୀ ଲକ୍ଷ୍ମୀ ସେହି ରଥ ନିକଟରେ ବିମାନରେ ବସି ରହିଥିବା ବେଳେ, ଶ୍ରୀଜଗନ୍ନାଥଙ୍କ ପକ୍ଷରୁ ପତିମହାପାତ୍ର ତାଙ୍କର ବନ୍ଦାପନା ଓ ଅର୍ଚ୍ଚନା କରନ୍ତି। ତାହା ପରେ ଦେବୀଙ୍କ ବିମାନ ଶ୍ରୀଗୁଣ୍ଡିଚା ମନ୍ଦିରର ଜୟବିଜୟ ଦ୍ୱାର ନିକଟକୁ ଯାଏ। ସେହିଠାରେ ବିମାନରେ ଥାଇ, ସେ ବିମଳାଦେବୀଙ୍କଠାରୁ ଆଣିଥିବା 'ମୋହନଚୂର୍ଣ୍ଣ' ଶ୍ରୀଜଗନ୍ନାଥଙ୍କ ଉପରକୁ ନିକ୍ଷେପ କରନ୍ତି । ତାହାର ଫଳ ମଧ୍ୟ ତାଙ୍କୁ ତୁରନ୍ତ ମିଳେ । ଶ୍ରୀଜଗନ୍ନାଥଙ୍କଠାରୁ ତାଙ୍କୁ ଆଜ୍ଞାମାଳ ଦିଆଯାଏ । ତାହା ମାଧ୍ୟମରେ ଶ୍ରୀଜଗନ୍ନାଥ ତାଙ୍କୁ ପ୍ରତିଶ୍ରୁତି ଦିଅନ୍ତି ଯେ ତିନିଦିନ ପରେ ସେ ଶ୍ରୀମନ୍ଦିରକୁ ଫେରିଆସିବେ । କିନ୍ତୁ ଏହି ସମୟରେ ଆଉ ଗୋଟିଏ ଘଟଣା ଘଟେ । ସେତେବେଳକୁ ସଂଧ୍ୟାଧୂପର ସମୟ ହୋଇଯାଇଥିବାରୁ 'ଟେରା' ଅର୍ଥାତ୍ କନାର ଏକ ଆବରଣ ପଡ଼ିଯାଏ ଏବଂ ଦେବୀ ଲକ୍ଷ୍ମୀ ଶ୍ରୀଜଗନ୍ନାଥଙ୍କର ଶ୍ରୀମୁଖକୁ ଆଉ ଅଧିକ ସମୟ ଦର୍ଶନ କରିପାରନ୍ତି ନାହିଁ । ସେଥିରେ ସେ ରୁଷ୍ଟ ହୁଅନ୍ତି । ପୁନଶ୍ଚ 'ନନ୍ଦିଘୋଷ' ରଥ ପାଖକୁ ଆସି ସେଥିରୁ ଖଣ୍ଡିଏ କାଠ ଭାଙ୍ଗିଦେଇ ଚାଲିଯାଆନ୍ତି । ଏହାକୁ ଦେବୀ ଲକ୍ଷ୍ମୀଙ୍କ କ୍ରୋଧର ପରିପ୍ରକାଶ ବୋଲି ସାଧାରଣତଃ କୁହାଯାଇଥାଏ । କିନ୍ତୁ ଏହା ତାଙ୍କର କ୍ରୋଧ ନୁହେଁ । ଏହା ତାଙ୍କର ପତି-ପ୍ରୀତିର ନିଦର୍ଶନ । ଶ୍ରୀଜଗନ୍ନାଥଙ୍କଠାରୁ ଆଜ୍ଞାମାଳ ସହିତ ଫେରିବାର ପ୍ରତିଶ୍ରୁତି ପାଇବା ପରେ, ଆଉ କ୍ରୋଧର ଅବକାଶ ନଥାଏ । କିନ୍ତୁ ଅଧିକ ସମୟ ସ୍ୱାମୀଙ୍କ ଶ୍ରୀମୁଖ ଦର୍ଶନ ନକରି ପାରିବା ନେଇ ତାଙ୍କ ମନରେ କ୍ଷୋଭ ଜାତ ହୁଏ । ତାହାର ପରିପ୍ରକାଶ ଘଟେ 'ନନ୍ଦିଘୋଷ'ର ରଥକାଠ ଭଙ୍ଗାରେ। 'ହେରାପଞ୍ଚମୀ' ଯାତ୍ରାରେ ଯିବାବେଳେ ଦେବୀ ଲକ୍ଷ୍ମୀ ଘଣ୍ଟ, ବାଜା ଓ କାହାଳୀ ସହିତ ରଥମାର୍ଗ ତଥା ବଡ଼ଦାଣ୍ଡ ଦେଇ ଯାଇଥାଆନ୍ତି କିନ୍ତୁ ରଥକାଠ ଭାଙ୍ଗି ଫେରିବା ବେଳେ ସେ ବିନା ଘଣ୍ଟ, ବାଜା, କାହାଳୀରେ, ହେରାଗୋହିରୀ ସାହି ବାଟ ଦେଇ ଫେରନ୍ତି । ମାଆ ଲକ୍ଷ୍ମୀ ରଥକାଠ ଭାଙ୍ଗିବା କାର୍ଯ୍ୟ ଠିକ୍ ହେଲାନାହିଁ ବୋଲି ହୃଦ୍‌ବୋଧ କରି ନିଜକୁ ଅପରାଧୀଟିଏ ଭାବି ହେରା ଗୋହିରୀ ସାହି ବାଟଦେଇ, ଲୁଚିଲାପରି, ବିନା ଘଣ୍ଟ , ବାଜା ଓ କାହାଳୀରେ ଶ୍ରୀମନ୍ଦିରକୁ ଫେରନ୍ତି।

# ମନୁଷ୍ୟକୃତ ବିଶୃଙ୍ଖଳା



ବିଷ୍ଣୁ ପ୍ରସାଦ ଦାସ
ସ୍ନେହ କୁଟୀର
ଝାଞ୍ଜିରୀ ମଙ୍ଗଳା,
କଟକ-୭୫୩୦୦୯
ମୋ : ୯୯୩୭୧୭୪୦୯୭

ସମ୍ପ୍ରତି ଭାରତ ବର୍ଷ ସମେତ ପୃଥିବୀର ଅନେକ ସ୍ଥାନରେ ଧର୍ମାନୁଷ୍ଠାନ ଗୁଡିକରେ ଅନେକ ଛୋଟ ବଡ଼ ଦୁର୍ଘଟଣା ଘଟି ଅନେକ ଭକ୍ତଙ୍କ ଧନ ଜୀବନ ନଷ୍ଟ ହୁଏ । ଏହାର ପ୍ରମୁଖ କାରଣ ଗୁଡିକ ମଧ୍ୟରୁ ସୀମିତ ସ୍ଥାନରେ ଅତ୍ୟଧିକ ଜନ ସମାଗମ, ବିଶୃଙ୍ଖଳିତ ଆଚରଣ , ପ୍ରଶାସନର ଘୋର ଦାୟିତ୍ୱ ହୀନତା , ଭିତ୍ତିଭୂମିର ଅଭାବ, ଦୈବୀ ଦୁର୍ଘଟଣା ତଥା ଆମର ଧାର୍ମିକ ମାନସିକତା ଅନ୍ୟତମ । ଜଣେ ଭକ୍ତ ଏତେଗୁଡିଏ ବିଷୟ ପ୍ରତି ଧ୍ୟାନ ଦେଇ ଯାତ୍ରା କରିବାକୁ ହୁଏତ ସମୟ ପାଏ ନାହିଁ , ହୃଦୟର ଭକ୍ତି, ମନର ଆବେଗ, ଦର୍ଶନର ଅହେତୁକ ଇଚ୍ଛା, ଆଧ୍ୟାତ୍ମିକ ଭାବ ତା'କୁ ତା'ର ଇପ୍ସିତ ଧର୍ମ ସ୍ଥାନକୁ ଆକର୍ଷିତ କରିଥାଏ, ସେତେବେଳେ ସେ ଭଲ ମନ୍ଦ ବିଚାର ନ'କରି ପରିବାର, ବନ୍ଧୁ ପରିଜନ ସହିତ ବା ସ୍ୱୟଂ ଦର୍ଶନ ଉଦ୍ଦେଶ୍ୟରେ ବାହାରିଯାଏ, ତେଣିକି ସେହି ଇଚ୍ଛାମୟ, ପରମେଶ୍ୱରଙ୍କର ଇଚ୍ଛା ଯାହା ଥିବା ତାହାହିଁ ନିଶ୍ଚିତ ଘଟିବ । ଏହି ପ୍ରକାର ଇଚ୍ଛାକୁ ମଧ୍ୟ ନିୟନ୍ତ୍ରିତ କରି ହୁଅନ୍ତା କିନ୍ତୁ ଅତ୍ୟଧିକ ପ୍ରଚାର ପ୍ରସାର ଦ୍ୱାରା ତଥା ରାଷ୍ଟ୍ର ମୁଖ୍ୟ/ବିଶିଷ୍ଟ, ଅତି ବିଶିଷ୍ଟ ବ୍ୟକ୍ତି ମାନଙ୍କ ସେହି ସ୍ଥାନକୁ ପରିଦର୍ଶନ ଜନିତ ଆକର୍ଷଣ ତଥା ଅତ୍ୟଧିକ ଧାର୍ମିକ ଅନ୍ଧବିଶ୍ୱାସ ଏଥିପାଇଁ ହୁଏତ ଦାୟୀ ବୋଲି କୁହା ଯାଇପାରେ । ବର୍ତ୍ତମାନ ଶ୍ରୀ କ୍ଷେତ୍ର ପୁରୀ ଠାରେ ବିଶ୍ୱ ବିଖ୍ୟାତ ରଥ ଯାତ୍ରା ଚାଲିଛି ଲକ୍ଷ ଲକ୍ଷ ଶ୍ରଦ୍ଧାଳୁ ପୁରୀ ଠାରେ ଚତୁର୍ଦ୍ଧା ମୂର୍ତ୍ତିଙ୍କୁ ଦର୍ଶନ କରିବାକୁ ଏକତ୍ରିତ ହୋଇଛନ୍ତି। ଅନେକ ଭିଡ଼ ଅନେକ ବିଶୃଙ୍ଖଳା ଏବଂ ପ୍ରଶାସନ ସୀମିତ ଆରକ୍ଷୀ ବଳ ସହିତ ଶୃଙ୍ଖଳା ରକ୍ଷା କରିବାର ପ୍ରୟାସ ଜାରି ରଖିଛନ୍ତି । ଅନେକ ଶ୍ରଦ୍ଧାଳୁ ପୁଣ୍ୟ ଅର୍ଜନ କରି ଫେରି ଯାଇଛନ୍ତି, ଆଉ କିଛି ହତାହତ ହୋଇ ନିଜ ଜୀବନ ଦେଇ ନିଜ ପରିବାରକୁ ଦୁଃଖ ସାଗରରେ ଭସାଇ ଦେଇଛନ୍ତି। ଧର୍ମ କରିବା ଖରାପ କାର୍ଯ୍ୟ ନୁହେଁ କିନ୍ତୁ ବିଶୃଙ୍ଖଳା ବର୍ଜନୀୟ ହେବା ଉଚିତ୍ । ଚଳିତ ବର୍ଷ ଜୁନ ୨୮ ତାରିଖ ମଧ୍ୟ ରାତ୍ରିରେ ଶ୍ରୀ ଜଗନ୍ନାଥଙ୍କୁ ଦର୍ଶନ କରିବାକୁ ଆସିଥିବା ଶ୍ରଦ୍ଧାଳୁ ମାନଙ୍କ ଅନିୟନ୍ତ୍ରିତ ଭିଡ଼ ଯୋଗୁଁ ୩ ଜଣ ଶ୍ରଦ୍ଧାଳୁଙ୍କ ପ୍ରାଣ ଚାଲିଗଲା। ଠିକ୍ ସେହି ପରି ଗତ ୨୯/୦୫/୨୦୨୪ ରାତ୍ରି ପ୍ରାୟ ୧୦.୩୦ ମିନିଟ ସମୟରେ ଏକ ଦୁର୍ଘଟଣାର ଖବର ପ୍ରସାରିତ ହୋଇ ଥିଲା ନରେନ୍ଦ୍ର ପୁଷ୍କରଣୀ ଠାରେ ଆତସବାଜି ଜନିତ ୩ ଜଣଙ୍କ ମୃତ୍ୟୁ ତଥା ୩୬ ଜଣ ଆହତ ହେବା ବିଷୟ କ'ଣ ପ୍ରଶାସନ ଭୁଲି ଗଲେଣି ନା କ'ଣ? ଏହି ପରିପ୍ରେକ୍ଷୀରେ ଧାର୍ମିକ ସ୍ଥଳୀ ରେ ଘଟି ଯାଇଥିବା ଅନେକ ଉଦାହରଣ ଦିଆ ଯାଇ ପାରେ ଯଥା :-

(୧) ୨୦୦୫ ମସିହାର କଥା ମହାରାଷ୍ଟ୍ର ପ୍ରଦେଶର ସତାର ଜିଲ୍ଲାର ଓ୍ୱାଇ ନିକଟବର୍ତ୍ତୀ ସମୁଦ୍ର ପତ୍ତନଠାରୁ ୪୬୫୦ ଫୁଟ ପାହାଡ଼ ଉପରେ ଅବସ୍ଥିତ ଶ୍ରୀ ମାନ୍ଧାରଦେବୀ କାଲୁଭାଇ ମନ୍ଦିରରେ ଜାନୁଆରୀ ମାସ ୨୬ ତାରିଖ ଦିନ ଏକ ଧାର୍ମିକ ଅନୁଷ୍ଠାନରେ ଯୋଗଦେବା ଅବସ୍ଥାରେ ସିଡ଼ିରୁ ଗୋଡ଼ ଖସି ପଡି ପ୍ରାୟ ୩୫୦ ଜଣ ମୃତ୍ୟୁ ବରଣ କରିଥିଲେ ଏବଂ ୨୦୦ ଜଣ ଆହତ ହୋଇଥିଲେ, ସେତେବେଳେ ଏହା ଖୁବ୍ ଚର୍ଚ୍ଚାର ବିଷୟ ପାଲଟି ଯାଇଥିଲା (୨) ଅଗଷ୍ଟ ମାସ ୦୩ ତାରିଖ ୨୦୦୮ ମସିହା ହିମାଚଳ ପ୍ରଦେଶର ନୟନା ଦେବୀ ମନ୍ଦିରରେ ଏକ ଅଘଟଣ ଘଟି ପାଖାପାଖି ୧୫୦ ଜଣ ଭକ୍ତଙ୍କ ଦୁଃଖଦ ମୃତ୍ୟୁ ଘଟିଥିଲା ତନ୍ମଧ୍ୟରୁ ଅନେକ ମହିଳା ଏବଂ ଶିଶୁ ଥିଲେ (୩) ସେହିପରି କେରଳରେ ମନ୍ଦିର ମଧ୍ୟରେ ଆତସବାଜି ଦୁର୍ଘଟଣାରେ ୧୨୦ ଜଣ ଭକ୍ତଙ୍କର ଅକାଳ ମୃତ୍ୟୁ ହୋଇଥିଲା (୪) ସେପ୍ଟେମ୍ବର ୩୦ ତାରିଖ ୨୦୦୮ ମସିହା ଯୋଧପୁର ରାଜସ୍ଥାନ ଠାରେ ଚାମୁଣ୍ଡି ଦେବୀଙ୍କ ମନ୍ଦିରରେ ବୋମା ରଖାଯାଇଥିବା ଗୁଜବ ଜନିତ ଠେଲା ପେଲା ରେ ୨୦୦ ରୁ ଅଧିକ ଯାତ୍ରୀଙ୍କ ମୃତ୍ୟୁ ତଥା ୬୦ ରୁ ଅଧିକ ଆହତ ହୋଇଥିଲେ (୫) ୦୪ ମାର୍ଚ୍ଚ ୨୦୧୦ ସ୍ଥାନ ପ୍ରତାପ ଗଡ଼, ଉତ୍ତରପ୍ରଦେଶ, କୃପାଳୁ ମହାରାଜଙ୍କ ଆଶ୍ରମରେ ୧୦ ହଜାରରୁ ଅଧିକ ଶ୍ରଦ୍ଧାଳୁ ଏକତ୍ରିତ ହୋଇଥିବା ସମୟରେ ଗେଟ ଭାଙ୍ଗି ୬୩ ଜଣ ମୃତ୍ୟୁ ବରଣ ତଥା ୧୫ ଜଣ ଆହତ ହୋଇଥିଲେ (୬) ଜାନୁଆରୀ ମାସ ୧୫ ତାରିଖ ୨୦୧୧ ମସିହା ବିଖ୍ୟାତ ସାବରୀମାଳା ମନ୍ଦିରରେ ଘଟିଥିବା ଅଘଟଣ ଦ୍ୱାରା ୧୦୪ ଆୟାପ୍ପା ଭକ୍ତଙ୍କ ମୃତ୍ୟୁ ସହିତ ୫୦ ଜଣ ଆହତ ହୋଇଥିଲେ (୭) ୧୪ ଅକ୍ଟୋବର ୨୦୧୩ ମଧ୍ୟପ୍ରଦେଶର ଦାତିଆ ଠାରେ ଅବସ୍ଥିତ ରତ୍ନଗଡ଼ ମାତା ମନ୍ଦିରର ସନ୍ନିକଟ ଠାରେ ଏକ ଗୁଜବ ଦ୍ୱାରା ୯୧ ଜଣ ଭକ୍ତ ପ୍ରାଣତ୍ୟାଗ କରିଥିଲେ, ଗୁଜବଟି ଏପରି ଥିଲା କି ସେମାନେ ଯାଉଥିବା ପୋଲଟି ଭୁଶୁଡି ପଡିବ ସେଇଥିରୁ ଆରମ୍ଭ ହୋଇଗଲା ହଇଗୋଳ ଏବଂ ଦୁର୍ଘଟଣାର ସୂତ୍ରପାତ (୮) ୧୯ ନଭେମ୍ବର ୨୦୧୨ ପାଟଣା ସହରରେ ଗଙ୍ଗା ନଦୀରେ ଛଟ୍ ପୂଜା ଅବସରରେ ପ୍ରାୟ ୨୦ ଜଣଙ୍କର ଜୀବନ ଦୀପ ଲିଭି ଯାଇଥିଲା (୯) ୧୪ ଜୁଲାଇ ୨୦୧୫ ମସିହା ଆନ୍ଧ୍ର ପ୍ରଦେଶର ରାଜ ମହେନ୍ଦ୍ରୀ ଠାରେ ଗୋଦାବରୀ ନଦୀରେ ପୂଜାର୍ଚ୍ଚନା ସମୟରେ ୨୦ ଜଣଙ୍କର ମୃତ୍ୟୁ ହୋଇଥିଲା (୧୦) ୦୧ ଜାନୁଆରୀ ୨୦୨୨ ମସିହାରେ ମାତା ବୈଷ୍ଣଦେବୀ ମନ୍ଦିରରେ ଅତ୍ୟଧିକ ଭିଡ଼ ଜନିତ ଏକ ଅଘଟଣ ଘଟି ଗେଟ ନମ୍ବର ୩ ରେ ୧୨ ଜଣଙ୍କର ମୃତ୍ୟୁ ସହିତ ଅନେକ ଭକ୍ତ ଆହତ ହୋଇଥିଲେ , ଏହି ସବୁ ଉଦାହରଣ ଛଡା ଆହୁରି ଅନେକ ଇତିହାସରେ ଲିପିବଦ୍ଧ ହୋଇ ରହିଛି । ୨୦୨୩ ମସିହା ନଭେମ୍ବର ମାସ ୧୦ ତାରିଖ ଦିନ ଶ୍ରୀ ଜଗନ୍ନାଥ ମନ୍ଦିରରେ ଅତ୍ୟଧିକ ଭିଡ, ବିଶୃଙ୍ଖଳିତ ଦର୍ଶନ ସମୟର ୩୦ ଜଣରୁ ଉର୍ଦ୍ଧ୍ୱ ଭକ୍ତ ଆହତ ହୋଇଛନ୍ତି । ଏଥିପାଇଁ କିଏ ଦାୟୀ ଭକ୍ତ ନା ପ୍ରଶାସନ ନା ଆମର ମାନସିକତା ? ଶୃଙ୍ଖଳା ଶବ୍ଦଟି ପ୍ରାୟ ସମସ୍ତେ ଭୁଲି ଯାଉଛନ୍ତି । ଫଳ ସ୍ୱରୂପ ଏପରି ଦୁର୍ଘଟଣାକୁ ଆମନ୍ତ୍ରଣ କରୁଛନ୍ତି।

ମହାକୁମ୍ଭ ଜନିତ ଦୁର୍ଘଟଣାକୁ ଯଦି ତର୍ଜମା କରିବା ତେବେ ୨୯ ଜାନୁଆରୀ ୨୦୨୫ ମସିହା ଦିନ ଦଳା ଚକଟାରେ ୩୦ ଜଣ ଶ୍ରଦ୍ଧାଳୁଙ୍କ ଜୀବନ ଚାଲିଗଲା , ତାହା ପରେ ଏକାଧିକ ଥର ଅସ୍ଥାୟୀ ଶିବିର ଗୁଡିକ ଅଗ୍ନିର ଲେଲିହାନ ଶିଖାରେ ଧ୍ୱଂସ ହୋଇ ଗଲା, ୧୬ ଫେବୃଆରୀ ୨୦୨୫ ସମୟ ସକାଳ ଏକ ଦୁଃଖଦ ଘଟଣା ମନକୁ ଭାରାକ୍ରାନ୍ତ କରିଦେଲା, ନୂଆଦିଲ୍ଲୀ ଷ୍ଟେସନରେ ଦଳାଚକଟା ଜନିତ ୧୮ ଜଣଙ୍କ ମୃତ୍ୟୁ ସମ୍ବାଦ ସାରା ଭାରତର ଟିଭି ପରଦାରେ ଦୃଶ୍ୟମାନ ହେଲା ୪ ଜଣ ଶିଶୁ ତଥା ମହିଳା ମାନଙ୍କ ମୃତଦେହ ତଥା ଶତାଧିକ ଆହତ ମାନଙ୍କୁ ସ୍ଥାନୀୟ ମେଡିକାଲରେ ଭର୍ତ୍ତି କରାଗଲା । ସରକାର କ୍ଷତି ପୂରଣ ଘୋଷଣା କରିଦେଇ ନିଜ ମୁଣ୍ଡରୁ ପାପ ଧୋଇ ଦେଲେ । ଯାଞ୍ଚ ପାଇଁ ନିର୍ଦ୍ଦେଶ ଦିଆଗଲା ଯାଞ୍ଚ ର ଫଳାଫଳ ଜାଣିବା ପାଇଁ ଜନତାଙ୍କ ନିକଟରେ ସମୟ ନାହିଁ କହିଲେ ଚଳେ, ଦୋଷୀ ଦଣ୍ଡ ପାଇବା ନ ପାଇବା ଏକ ସରକାରୀ ପ୍ରହସନ ମାତ୍ର । ତେବେ ଏଠାରେ କ'ଣ ସବୁଠାରେ କୁହାଯାଇ ପାରେ ପ୍ରଶାସନ ଦାୟୀ , ବଡ଼ ବଡ଼ିଆ କର୍ମଚାରୀ ଧରାକୁ ସରା ଜ୍ଞାନ କରନ୍ତି, ନିଜର ଦୂର ଦୃଷ୍ଟିକୁ କାର୍ଯ୍ୟରେ ଲଗାନ୍ତି ନାହିଁ ଆଉ ବିଭାଗୀୟ ମନ୍ତ୍ରୀ ସର୍ବେସର୍ବା କାରଣ ତାଙ୍କ ପାଖରେ ସରକାରୀ ବଳ ଅଛି କଥାରେ ଅଛି 'ବ୍ରହ୍ମା ବିଳିବିଳେଇଲେ ବେଦ ' ସେମାନେ ଅତି ଜ୍ଞାନୀ ଅତି ଗୁଣି ଏବଂ ଅତି ମାନୀ ମହା ପଣ୍ଡିତ । ପଦସ୍ଥ ଅଧିକାରୀ ମାନେ ଭିଡ଼କୁ ଦେଖି ନିଜେ କିପରି ଭିଡକୁ ଆୟତ୍ତ କରାଯିବ ତାହା ନକରି ଘରେ କମ୍ବଳ ଘୋଡ଼ି ହୋଇ ଶୋଇଥିବେ ବା କେଉଁଠି ମଉଜ ମଜଲିସ୍ କରୁଥିବେ, ଭିଡ଼ ତଥା ବିଶୃଙ୍ଖଳା ଜନିତ ଏହି ଅକାଳ ମୃତ୍ୟୁ ପାଇଁ କିଏ ଦାୟୀ ହେବେ ? ଅତ୍ୟଧିକ ଭିଡ଼, ବିଶୃଙ୍ଖଳିତ କାର୍ଯ୍ୟ ପାଇଁ ଯେଉଁ ଅମୂଲ୍ୟ ଜୀବନ ଚାଲିଗଲା ତାକୁ କିଛି ସହାୟତା ମାଧ୍ୟମରେ ସମାଧାନ କରିବା କେତେ ଦୂର ଯୁକ୍ତି ଯୁକ୍ତ ? ଯେଉଁ ମାନେ କର୍ତ୍ତବ୍ୟରେ ଅବହେଳା କରୁଛନ୍ତି ସେମାନଙ୍କୁ ନିୟମ ଅନୁସାରେ ଦଣ୍ଡିତ କରିବା ଉଚିତ । ପୁରୀ ଅଘଟଣ ଘଟିଲା ପ୍ରଶାସନର ଦାୟିତ୍ୱହୀନତା ପାଇଁ। ଏହି ଅଘଟଣ ନିମନ୍ତେ ତୁରନ୍ତ ଜିଲ୍ଲାପାଳ, ଆରକ୍ଷୀ ଅଧିକ୍ଷକ ବଦଳି ହେଲେ କିନ୍ତୁ କାହିଁକି ? ରଥ ଯାତ୍ରା ସମୟରେ ଏମାନଙ୍କ ଭୂମିକା କ'ଣ ଥିଲା ? ତେବେ ମନ୍ତ୍ରୀ, ମୁଖ୍ୟ ପ୍ରଶାସକ, ବଡ଼ ବଡ଼ ପୋଲିସ ଅଧିକାରୀ ମନ୍ଦିର ସେବାୟତ ଏମାନେ କ'ଣ ଜିଲ୍ଲାପାଳ ତଥା ଏସ୍ ପିଙ୍କ ନିୟନ୍ତ୍ରଣରେ ଥିଲେ ? ସବୁ ସମୟରେ ଯାହା ହୁଏ ତାହାହିଁ ହେଲା ତଳିଆ କର୍ମଚାରୀ ବଳି ପଡିଲେ।

ଆଉ ଗୋଟାଏ କଥା ହେଲା ଧାର୍ମିକ ସ୍ଥଳ ଗୁଡିକରେ ଶୃଙ୍ଖଳା ରକ୍ଷା କରିବା ପାଇଁ ନିୟୋଜିତ ଅଧିକାରୀ ମାନଙ୍କ ନିର୍ଦ୍ଦେଶ ଅମାନ୍ୟ କରି ଅନେକ ଶ୍ରଦ୍ଧାଳୁ ଦୁର୍ଘଟଣାକୁ ସ୍ୱାଗତ କରନ୍ତି, ଫଳରେ ନିଜ ସହିତ ଅନେକ ନିରୀହ ଶ୍ରଦ୍ଧାଳୁ ଦୁର୍ଘଟଣାର ଶିକାର ହେବାର ଅନେକ ଦୃଷ୍ଟାନ୍ତ ଦେଖିବାକୁ ମିଳିଛି । ସ୍ୱାଧୀନତାର ମାନେ ନୁହେଁ ଯେ ଆମେ ଯାହା ଇଚ୍ଛା ତା କରିବା, ତେଣୁ ଜନଗହଳି ପୂର୍ଣ୍ଣ ସ୍ଥାନରେ ସଦା ସର୍ବଦା ଆଇନ କାନୁନ ମାନି ଶୃଙ୍ଖଳିତ ଭାବେ ନିଜର ପୂଜାର୍ଚ୍ଚନା , ଉପାସନା ତଥା ପ୍ରାର୍ଥନା ଇତ୍ୟାଦି ଯଥା ଶୀଘ୍ର ସମାପ୍ତ କରି ଅନ୍ୟ ଭକ୍ତ ମାନଙ୍କୁ ସୁଯୋଗ ଦେବା ଉଚିତ ଫଳରେ ଅନ୍ୟ ଶ୍ରଦ୍ଧାଳୁ ମାନେ କୌଣସି ପ୍ରକାର ଅସୁବିଧାର ସମ୍ମୁଖୀନ ହେବେ ନାହିଁ କିମ୍ବା ଅଯଥା ଭିଡ଼ ହେବ ନାହିଁ । ଦୁର୍ଘଟଣା ପରେ ଚିରାଚରିତ ଭାବେ ଅନୁସନ୍ଧାନ ହୁଏ, ବଡ଼ ବଡ଼ିଆ ଖସି ଯା'ନ୍ତି ବିଚାରା ମୁଣ୍ଡ ଝାଳ ତୁଣ୍ଡରେ ମାରି ସଚ୍ଚୋଟ ଭାବେ କାର୍ଯ୍ୟ ନିର୍ବାହ କରୁଥିବା କିଛି ସ୍ୱଳ୍ପ ବେତନ ଭୋଗୀ କାର୍ଯ୍ୟରୁ ନିଲମ୍ବନ ହୁଅନ୍ତି, ମୃତାହତ ମାନଙ୍କୁ ସରକାର ଟିକସ ପଇସାରୁ କ୍ଷତି ପୂରଣ ଦିଅନ୍ତି ତା' ପରେ ସବୁ ଗରମ ଅଣ୍ଡା , ଯିଏ ଯାହା ବାଟରେ ଚାଲି ଯା'ନ୍ତି କିନ୍ତୁ ସ୍ୱପରିଜନଙ୍କୁ ହରାଇ ଥିବା ବା କ୍ଷତ ବିକ୍ଷତ ହୋଇଥିବା ପରିବାରର ହୃଦୟରେ ସେହି ଦୁଃଖର ନିଆଁ ନ' ଲିଭି ପାଉଁଶ ତଳର ନିଆଁ ପରି ସାରା ଜୀବନ କୁହୁଳୁ ଥାଏ ଏହା ଭାଗ୍ୟର ବିଡମ୍ବନା ।

ମନରେ ପ୍ରଶ୍ନ ଉଙ୍କିମାରେ ନିରାପତ୍ତା ଜନିତ ନିୟମ କାନୁନକୁ ଧର୍ମ ନାମରେ ଅଣଦେଖା କରା ଯାଉଛି କାହିଁକି ? ଭି:ଆଇ:ପି ମାନଙ୍କୁ ଅତ୍ୟଧିକ ସମ୍ବେଦନଶୀଳ ସ୍ଥାନକୁ ଅଣା ଯାଉଛି କାହିଁକି ? ସେମାନେ ଅନ୍ୟ ଦିନ ମଧ୍ୟ ଆସି ପୂଜାର୍ଚ୍ଚନା କରି ପାରିବେ କିନ୍ତୁ ସାଧାରଣ ଜନତା ହୁଏତ ଆସିବା ସମ୍ଭବ ନୁହେଁ । ତେବେ ଏହି ସବୁ ଅସୁବିଧାକୁ ସାମ୍ନା କରିବାକୁ ଆମ ମାନସିକତା ବଦଳିବା ଦରକାର, ଭିଡ଼ ଦିନରେ ଦେବା ଦେବୀ ଦର୍ଶନ ନ'କରି ଅନ୍ୟ ଦିନ ମଧ୍ୟ କରାଯାଇ ପାରେ କଥାରେ ଅଛି 'ମନ ନିର୍ମଳ ଥିଲେ ଗାଡ଼ିଆ ଗଙ୍ଗା' ଅବଶ୍ୟ ଏହା ମୋର ନିଜସ୍ୱ ମତ, ସର୍ବସାଧାରଣ ଏକଥା ମାନନ୍ତୁ ଏକଥା ମୁଁ ଆଦୌ କହୁ ନାହିଁ । ତେବେ ଭି ଆଇ ପି ଙ୍କ ସୁରକ୍ଷା ପାଇଁ ହେଉଥିବା ବିଶୃଙ୍ଖଳା ମଧ୍ୟ ଗ୍ରହଣୀୟ ନୁହେଁ । ଆଉ ଏକ କଥା ମନେ ପଡ଼ିଯାଏ କୌଣସି ଭିଡ଼ ସ୍ଥାନକୁ ନ'ଯାଇ ମଧ୍ୟ ଘରେ ରହି ପୂଜାର୍ଚ୍ଚନା କରାଯାଇ ପାରେ କଥାରେ ଅଛି 'ସକଳ ତୀର୍ଥ ତୋ' ଚରଣେ ବଦ୍ରିକା ଯିବି କି କାରଣେ ? ଭକ୍ତ ମାନେ ତଥା ସର୍ବ ସାଧାରଣ ଖାଲି ପ୍ରଶାସନକୁ ଦୋଷ ଦେଇ ନିଜେ ଗୋଟା ତୁଳସୀ ହେଉଛନ୍ତି କାହିଁକି ? ଦୟାକରି ଟିକେ ହୃଦୟରୁ ଚିନ୍ତା କରନ୍ତୁ ସେମାନଙ୍କର କ'ଣ କିଛି ଦୋଷ ନାହିଁ ? ଛୋଟ ଛୋଟ ପିଲା, ବୟସ୍କ ବ୍ୟକ୍ତିଙ୍କୁ ଧରି ଅଯଥା ଭିଡ଼ ଜାଗାକୁ ଯାଇ ଧର୍ମ ନାମରେ ନିଜ ଜୀବନକୁ ବିପନ୍ନ କରିବାକୁ ଚେଷ୍ଟା କରନ୍ତୁ ନାହିଁ ।

# ସମଗ୍ର ବିଶ୍ୱ ଅସ୍ଥିରତା ଆଡକୁ...



ସୌଭାଗ୍ୟ ରଂଜନ ମହାନ୍ତି(ରାଜା)
ସମ୍ମାନ ଭବନ,
ଗାଙ୍ଗୋତ୍ରୀ ନଗର,ଶିଶୁପାଳଗଡ,
ମୋ-୯୪୩୭୯୯୪୩୭୯

ଇସ୍ରାଏଲର ସମର୍ଥନରେ ଇରାନର ଫୋର୍ଦୋ, ନାଟାଞ୍ଜି ଓ ଇସଫାହାନ ସ୍ଥିତ ଆଣବିକ କେନ୍ଦ୍ର ଉପରେ ଆମେରିକାର ଅତର୍କିତ ଆକ୍ରମଣ କେବଳ ତୃତୀୟ ବିଶ୍ୱ ଯୁଦ୍ଧ ଆଶଙ୍କା ସୃଷ୍ଟି କରିନାହିଁ, ସମଗ୍ର ବିଶ୍ୱକୁ ଅସ୍ଥିରତା ଆଡକୁ ଟାଣି ନେଇଛି ବୋଲି କୁହାଯାଇପାରିବ। ଇରାନ-ଇସ୍ରାଏଲ ଯୁଦ୍ଧରେ ଆମେରିକା ସାମିଲ ହେବା ଘଟଣାକୁ ନେଇ ବିଶ୍ୱର ଦୁଇ ପ୍ରମୁଖ ଶକ୍ତି ରୁଷ ଓ ଚୀନ ତୀବ୍ର ନିନ୍ଦା କରିଛନ୍ତି। ସେହିପରି ପଶ୍ଚିମ ଏସିଆ ଅଂଚଳରେ ବହୁ ମୁସଲିମ ରାଷ୍ଟ୍ର ମଧ୍ୟ ଖୋଲାଖୋଲି ଭାବେ ଆମେରିକାକୁ ନିନ୍ଦା କରି ଇରାନ ସପକ୍ଷରେ ଥିବା ସଂକେତ ଦେଇସାରିଲେଣି। କେବଳ ଏତିକି ନୁହେଁ, ଇରାନ-ଇସ୍ରାଏଲ ଯୁଦ୍ଧ ପରିପ୍ରେକ୍ଷୀରେ ତେହେରାନ ସମ୍ପର୍କରେ ଚିନ୍ତା କରିବାକୁ ଦୁଇ ମାସ ସମୟ ନେବା ପାଇଁ ଘୋଷଣା କରିବା ମାତ୍ର ଦୁଇଦିନ ପରେ ଆମେରିକାର ଟ୍ରମ୍ପ ପ୍ରଶାସନ ହଠାତ୍ ରାତିଅଧିଆ ଆକ୍ରମଣ କରିବା ସମଗ୍ର ବିଶ୍ୱ ପାଇଁ ଏବେ ବିପଦ ଆମନ୍ତ୍ରଣ କରିଛି। କେଉଁ ଦେଶ କାହା ସପକ୍ଷରେ ରହିବେ, ଏବେଠାରୁ ଜଣାପଡିସାରିଲାଣି । ବ୍ରିଟେନ, ସହ କିଛି ରାଷ୍ଟ୍ର ଆମେରିକା ସପକ୍ଷରେ ଖୋଲାଖୋଲି ଥିବା ଘୋଷଣା କରିଛନ୍ତି। ଅନ୍ୟପକ୍ଷରେ ଯଦି ଆମେରିକା ବିରୁଦ୍ଧରେ ଇରାନ ସାମରିକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରେ, ତେବେ ପରିଣତି ଭୟାବହ ହେବା ନେଇ ରାଷ୍ଟ୍ରପତି ଟ୍ରମ୍ପ ଚେତାବନୀ ଦେଇଥିବାବେଳେ ଏହାର ଯବାବ ଦେବା ପାଇଁ ତେହେରାନ ଘୋଷଣା କରିବା ସହ କତାର ସ୍ଥିତ ମାର୍କିନ ସାମରିକ ଘାଟି ଉପରେ କ୍ଷେପଣାସ୍ତ୍ର ମାଡ କରିଥିବା ଦାବି କରିଛି। ଆହୁରି ମଧ୍ୟ ଇରାନର କ୍ଷେପଣାସ୍ତ୍ର ମାଡରେ ଇସ୍ରାଏଲର ବ୍ୟାପକ କ୍ଷତି ହୋଇଥିବା କୁହାଯାଏ। ଇସ୍ରାଏଲ ଏକ ପ୍ରକାର ଅସ୍ତବ୍ୟସ୍ତ ହୋଇପଡିଥିବାବେଳେ ଏବଂ ଇରାନର ଜବାବୀ ଆକ୍ରମଣରେ ଆମେରିକା କି କାର୍ଯ୍ୟପନ୍ଥା ଗ୍ରହଣ କରୁଛି ଏବେ କେବଳ ଅପେକ୍ଷା। କହିବା ବାହୁଲ୍ୟ ଯେ, ଟ୍ରମ୍ପ ଯେତେବେଳେ କ୍ଷମତାର ବାହାରେ ଥିଲେ, ସେତେବେଳେ ନିଜକୁ ପିସମେକର(ଶାନ୍ତି ପ୍ରତିଷ୍ଠାକରୀ) ଭାବେ ଚିତ୍ରଣ କରୁଥିଲେ। ସେ ଆମେରିକାର ଯୁଦ୍ଧ ମନୋବୃତ୍ତି ବିରୁଦ୍ଧରେ ମତ ଦେଇଥିଲେ। ଏପରିକି ସେ ରାଷ୍ଟ୍ରପତି ଯଦି ଥାନ୍ତେ, ତେବେ ୟୁକ୍ରେନ-ରୁଷ ଏବଂ ଇସ୍ରାଏଲ-ହମାସ ଯୁଦ୍ଧ ହୋଇନଥାନ୍ତା। ସେ ରାଷ୍ଟ୍ରପତି ଭାବେ ନିର୍ବାଚିତ ହେଲେ ମାସକ ମଧ୍ୟରେ ଉଭୟ ଯୁଦ୍ଧ ବନ୍ଦ କରିବା ପାଇଁ ବାରମ୍ବାର ଘୋଷଣା କରିଥିଲେ। ନିଜକୁ ଶାନ୍ତି ପ୍ରତିଷ୍ଠାକାରୀ ଭାବେ ଚିତ୍ରଣ କରୁଥିବା ଟ୍ରମ୍ପ ଏବେ ଇରାନ-ଇସ୍ରାଏଲ ଯୁଦ୍ଧରେ ଅଂଶ ହୋଇସାରିଲେଣି। ଏହା ନିଃସନ୍ଦେହ ଯେ, ଇରାନର ଯୁଦ୍ଧଖୋର ନୀତି କାହାରିକୁ ଅଛପା ନୁହେଁ। ୟୁକ୍ରେନକୁ ଆମେରିକା ଉଭୟ ସାମରିକ ଓ ଆର୍ଥିକ ସହାୟତା ଦେଇ ରୁଷ ବିରୁଦ୍ଧରେ ଲଢାଉଥିବାବେଳେ ଇସ୍ରାଏଲ ତାର ମିତ୍ର ରାଷ୍ଟ୍ର ଭାବେ ଜଣାଶୁଣା। ଟ୍ରମ୍ପ କ୍ଷମତାକୁ ଆସିବା ପରେ ଶାନ୍ତି ପାଇଁ ପ୍ରତିଜ୍ଞାବଦ୍ଧ ହୋଇଥିଲେ। ମାତ୍ର କ୍ଷମତାର ୬ମାସ ପରେ ଏବେ ସେ ନିଜେ ଜଣେ ଯୁଦ୍ଧଖୋର ଓ ବୈଶ୍ୱିକ ଆକ୍ରମଣକାରୀରେ ପରିଣତ ହୋଇଛନ୍ତି ବୋଲି କହିଲେ ଅତିରଂଜିତ ହେବ ନାହିଁ। କହିବା ବାହୁଲ୍ୟ ଆମେରିକା ଯେବେ ଯୁଦ୍ଧକୁ ଆସେ, ନିଜର ଅତୀତର ଭୁଲରୁ କିଛି ଶିକ୍ଷା କରିପାରିନଥିବା ମନେହୁଏ। ୨୦୦୦ରେ ଆମେରିକା ଆଫଗାନ ଉପରେ ଆକ୍ରମଣ କରିଥିଲା। ସେଠାରୁ ଅଲ-କାଇଦାକୁ ଧ୍ୱଂସ କରିବା, ତାଲିବାନକୁ ହଟାଇବା ଏବଂ ଗଣତନ୍ତ୍ରିକ ଶାସନ ପ୍ରତିଷ୍ଠା କରିବା ପାଇଁ ପ୍ରତିଜ୍ଞା କରିଥିଲା। କିନ୍ତୁ ୨୦ବର୍ଷ ପରେ ତାଲିବାନକୁ କ୍ଷମତା ଦେଇ ଆଫଗାନରୁ ପ୍ରତ୍ୟାବର୍ତ୍ତନ କରିଥିଲା। ଇରାକ ଗଣବିଧ୍ୱଂସକାରୀ ରାସାୟନିକ ଓ ଜୈବିକ ଅସ୍ତ୍ରଶସ୍ତ୍ର ରଖିଥିବା ଅଭିଯୋଗକାରୀ ୨୦୦୩ରେ ଆକ୍ରମଣ କରିଥିଲା। ସେହିପରି ଲିବ୍ୟାବାସୀଙ୍କୁ ସ୍ୱେଚ୍ଛାଚାରୀ ଶାସକ କବଳରୁ ରକ୍ଷା କରିବା ପାଇଁ ୨୦୧୧ରେ ଲିବ୍ୟା ଆକ୍ରମଣ କରିଥିଲା। ତେବେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ହେଉଛି, ଇରାନ କୌଣସି ଆଣବିକ କାର୍ଯ୍ୟକ୍ରମ ଚଳାଉନଥିବା ନେଇ ଗତ ମାର୍ଚ୍ଚ ମାସରେ ଆମରିକାର ଗୋଇନ୍ଦା ସଂସ୍ଥା ରିପୋର୍ଟ ଦେଇଥିବାବେଳେ ହମାସ ଆକ୍ରମଣ ନେଇ ତା'ର ଯୁଦ୍ଧଖୋର ଓ ବିସ୍ତାରବାଦୀ ଆଭିମୁଖ୍ୟକୁ ସ୍ପଷ୍ଟ କରୁଛି ବୋଲି କୁହାଯାଇପାରେ। ଉଲ୍ଲେଖଯୋଗ୍ୟ ଯେ, ଅତୀତରେ ଥରେ ଆମେରିକା ଓ ଅନ୍ୟ ଆଣବିକ ଶକ୍ତି ସମ୍ପନ୍ନ ରାଷ୍ଟ୍ରଙ୍କ ସହ ଇରାନ ଆଣବିକ ନିରସ୍ତ୍ରୀକରଣ ଚୁକ୍ତି ସ୍ୱାକ୍ଷର କରିବା ସହ ତାର ଆଣବିକ କାର୍ଯ୍ୟକ୍ରମ ତଦାରଖ ପାଇଁ ଅନୁମତି ଦେଇଥିଲା। ମାତ୍ର ଏହି ଚୁକ୍ତିକୁ ଟ୍ରମ୍ପ ତାଙ୍କ ପ୍ରଥମ ପାଳି ରାଷ୍ଟ୍ରପତି ଥିବାବେଳେ ଚିରିଦେଇଥିଲେ। ଆଣବିକ କାର୍ଯ୍ୟକ୍ରମ ନେଇ ଇରାନ ପୁଣି ଥରେ ଆମେରିକା ସହ ଆଲୋଚନାରେ ସାମିଲ ଥିବାବେଳେ ଇସ୍ରାଏଲର ପ୍ରଧାନମନ୍ତ୍ରୀ ନେତାନ୍ୟୁହ ଏହାକୁ ଭଣ୍ଡୁର କରିଦେଇଥିଲେ। ଏବେ ଇରାନ ଯୁଦ୍ଧ ପଶ୍ଚିମ ଏସିଆର ସ୍ଥିରତା ଓ ବିଶ୍ୱ ଅର୍ଥନୀତିକୁ ପ୍ରଭାବିତ କରିବ ଏଥିରେ ସନ୍ଦେହ ନାହିଁ। ଛୋଟ ଛୋଟ ରାଷ୍ଟ୍ରଗୁଡିକ ନିଜର ସୁରକ୍ଷା ପାଇଁ ଅସ୍ତ୍ରଶସ୍ତ୍ର ପ୍ରତିଯୋଗିତାରେ ନିଜକୁ ସାମିଲ କରିବା ଅସ୍ୱୀକାର କରାଯାଇନପାରେ। ବୃହତ ଶକ୍ତି ରାଷ୍ଟ୍ରଗୁଡିକ ଏବେ ଆଉ ଟ୍ରମ୍ପଙ୍କ କଥାରେ ଭରସା କରିପାରିବେ ନାହିଁ। ଉତ୍ତର କୋରିଆ ତାର ଆଣବିକ କାର୍ଯ୍ୟକ୍ରମରୁ କେବେ ହେଲେ ଓହରିବ ନାହିଁ। ଯଦି ଏହି ଯୁଦ୍ଧରେ ଇରାନ ନିଜକୁ ସୁରକ୍ଷିତ ରଖେ, ସେ ନିଜର ଆଣବିକ କାର୍ଯ୍ୟକ୍ରମକୁ ଆହୁରି ଯୋରଦାର କରିବ, ଏଥିରେ ସନ୍ଦେହ ନାହିଁ। କତାର ସ୍ଥିତି ଆମେରିକାର ସାମରିକ ଘାଟି ଉପରେ ଇରାନର କ୍ଷେପଣାସ୍ତ୍ର ମାଡ ଯୁଦ୍ଧକୁ ଆହୁରି ବିପଦ ଆଡକୁ ଟାଣି ନେବା ଆଶଙ୍କା ସୃଷ୍ଟି କରିଛି, ଯାହା ତୃତୀୟ ବିଶ୍ୱଯୁଦ୍ଧକୁ ଆମନ୍ତ୍ରଣ କରିପାରେ। ଅନ୍ୟପକ୍ଷରେ ହରମୁଜ ପ୍ରଣାଳୀକୁ ବନ୍ଦ କରିଦେବା ପାଇଁ ଇରାନ ପାର୍ଲିଆମେଣ୍ଟ ନିଷ୍ପତ୍ତି ଗ୍ରହଣ କରିଛି। ପାରସ୍ୟ ଉପସାଗର ଓ ଓମାନ ଉପ-ସାଗରକୁ ସଂଯୋଗ କରୁଥିବା ଏହି ଜନପଥ ଦେଇ ବିଶ୍ୱର ମୋଟ ତୈଳ ଓ ପ୍ରାକୃତିକ ଗ୍ୟାସର ୨୫ ପ୍ରତିଶତ ପରିବହନ ହୋଇଥାଏ। ତୈଳ ପରିବହନ ବନ୍ଦ ହୋଇଗଲେ, ବିଶ୍ୱର ବହୁ ରାଷ୍ଟ୍ରରେ ତୈଳ ସଂକଟ ସୃଷ୍ଟି ହେବା ସହ ପେଟ୍ରୋଲଜାତ ସାମଗ୍ରୀର ଦର ବଢିବ। ଯୁଦ୍ଧ ଯୋଗୁଁ ଇତି ମଧ୍ୟରେ ଅଶୋଧିତ ତୈଳର ମୂଲ୍ୟ ବ୍ୟାରେଲ ପିଛା ୮୦ଡଲାରକୁ ବୃଦ୍ଧି ପାଇସାରିଲାଣି। ଆହୁରି ବଢିବ। ପେଟ୍ରୋଲ, ଡିଜେଲର ମୂଲ୍ୟ ବଢିଲେ, ବିଭିନ୍ନ ସାମଗ୍ରୀର ଦର ବଢିବ। ଯାହା ବିଶ୍ୱ ଅର୍ଥନୀତିକୁ ପ୍ରଭାବିତ କରିବା ଆଶଙ୍କା କରାଯାଏ। ନେତାନ୍ୟୁହ ନିଜର ଗାଦି ସୁରକ୍ଷିତ କରିବା ପାଇଁ ଯୁଦ୍ଧର ମାହୋଲ ରଚିଛନ୍ତି। ଇସ୍ରାଏଲ ଯୁଦ୍ଧ ଏବେ ଆମେରିକା ଯୁଦ୍ଧରେ ପରିଣତ ହୋଇଛି। ଏହା କେବଳ ପଶ୍ଚିମ ଏସୀଆ ପାଇଁ ନୁହେଁ, ସମଗ୍ର ବିଶ୍ୱ ପାଇଁ ଅନ୍ଧାକାରକୁ ଆମନ୍ତ୍ରଣ କରୁଛି ବୋଲି କହିଲେ ଭୁଲ ହୋଇନପାରେ।

Printed & Published by Basanti Roy on behalf of Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.
Editor : Jayasish Roy E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022 ସମ୍ପାଦକ : ଜୟାଶୀଷ ରାୟ

31 YEARS
ସମ୍ବାଦ କଳିଙ୍ଗ
ଭୁବନେଶ୍ୱର, ୧ ଜୁଲାଇ ୨୦୨୫ ମଙ୍ଗଳବାର





# ବର୍ଷା ହେଲେ ତମାଣ୍ଡୋ ଅଣ୍ଡରପାସ୍‌ରେ ଜମୁଛି ଆଣ୍ଠୁଏ ପାଣି:ହନ୍ତସନ୍ତ ହେଉଛନ୍ତି ୧୬ ଗ୍ରାମର ଲୋକେ

**ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ**

ଅସରାଏ ବର୍ଷାରେ ଭାସୁଛି ତମାଣ୍ଡୋ ଅଣ୍ଡରପାସ୍ ଓ କାଳୀବଜାର। ଗତ ୭ ବର୍ଷ ହେଲା ବର୍ଷା ଦିନେ ଏପରି ସ୍ଥିତି ଉପୁଜୁଥିଲେ ହେଁ ଜାତୀୟ ରାଜପଥ ପ୍ରାଧିକରଣ (ଏନ୍‌ଏଚ୍‌ଏଆଇ) ଏହାର ସ୍ଥାୟୀ ସମାଧାନ କରୁନାହିଁ। ବାରମ୍ବାର ଖବର ପ୍ରକାଶ ପରେ ୨୦୨୩ ମସିହାରେ ଅଣ୍ଡରପାସ୍‌କୁ ଉଚ୍ଚ କରିଦେଲେ। ହେଲେ ମୂଳ ସମସ୍ୟାର ସମାଧାନ କଲେନି। ତମାଣ୍ଡୋ ବଜାର ଉପରେ କାଶୀପୁର, ବାଲିଆପାଳ, ନଁପୁଟ, ମହୁରା, ରେତଙ୍ଗ, ବାଲିଆପଡ଼ା, ଯାଁଳା, ମଦନପୁର, ବଡ଼ରଘୁନାଥପୁର, ଅରିସଲ, କାଇମାଟିଆ, ଜାଗସରାପାଟଣା, ନାରଗୋଦା, କାଇମାଟିଆ, ପାତ୍ରପଡ଼ା, କଳିଙ୍ଗବିହାରର ଲୋକେ ନିର୍ଭର କରନ୍ତି। ଗୋଟିଏ ସ୍ଥାନରେ ସବୁ ଆବଶ୍ୟକ ସାମଗ୍ରୀ ମିଳୁଥିବାରୁ ପ୍ରତିଦିନ ଲୋକ ବଜାର କରିବାକୁ ଆସନ୍ତି। କିନ୍ତୁ ଅଣ୍ଡରପାସ୍‌ରେ ପାଣି ଜମିବା ଫଳରେ ଏହି ସମସ୍ୟାକୁ ନେଇ ଏବେ ସ୍ଥାନୀୟ ଅଞ୍ଚଳବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଆଗକୁ ଆହୁରି ବର୍ଷା ହେଲେ ଅଞ୍ଚଳବାସୀ ଜଳବନ୍ଦୀ ହେବାର ଆଶଙ୍କା ପ୍ରକାଶ ପାଇଛି। ଏହି ସମସ୍ୟାର ଶୀଘ୍ର ସମାଧାନ କରାନଗଲେ ଲୋକେ ରାଜରାସ୍ତାକୁ ଓହ୍ଲାଇବେ ବୋଲି



ଚେତାବନୀ ଦେଇଛନ୍ତି। ସ୍ଥାନୀୟ ଲୋକ କହିଛନ୍ତି, ଅଣ୍ଡରପାସ୍ ତିଆରି ହେବା ପରେ ଏଠାରେ ବର୍ଷାଜଳ ନିଷ୍କାସନ ନେଇ ସମସ୍ୟା ଦେଖାଦେଇଥିଲା। ଡ୍ରେନ୍ ଠିକ୍ ଭାବରେ କାମ କରୁନଥିବାରୁ ବର୍ଷାଜଳକୁ ପୂର୍ବରୁ ଖାଲିଥିବା ଏକ ବେସରକାରୀ ଜମିକୁ ଛଡ଼ା ଯାଉଥିଲା। ମାତ୍ର ଗତ ୩ ବର୍ଷ ହେବ ଉକ୍ତ ଜମିର ମାଲିକ ସେଠାରେ ଦୋକାନ ତିଆରି କରିବା ପରେ ତାଙ୍କ ଜମିକୁ ପାଣି ଛାଡ଼ିବାକୁ ବିରୋଧ କରିବା ସହ ନଳାରେ ମାଟି ପକାଇ ମୁହଁ ବନ୍ଦ କରିଦେଇଛନ୍ତି। ଯେଉଁଥିପାଇଁ ବର୍ତ୍ତମାନ ଅସରାଏ ବର୍ଷା ହେଲେ ଅଣ୍ଡରପାସ୍‌ର ଉଭୟ ପାଖରେ ଅଣ୍ଠାଏ ଉଚ୍ଚର ପାଣି ଜମୁଛି। ବର୍ଷେତଳେ ଏନ୍‌ଏଚ୍‌ଏଆଇ ପକ୍ଷରୁ ବଜୁରି ପକାଯାଇଥିଲା। ହେଲେ ତାହା ଅଳ୍ପ ଦିନରେ ଉଠି ପୁଣି ଗାତ ହୋଇଗଲା। ଏ ନେଇ ସ୍ଥାନୀୟ ସରପଞ୍ଚ ସନ୍ଧ୍ୟା ଜେନା କହିଛନ୍ତି, ଡ୍ରେନ୍ ପାଣି ପାଇପ୍ ସଂଯୋଗ କାମ ଆରମ୍ଭ ହୋଇଛି। ଏହା ହୁଣ୍ଡାଇ ସୋ'ରୁମ୍ ନିକଟ ନାଳରେ ସଂଯୋଗ ହୋଇଗଲେ ଆଉ ସମସ୍ୟା ରହିବ ନାହିଁ।

# ଲଗାଣ ଝଡ଼ବର୍ଷାରେ ଭାଙ୍ଗିଲା ଆଖଣ୍ଡଳମଣିଙ୍କ ମନ୍ଦିର ଚୂଡ଼ାର ତ୍ରିଶୂଳ ଦଣ୍ଡ



**ଭଦ୍ରକ, ନ୍ୟୁଜ୍ ବ୍ୟୁରୋ**

ଗତ କିଛିଦିନ ହେଲା ସକ୍ରିୟ ମୌସୁମୀ ଓ ଲଘୁଚାପ ପ୍ରଭାବରେ ଆରଡି ତଥା ଆଖପାଖ ଅଞ୍ଚଳରେ ଲାଗି ରହିଛି ଲଗାଣ ବର୍ଷା। ଲଗାଣ ଝଡବର୍ଷାରେ ରାତିରେ ଭାଙ୍ଗି ଯାଇଛି ଆଖଣ୍ଡଳମଣିଙ୍କ ମନ୍ଦିର ଚୂଡ଼ାର ତ୍ରିଶୂଳ ଦଣ୍ଡ । ଫଳରେ ତ୍ରିଶୂଳ ଦଣ୍ଡରେ ଲାଗି ହୋଇଥିବା ବାନା ଖସି ପଡିଛି। ଭୋର୍ ବାବାଙ୍କ ପହିଲୁ ନୀତି ସମୟରେ ଦ୍ୱାରଫିଟା ବେଳକୁ ଏପରି ଘଟଣା ଦେଖିବାକୁ ପାଇଥିଲେ ସେବାୟତମାନେ। ତୁରନ୍ତ ଏପରି ଖବର ମନ୍ଦିର ପ୍ରଶାସନକୁ ଜଣାଇଥିଲେ। ତାହାସହ ପୁଣି ଦଧି ନଉତିର ଥିବା ଅଷ୍ଟଧାତୁ ନିର୍ମିତ ତ୍ରିଶୂଳର ବାମ ପାର୍ଶ୍ୱ ଅର ବଙ୍କି ଯିବା ସହ ଢଳି ରହିଛି। ପୂର୍ବରୁ ଦୀର୍ଘ ଦେଢବର୍ଷ ତଳେ ପବନ ବର୍ଷାରେ ତ୍ରିଶୂଳର ମଧ୍ୟଭାଗ ଅର ଭାଙ୍ଗି ଖସିପଡିଥିଲା। ଏପରି ଖବର ପାଇବା ପରେ ରାଜ୍ୟ ପ୍ରତ୍ନତତ୍ତ୍ୱ ବିଭାଗ ପକ୍ଷରୁ ମରାମତି କରାଯାଇଥିଲା। ହେଲେ ଠିକ୍ ଭାବେ ମରାମତି ହୋଇନଥିବାରୁ ପୁଣି ଏପରି ଅଘଟଣ ଦେଖାଦେଇଥିବା କହିଛନ୍ତି ସେବାୟତ। ପରେ ମନ୍ଦିରରେ ଏକ ନୂଆ ବାନା ଲାଗି ହେବାପରେ ବାବାଙ୍କ ସକାଳଧୂପ ସହ ଅନ୍ୟାନ୍ୟ ନୀତି ସମ୍ପନ୍ନ ହୋଇଥିଲା।

## ସାପ କାମୁଡ଼ା ଏବଂ ବଜ୍ରପାତ ଉପରେ ସଚେତନତା କାର୍ଯ୍ୟକ୍ରମ

**ପାଟଣାଗଡ଼, ନ୍ୟୁଜ୍ ବ୍ୟୁରୋ**

ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟ ପାଟଣାଗଡ଼ ଉପଖଣ୍ଡ ଖାପାଖୋଲ ବ୍ଲକ କରୁଆଁଝରର ଇକୋ କ୍ଲବ, ଜୁନିଅର ରେଡକ୍ରସ ଏବଂ ଏନାର୍ଜି କ୍ଲବର ମିଳିତ ସହଯୋଗରେ ବଜ୍ରପାତ ଏବଂ ସାପ କାମୁଡ଼ା ଉପରେ ଏକ ବ୍ୟାପକ ସଚେତନତା କାର୍ଯ୍ୟକ୍ରମ ଆୟୋଜନ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ପ୍ରଧାନ ଶିକ୍ଷକ ଅଚ୍ୟୁତାନନ୍ଦ ସାହୁଙ୍କ ତତ୍ତ୍ୱାବଧାନ କରିଥିଲେ । ଇକୋ କ୍ଲବ ଏବଂ ଜୁନିଅର ରେଡକ୍ରସ୍ ମୁଖ୍ୟ ଆକାଶ କୁମାର ସାହୁ ଏବଂ ଏନର୍ଜି କ୍ଲବର ମୁଖ୍ୟ ଜିତେନ୍ଦ୍ର ସର୍ଭଙ୍ଗଙ୍କ ନେତୃତ୍ୱରେ ଅନୁଷ୍ଠିତ ହୋଇଥିଲା। ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଏବଂ କର୍ମଚାରୀଙ୍କ ମୂଲ୍ୟବାନ ସହଯୋଗ ଥିଲା। ଏହି କାର୍ଯ୍ୟକ୍ରମର ଲକ୍ଷ୍ୟ ଛାତ୍ରଛାତ୍ରୀ ଏବଂ ସମ୍ପ୍ରଦାୟକୁ ବଜ୍ରପାତ ଏବଂ ସାପ କାମୁଡ଼ା ବିପଦ ଉପରେ ଏବଂ ଆବଶ୍ୟକୀୟ ସତର୍କତା ଏବଂ ଚିକିତ୍ସା ବିଷୟରେ ଶିକ୍ଷା ଦିଆଯାଇଥିଲା। ଆକାଶ କୁମାର ସାହୁ ବଜ୍ରପାତ, ଏହାର ସତର୍କତା ଏବଂ ଚିକିତ୍ସା ବିଷୟରେ ଏକ ସୂଚନାପ୍ରଦ ବକ୍ତବ୍ୟ ପ୍ରଦାନ କରିଥିଲେ। ସେ ପୀଡିତମାନଙ୍କ ପାଇଁ ଉପଲବ୍ଧ ଅନୁଦାନ ସହାୟତା ବିଷୟରେ ମଧ୍ୟ ବିସ୍ତୃତ ଭାବରେ ବର୍ଣ୍ଣନା କରିଥିଲେ। ପରେ ଏନାର୍ଜି କ୍ଲବର ଜିତେନ୍ଦ୍ର ସର୍ଭଙ୍ଗ ବିଭିନ୍ନ ପ୍ରକାରର ସାପ କାମୁଡ଼ା ଏବଂ ସେମାନଙ୍କର ଚିକିତ୍ସା ବିଷୟରେ ବର୍ଣ୍ଣନା କରିଥିଲେ। ହଠାତ୍ ସାପ କାମୁଡିଲେ କି ବଜ୍ରପାତ ହେଲେ କ'ଣ କରିବେ ସେ ବିଷୟରେ ଶିକ୍ଷା ଆଲୋଚନା କରାଯାଇଥିଲା । ଯାହାଦ୍ୱାରା ଛାତ୍ରଛାତ୍ରୀମାନେ ଗୁରୁତ୍ୱପୂର୍ଣ୍ଣ ସୂଚନା ବୁଝିପାରିବେ। ଏହି କାର୍ଯ୍ୟକ୍ରମଟି ଭଲ ଭାବରେ ଉଦାହରଣ ଦେଇ ବୁଝାଯାଇଥିଲା ଏବଂ ଛାତ୍ରଛାତ୍ରୀମାନେ ଆଲୋଚନାରେ ସକ୍ରିୟ ଭାବରେ ଅଂଶଗ୍ରହଣ କରିଥିଲେ। ଏହି ସଚେତନତା କାର୍ଯ୍ୟକ୍ରମ ଛାତ୍ରଛାତ୍ରୀ ଏବଂ ସମାଜକୁ ଜୀବନ ରକ୍ଷାକାରୀ ଜ୍ଞାନ ସହିତ ସଶକ୍ତ କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଥିଲା ବୋଲି ପ୍ରଧାନ ଶିକ୍ଷକ ପ୍ରଶଂସା କରିଥିଲେ।

## 'ମିଳନୀ'ରେ ଆଦ୍ୟ ମୌସୁମୀ ସାହିତ୍ୟ ଆସର

**କେନ୍ଦୁଝର, ନ୍ୟୁଜ୍ ବ୍ୟୁରୋ**

ଅଗ୍ରଣୀ ସାରସ୍ୱତ ଅନୁଷ୍ଠାନ ମିଳନୀ ସାହିତ୍ୟ ସଂସଦ ପକ୍ଷରୁ ଆଦ୍ୟ ମୌସୁମୀ ସାହିତ୍ୟ ଆସର ଅନୁଷ୍ଠାନର ସଭାପତି କବି ଦେବାଶିଷ ଚକ୍ରବର୍ତ୍ତୀଙ୍କ ସଭାପତିତ୍ୱରେ ମିଳନୀ ସାହିତ୍ୟ ସଂସଦ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଡାକ୍ତର ଭାରତୀମଣି ବେହେରା ପ୍ରଦୀପ ପ୍ରଜ୍ଜ୍ୱଳନ କରି ଉତ୍ସବର ଶୁଭାରମ୍ଭ କରିଥିଲେ। ବିଶିଷ୍ଟ କବି ଚିନ୍ତାମଣି ମହାଳିକ କାର୍ଯ୍ୟକ୍ରମ ସୂଚନା ଦେଇଥିଲେ। ବିଶିଷ୍ଟ ସାହିତ୍ୟିକା ରିତାଞ୍ଜଳି ସାହୁ ମୁଖ୍ୟବକ୍ତା ଭାବେ ଯୋଗଦେଇ ଶ୍ରୀଜଗନ୍ନାଥଙ୍କୁ ଉତ୍କଳୀୟ ସାହିତ୍ୟର ନାଭିକେନ୍ଦ୍ର ଭାବରେ ଅଭିହିତ କରିଥିଲେ। କବି ଦେବାଶିଷ ଚକ୍ରବର୍ତ୍ତୀ ତାଙ୍କର ସଭାପତିୟ ଅଭିଭାଷଣରେ ବର୍ଷାକୁ ସାହିତ୍ୟର ପ୍ରାଣ ଭାବରେ ଉଲ୍ଲେଖ କରିବା ସହିତ ଶ୍ରୀଜଗନ୍ନାଥଙ୍କ ସହିତ କେହି ତୁଳନୀୟ ନୁହଁନ୍ତି ବୋଲି ମତ ପ୍ରକାଶ କରିଥିଲେ। କବୟିତ୍ରୀ ଭାବିପ୍ରିୟା ସାହୁଙ୍କ ସଂଯୋଜନାରେ ଉମାକାନ୍ତ ବେହେରା, ଶରତ କୁମାର ରାଉତ, ନରହରି ମିଶ୍ର,ବିରଞ୍ଚି ନାରାୟଣ ସାମନ୍ତରାୟ, ମମତା ରାଣୀ ଦାସ, ବୀଣାପାଣି ଜେନା, ଶୋଭନା ଜେନା, ମନ୍ଦାକିନୀ କର, ଆର୍ଯ୍ୟବାଳା ମହାପାତ୍ର, ମଧୁସୂଦନ ମିଶ୍ର, ଜଗନ୍ନାଥ ଜେନା, ଜିତେନ୍ଦ୍ର ପରିଡ଼ା, ଧୃବାନନ୍ଦ ରାଉତ, ଡକ୍ଟର ସୁମନ୍ତ ନାଏକ, ଦେବଦତ୍ତ ଦେହୁରୀ, ରାମଚନ୍ଦ୍ର ସାହୁ, ମାୟାଧର ନାୟକ ଓ ପ୍ରତାପ କର୍ମକାର ପ୍ରମୁଖ ବହୁକବି କବିତା ଆବୃତ୍ତି କରିଥିଲେ। ମିଳନୀର ଯୁଗ୍ମ ସମ୍ପାଦକ କବି ହରିହର ମହାନ୍ତ ଧନ୍ୟବାଦ ଅର୍ପଣ କରିଥିଲେ।





## ବିପଥଗାମୀ ସମାଜକୁ ପରିମାର୍ଜିତ କରିବାରେ ପାଲାର ଭୂମିକା ଗୁରୁତ୍ୱପୂର୍ଣ୍ଣ



**ବଲାଙ୍ଗିର, ନ୍ୟୁଜ୍ ବ୍ୟୁରୋ**

ବଲାଙ୍ଗିର ସଦର ବ୍ଲକ ଅନ୍ତର୍ଗତ ବାରପୁଡୁଗିଆ ଠାରେ ରଥଯାତ୍ରା ଉପଲକ୍ଷେ ୩ ଦିନିଆ ରାଜ୍ୟସ୍ତରୀୟ ପାଲା ଉତ୍ସବ ଉଦ୍‌ଘାଟିତ ହୋଇଯାଇଛି । ଏହି ଉତ୍ସବର ଉଦ୍ଦେଶ୍ୟ ହେଉଛି ଗ୍ରାମ୍ୟ ସ୍ତରରେ ଦିନକୁ ଦିନ ଲୋପ ପାଇଯାଉଥିବା ପାଲା ନୃତ୍ୟକୁ ଆଧୁନିକ ଯୁଗରେ ଲୋକାଭିମୁଖ କରିବା ପାଇଁ ଓ କଳାକାରଙ୍କୁ ଉତ୍ସାହିତ ଏବଂ ସମ୍ମାନର ସହ ଆଗକୁ ଆଣିବାକୁ ଏହା ଏକ ଅଭିନବ ପ୍ରୟାସ । ସାହିତ୍ୟ ଓ ସାରସ୍ୱତ ସାଧନା ମାଧ୍ୟମରେ ବିଭିନ୍ନ ଆଲୋଚନା ଓ ସଚେତନତା ବାର୍ତ୍ତା ଦେଉଥିଲା ପାଲା । ସାଂପ୍ରତିକ ଯୁଗରେ ମଧ୍ୟ ବିପଥଗାମୀ ସମାଜକୁ ସରସ ସୁନ୍ଦର ଓ ପରିମାର୍ଜିତ କରିବା ପାଇଁ ପାଲାର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଏହି ଉତ୍ସବକୁ ସାରସ୍ୱତ ସାଧକ ତଥା ସଂସ୍କୃତ ଗବେଷକ ସୁରେଶ ଚନ୍ଦ୍ର ଷଡଙ୍ଗୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ସରପଞ୍ଚ ଜନ୍ମଜୟ ମେହେର, ବରିଷ୍ଠ କ୍ରୀଡାବିତ୍ ବିଜୟ କୁମାର ଜାନି, ବରିଷ୍ଠ କଳାକାର ନିମାଇଁ ପାଣିଗ୍ରାହୀ, ବିଶିଷ୍ଟ କଣ୍ଠ ଶିଳ୍ପୀ ବ୍ୟାସଦେବ ପୁରୋହିତ, ସମବାୟ ସମ୍ପାଦକ ପ୍ରମୋଦ କର୍ମୀ ପ୍ରମୁଖ ମଞ୍ଚାସିନ ଥିଲେ । ଓଡ଼ିଶା ସରକାରଙ୍କ ସଂସ୍କୃତି ବିଭାଗ ସହଯୋଗରେ ପ୍ରଥମ ଦିନରେ ଦୁଇଟି ଦଳ ଜୟ ମା' ଦନ୍ତେଶ୍ୱରୀ ପାଲା ଦଳ ଧୁମାଭଟା, ବଲାଙ୍ଗିର ଜିଲ୍ଲାର ପାଲା ଗାୟକ ରସରାଜ ବୁଡେକ, ପାଲିଆ ଶରତ ପୁଟେଲ, କ୍ଷିରେନ୍ଦ୍ର କରଣ, ଦେବ ବାଗ, ସନ୍ୟାସି ବୁଡେକ, ଘନଶ୍ୟାମ ଭାଟି ଓ ଓମ୍ ଶ୍ରୀ ଭାରତୀ ପାଲା ଅନୁଷ୍ଠାନ, ବଡଗାଁ, ସୁନ୍ଦରଗଡ ଜିଲ୍ଲାର ପାଲା ଗାୟକ ପଣ୍ଡିମରନ୍ ଫକିର ମୋହନ ବାଡା, ସନାତନ ବାଗ, ପାଲିଆ ଶରତ ବରୁଆ, ମନବୋଧ କମାର, ସଂଜୟ ନାଥ, ଦୁଃସାଶନ ନାଥ ପ୍ରମୁଖ ଅଂଶଗ୍ରହଣ କରିଥିଲେ । ଶେଷରେ ସମସ୍ତ କଳାକାରଙ୍କୁ ମାନପତ୍ର ପ୍ରଦାନ କରାଯାଇଥିଲା । ଏହି କାର୍ଯ୍ୟକ୍ରମକୁ ସଭାପତି କଳା ସଂଗଠକ ଜୟକୃଷ୍ଣ ମିଶ୍ରଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମକୁ ସମ୍ପାଦକ ସଦାନନ୍ଦ ମହଲା, ଉପସଭାପତି ପ୍ରଶାନ୍ତ ମହାକୁର, ସଂଜୟ ନାଏକ, ସୁରେଶ ମହଲା, ଅରବିନ୍ଦ ମିଶ୍ର, ବିଶ୍ୱରାଜ ସାଏ, ବିକାଶ ନାଏକ, ଲବ ନାଗ, ମଦନ ସାହୁ, ପ୍ରବୀଣ ବରିହା, ପିଙ୍କୁ ନାଏକ, ବାପି ମହଲା, ସିଦ୍ଧାଶ୍ରମ ସେବା ପ୍ରତିଷ୍ଠାନ, ସଂଜ୍ୟୋତ କଳା କେନ୍ଦ୍ର, ଦେବାଳୟ ସୁରକ୍ଷା କମିଟି ପ୍ରମୁଖ ଆୟୋଜନ କରିଥିଲେ ।



## ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନରେ ରଥଯାତ୍ରା

**ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ**

ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନ ପରିସରରେ ଥିବା ଶ୍ରୀଜଗନ୍ନାଥ ମନ୍ଦିର ତରଫରୁ ଚଳିତବର୍ଷ ରଥଯାତ୍ରା ଉତ୍ସବ ଉଦ୍ଦୀପନାର ସହ ପାଳନ କରାଯାଇଛି । ବିଧି ମୁତାବକ ଚତୁର୍ଦ୍ଧାମୂର୍ତ୍ତିଙ୍କ ଅବକାଶ, ମଇଲମ, ତଡପଲାଗି ହେବାପରେ ପହଣ୍ଡି ବିଜେ ହୋଇ ରଥାରୂଢ ହୋଇଥିଲେ । ଅପରାହ୍ନରେ ରଥଟଣା ହୋଇ ପ୍ରତିଷ୍ଠାନ ପରିସରରେ ମନ୍ଦିର ପରିଚାଳନା ସମିତିର ସମସ୍ତ ସଦସ୍ୟ, ଅଧ୍ୟାପକ ଅଧ୍ୟାପିକା, ଛାତ୍ରଛାତ୍ରୀ ଓ କର୍ମଚାରୀ ବୃନ୍ଦଙ୍କ ସହଯୋଗରେ ପରିକ୍ରମା କରିଥିଲା । ରଥଟଣାରେ ପ୍ରତିଷ୍ଠାନର କର୍ମଚାରୀ ଓ ଛାତ୍ରଛାତ୍ରୀ ଭାଗ ନେଇଥିଲେ । ମନ୍ଦିର ପରିଚାଳ ସମିତି ପକ୍ଷରୁ ଦର୍ଶାଯାଇଛି ଯେ, ବାହୁଡାଯାତ୍ରା ମଧ୍ୟ ବିଧି ମୁତବକ କରାଯାଇ ଚତୁର୍ଦ୍ଧାମୂର୍ତ୍ତିଙ୍କୁ ଶ୍ରୀ ଜଗନ୍ନାଥ ମନ୍ଦିରକୁ ବାହୁଡାଇ ନିଆଯିବ।

# ପ୍ରଶାସନିକ ଅବହେଳାରୁ ସୌନ୍ଦର୍ଯ୍ୟ ହରାଉଛି ଚିଲିକାକୂଳ ଜେଟି

**ରମ୍ଭା, ନ୍ୟୁଜ୍ ବ୍ୟୁରୋ**

ସ୍ଥାନୀୟ ପାନ୍ଥନିବାସ ଚିଲିକାକୂଳ ଜେଟି ଦିନ ଥିଲା ଚମକୁଥିଲା । ଚିଲିକା ପର୍ଯ୍ୟଟକ ମାନେ ଚିଲିକା ସୌନ୍ଦର୍ଯ୍ୟକୁ ଉପଭୋଗ କରିବା ପାଇଁ ଆସୁଥିଲେ ଓ ଭିଡ଼ ଜମୁଥିଲା । ହେଲେ ଏବେ ପର୍ଯ୍ୟଟକଙ୍କ ସଂଖ୍ୟା କମିଯାଇଥିବା ଲକ୍ଷ୍ୟ କରାଯାଇଛି । ସ୍ଥାନୀୟ ଓଟିଡିସିର ଅବହେଳା ଯୋଗୁଁ ଏହି ଜେଟି ଜରାଜୀର୍ଣ୍ଣ ଅବସ୍ଥାକୁ ଗତି କରିସାରିଛି । ଜେଟି ରାସ୍ତା ସହିତ ପାନ୍ଥ ନିବାସର ମୁଖ୍ୟ ରାସ୍ତା ଅନୁରୂପ ଭାବେ ବ୍ଲକଗୁଡ଼ିକ ଉଠି ଭାଙ୍ଗି ଗଲାଣି । ଜେଟି ରାସ୍ତା ପାର୍ଶ୍ୱରେ ଥିବା ଆଲୋକବତୀ କେଉଁଠି ଜଳୁଛି ତ କେଉଁଠି ଜଳୁନାହିଁ । ଯାହାଫଳରେ ଆକର୍ଷିତ ହେଉନାହାଁନ୍ତି ପର୍ଯ୍ୟଟକ । ରମ୍ଭା ପାନ୍ଥନିବାସ ଜେଟିକୁ ରାଜ୍ୟ ଓ ଦେଶର ବିଭିନ୍ନ ପ୍ରାନ୍ତରୁ ପର୍ଯ୍ୟଟନ ଚିଲିକା ସୌନ୍ଦର୍ଯ୍ୟକୁ ଉପଭୋଗ କରିବାକୁ ଆସୁଥାନ୍ତି । ସନ୍ଧ୍ୟା ସମୟରେ ରିଲ୍ସ ଷ୍ଟାରମାନେ ନିଜ



କବ୍ଜାକୁ ନେଇ ଚିଲିକା ସୌନ୍ଦର୍ଯ୍ୟକୁ ରିଲ୍ସରେ କଏଦ କରିଥିଲେ । ଜେଟିଟି ଭାଙ୍ଗି ଯାଇଥିବାରୁ ସେମାନେ ଏଠାକୁ ସୁଟିଂ କରିବାକୁ ଆସିବାକୁ ମନୁନାହାଁନ୍ତି । ଏହି ଜେଟି ଉପରେ ନିର୍ଭର କରୁଥିବା ରମ୍ଭା ଏନ୍‌ଏସିର ୪ ଖଣ୍ଡ ମତ୍ସ୍ୟଜୀବୀ ସାହି ବାସିନ୍ଦା ନିଜ ଡଙ୍ଗାରେ ଓଟିଡିସିର ନିର୍ଦ୍ଦେଶକ୍ରମେ ସିରିଏଲ୍ ନମ୍ବର ଅନୁଯାୟୀ ପର୍ଯ୍ୟଟକଙ୍କୁ ଭ୍ରମଣ କରିବାକୁ ନେଇଥାନ୍ତି । ତାହା ସହ କିଛି ପରିବାର ଏଠାରେ ଖେଳନା ବିକ୍ରି କରି ପରିବାର ପ୍ରତିପୋଷଣ ହୋଇଥାନ୍ତି । ହେଲେ ପର୍ଯ୍ୟଟକ ସଂଖ୍ୟା କୌଣସି କାରଣରୁ କମିବା ଫଳରେ ସେମାନେ ବହୁତ କ୍ଷତି ସହୁଛନ୍ତି । ଚିଲିକାରୁ କିଛି ଆଦାୟ ହେଉନାହିଁ । ସେମାନେ ଚଳିବେ କିପରି ବୋଲି ମତ୍ସ୍ୟଜୀବୀମାନେ ଅଭିଯୋଗ ବାଢିଛନ୍ତି । କେବଳ ମତ୍ସ୍ୟଜୀବୀ ନୁହେଁ ରମ୍ଭା ସହରରେ ଅଟୋ ଚାଳକ, ହୋଟେଲ ମାଲିକ, ଟ୍ୟାକ୍ସି ଚାଳକ ଓ ଖୁଚୁରା ବେପାରୀଙ୍କ ଉପରେ ମଧ୍ୟ ସିଧାସଳଖ ପ୍ରଭାବ ପଡୁଛି । ପର୍ଯ୍ୟଟକଙ୍କୁ ଆକର୍ଷିତ କରୁଥିବା ଚଢ଼େଇହଗା ପର୍ବତ ଓ ବତୀ ଘର ଲାଇଟ୍ ହାଉସ୍, ବ୍ରେକ୍‌ଫାଷ୍ଟ ଆଇଲାଣ୍ଡ, ହନୁମାନ ଆଇଲାଣ୍ଡରେ ମଧ୍ୟ ରକ୍ଷଣା ବେକ୍ଷଣ ହେଉନାହିଁ । ବତୀଘରରେ ପକ୍ଷୀମାନଙ୍କ ମଳମୂତ୍ର ଆବର୍ଜନାରେ ପରିପୂର୍ଣ୍ଣ ହୋଇଥିବାରୁ ପର୍ଯ୍ୟଟକ ସେହି ବତୀ ଘରକୁ ଓହ୍ଲେଇବାକୁ ଜାଗା ନାହିଁ । ପର୍ଯ୍ୟଟକ ଆଉ ସେଠାକୁ ଯିବାକୁ ପସନ୍ଦ କରୁନଥିବା ଅଭିଯୋଗ କରୁଛନ୍ତି । ଯେଉଁ ରମ୍ଭା ଦିନେ ପାନ୍ଥନିବାସରେ ଜନସମୁଦ୍ର ରହିଥିଲା ସେହି ପାନ୍ଥ ନିବାସ ଆଜି ଜନଶୂନ୍ୟ ହୋଇଯାଇଛି । ଯାହାଫଳରେ ପ୍ରତ୍ୟେକ ଦିନ ରାଜ୍ୟ ପର୍ଯ୍ୟଟନ ବିଭାଗକୁ କୋଟି କୋଟି ଟଙ୍କାର ରାଜସ୍ୱ କ୍ଷତି ହଉଥିବା ଅନୁମାନ କରାଯାଉଛି । ରାଜ୍ୟ ସରକାର ଓ ଗଞ୍ଜାମ ଜିଲ୍ଲାପାଳ ଦୃଷ୍ଟି ଦେଇ ରମ୍ଭା ପାନ୍ଥନିବାସ ଚିଲିକା କୂଳ ଜେଟିକୁ ପୁନଃଉଦ୍ଧାର କରିଲେ ପୁଣି ଚିଲିକା ପର୍ଯ୍ୟଟକମାନେ ରମ୍ଭା ଚିଲିକା ସୌନ୍ଦର୍ଯ୍ୟକୁ ଉପଭୋଗ କରିବାକୁ ଆସିବେ ବୋଲି ସାଧାରଣରେ ମତପ୍ରକାଶ ପାଇଛି ।



## ନୃତ୍ୟଶିଳ୍ପୀ ରୋନିଙ୍କୁ 'ଯଶଶ୍ରୀ ଭାରତ' ସମ୍ମାନ ପ୍ରଦାନ

**ତିର୍ତ୍ତୋଲ, ନ୍ୟୁଜ୍ ବ୍ୟୁରୋ**

ତିର୍ତ୍ତୋଲ ବ୍ଲକ ଅନ୍ତର୍ଗତ କୋଲର ପଞ୍ଚାୟତ କଣ୍ଟିକଣ ଗ୍ରାମର ନରେନ୍ଦ୍ର ମହାନ୍ତି ଓ ରୋଜାଲିନୀ ମହାନ୍ତିଙ୍କ ସୁକନ୍ୟା ରୋନି ମହାନ୍ତିଙ୍କୁ ଯଶଶ୍ରୀ ଭାରତ ସମ୍ମାନରେ ସମ୍ମାନିତ କରାଯାଇଛି । ପୁରୀ ସ୍ଥିତ ଅନ୍ନପୂର୍ଣ୍ଣା ରଙ୍ଗ ମଞ୍ଚରେ ଚମତ୍କାର ନୃତ୍ୟ ପରିବେଷଣ କରି ଦର୍ଶକ ଓ ବିଚାରକ ମଣ୍ଡଳୀମାନଙ୍କୁ ମନ୍ତ୍ରମୁଗ୍ଧ କରିଦେଇଥିଲେ । ତାଙ୍କର ଏଭଳି ନୃତ୍ୟ କଳାରେ ମନ୍ତ୍ରମୁଗ୍ଧ ହୋଇ ଆୟୋଜକ ପୁରୀର ସାଂସ୍କୃତିକ ପ୍ରତିଷ୍ଠାନ ତରଫରୁ ଯଶଶ୍ରୀ ସମ୍ମାନରେ ସମ୍ମାନିତ ହୋଇଥିବାରୁ ନିଜ ଗ୍ରାମର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଓ ମାମୁଁ ଘର ପକ୍ଷରୁ ଶୁଭେଚ୍ଛା ବାର୍ତ୍ତା ପ୍ରଦାନ କରିଛନ୍ତି । ସାଂସ୍କୃତିକ ବିକାଶ ପରିଷଦର ୬ଷ୍ଠ ସଂସ୍କରଣ ପୁରୀ ଅନ୍ନପୂର୍ଣ୍ଣା ଥିଏଟର ଅନୁଷ୍ଠିତ ହୋଇଥିବା ବେଳେ ୭ମ ସଂସ୍କରଣ ସୁନ୍ଦରଗଡ଼, ରାଉରକେଲା ଓ ଅନୁଗୁଳ ସହରରେ ଅନୁଷ୍ଠିତ ହେବ ବୋଲି ଅନୁଷ୍ଠାନ ପକ୍ଷରୁ ଘୋଷଣା କରାଯାଇଛି । ଏହି ଅନୁଷ୍ଠାନର ଲକ୍ଷ୍ୟ ହେଉଛି ଭାରତରେ ଲୁକ୍କାୟିତ ଭାବରେ ଥିବା କଳା ପ୍ରତିଭାକୁ ଲୋକଲୋଚନକୁ ଆଣି ସମ୍ମାନ ପ୍ରଦାନ କରୁଥିବା ସାଂସ୍କୃତିକ ବିକାଶ ପରିଷଦର ନୂତନ ସଂସ୍କରଣ ଡିଜିଟାଲ୍ କାର୍ଯ୍ୟକ୍ରମ କରିବାକୁ ଲକ୍ଷ୍ୟ ରଖାଯାଇଛି । ଅନୁଷ୍ଠାନର ପ୍ରତିଷ୍ଠାତା ଡକ୍ଟର ଉପେନ୍ଦ୍ର ଶର୍ମା ଓ ଯଲିଉଡର ଚର୍ଚ୍ଚିତ ସଭାପତି ତଥା ସାଂସ୍କୃତିକ ବିକାଶ ପରିଷଦ ଅନୁଷ୍ଠାନର ସଭାପତି ସୁଶାନ୍ତ ମହାପାତ୍ର ଆଶାବ୍ୟକ୍ତ କରିଛନ୍ତି । ଯଲିଉଡ ମହାସଂଘ ଆୟୋଜିତ ସମସ୍ତ କାର୍ଯ୍ୟରତ କର୍ମକର୍ତ୍ତାମାନଙ୍କୁ ଅଭିନନ୍ଦନ ଜଣାଇବା ସହିତ ଧନ୍ୟବାଦ ଦେଇଛନ୍ତି ।

## ୫୦ରୁ ଊର୍ଦ୍ଧ୍ୱ ବରିଷ୍ଠ ନାଗରିକଙ୍କ ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା

**ସୁବର୍ଣ୍ଣପୁର, ନ୍ୟୁଜ୍ ବ୍ୟୁରୋ**

ଚିତ୍ତ ଜ୍ଞାନୀ ଚାରିଟେବୁଲ ଟ୍ରଷ୍ଟ ପଶ୍ଚିମ ଓଡ଼ିଶା ଶାଖା ପକ୍ଷରୁ ସୋନପୁର ଘୋଡା ଘାଟ ପଡ଼ା (ମହାରଣା ପଡ଼ା) 'ମା ଘର' ଠାରେ ସୁବର୍ଣ୍ଣପୁର ସହରର ବରିଷ୍ଠ ନାଗରିକଙ୍କ ପାଇଁ ଦୁଇ ଦିନିଆ ସ୍ୱତନ୍ତ୍ର ମାଗଣା ସ୍ୱାସ୍ଥ୍ୟ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଯାଇଛି । ପ୍ରଫେସର ଦଣ୍ଡେଶ୍ୱର ହୋତା (ୟୁରୋଲୋଜିଷ୍ଟ)ଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ଦୁଇ ଦିନିଆ ଶିବିରରେ ଭେଷଜ ବିଶେଷଜ୍ଞ ଡ଼ା ଜେ. କିଶୋର, ଅର୍ଥୋ ପେଡିକ ବିଭାଗ ଡା. ସିଦ୍ଧାର୍ଥ ମହାନ୍ତି, ଡା. ରାଜ କିଶୋର ମିଶ୍ର ଯୋଗଦେଇ ସହରର ୫୦ରୁ ଊର୍ଦ୍ଧ୍ୱ ବରିଷ୍ଠ ନାଗରିକ ଓ ସହରର ଅନେକ ସାଧାରଣ ଲୋକଙ୍କୁ ମାଗଣା ଚିକିତ୍ସା କରି ଔଷଧ ବଣ୍ଟନ କରିଥିଲେ । ଏହି ଶିବିରରେ କଟକର ଉଚ୍ଚ ସ୍ତରୀୟ ଡାକ୍ତରୀ ଦଳଙ୍କ ସହିତ ପ୍ରଫେସର ହୋତାଙ୍କ ଧର୍ମପତ୍ନୀ ସୁଜାତା ପୁଝାରୀ, ଅଶୋକ ପ୍ରିୟଦର୍ଶୀ, ଅରୁଣ ଲେଙ୍କା, ସୁଦୀପ ପରିଡ଼ା, ସଂଗ୍ରାମ ଭୋଳ, ରାଜେଶ ମହାନ୍ତି ଚିକିତ୍ସା, ରେଜିଷ୍ଟ୍ରେସନ୍ ଓ ଔଷଧ ବିତରଣ ସେବା କାର୍ଯ୍ୟରେ ସହଯୋଗ କରିଥିଲେ । ନୂଆପଡ଼ା, ବଲାଂଗୀର ଓ ବୌଦ୍ଧ ଜିଲ୍ଲାର ମଧ୍ୟ ତିନି ଜଣ ବରିଷ୍ଠ ନାଗରିକ ଯୋଗଦେଇ ଶିବିରରେ ଚିକିତ୍ସିତ ହୋଇଥିଲେ ।

# ଜରୁରୀକାଳୀନ ପରବର୍ତ୍ତୀ ସ୍ଥିତି ପ୍ରତିରୂପ ଯୁବ ସଂସଦ





**ରାଉରକେଲା, ନ୍ୟୁଜ୍ ବ୍ୟୁରୋ**

୫୦ ବର୍ଷ ତଳର ଜରୁରୀ କାଳୀନ ପରିସ୍ଥିତିର ପରବର୍ତ୍ତୀ କାଳୀନ ସଂସଦର ଆଲୋଚନା ଚକ୍ରର ପ୍ରତିରୂପ ଯୁବ ସଂସଦ ଅନୁଷ୍ଠିତ ହୋଇଯାଇଛି। ରାଉରକେଲା ବିଜେପି ଯୁବମୋର୍ଚ୍ଚା ତରଫରୁ ଅଙ୍କୁଶ ବର୍ମାଙ୍କ ଆବାହକତ୍ୱରେ ଆୟୋଜିତ ଏହି ପ୍ରତିରୂପ କର୍ମଶାଳାରେ ଇପ୍‌ସିତା ବିଶ୍ୱାଳ ବାଚସ୍ପତି ଭୂମିକା ନିର୍ବାହ କରିଥିଲାବେଳେ ସର୍ବଶ୍ରୀ ରଞ୍ଜିତ ମହାରଣା, ଆଶିଷ କୁମାର ବେହେରା, ଶୁଭମ ପଢିଆରୀ, ସଦାନନ୍ଦ ସା, ଦେବାଶିଷ ଲେଙ୍କା, ଆଦିତ୍ୟ ତିୱାରୀ, ଶେଷାଦ୍ରୀ ପାଣ୍ଡେ, କାବ୍ୟାଶ୍ରୀ ଚଇନି, ରାମଚନ୍ଦ୍ର ସାହୁ, ଅଭିଷେକ କୁମାର ସିଂ, ସୋନମ୍ ଗିରି ପ୍ରମୁଖ ଶାସକ ବିଜେପି ସାଂସଦ ଓ ସର୍ବଶ୍ରୀ ପ୍ରଶାନ୍ତ ଦାସ, ଯତିନ ବଡା, ମୁକେଶ ଶର୍ମା, ରୋହିତ ରାୟ ପ୍ରମୁଖ ବିରୋଧୀ କଂଗ୍ରେସ ଦଳର ସାଂସଦ ରୂପେ ନିଜ ନିଜର ପକ୍ଷ ରଖିଥିଲେ। ଛେଣ୍ଡ ସ୍ଥିତ ମେଫେୟାରକୁ ଲୋକସଭା ଭଳି ସଜାଇ ଏକ ନୂତନ ଢଙ୍ଗରେ କାର୍ଯ୍ୟକ୍ରମ କରାଯାଇଥିଲା। ପ୍ରାରମ୍ଭରେ ଆଦିତ୍ୟ ତ୍ରିବେଦୀ ଏ ସମ୍ପର୍କରେ ପ୍ରସ୍ତାବ ରଖିଥିଲା ବେଳେ ଆଲୋଚନା ପାଇଁ ସର୍ବସମ୍ମତି କ୍ରମେ ଗୃହମତ ରଖାଯାଇଥିଲା। ଶାସକ ଦଳର ସଦସ୍ୟମାନେ ୫୦ ବର୍ଷ ତଳର ତତ୍କାଳୀନ କଂଗ୍ରେସ ସରକାରଙ୍କ ଜରୁରୀ କାଳୀନ ପରିସ୍ଥିତିକୁ ଏକ ଐତିହାସିକ କଳଙ୍କ, ସାଧାରଣ ଜନତାଙ୍କ ମୌଳିକ ଅଧିକାର କ୍ଷୁର୍ଣ୍ଣ, ଗଣତନ୍ତ୍ରର ହତ୍ୟାକାରୀ, ମାନବ ଅଧିକାର ଉଲ୍ଲଂଘନ, ଗଣମାଧ୍ୟମର କଣ୍ଠରୋଧ ପାଇଁ ତତ୍କାଳୀନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀ ଓ ସଞ୍ଜୟ ଗାନ୍ଧୀଙ୍କ ଭୂମିକାକୁ ଦୋଷାରୋପ କରିଥିଲାବେଳେ ବିରୋଧୀ ଦଳରେ ଥିବା ସଦସ୍ୟ ମାନେ ଜରୁରୀକାଳୀନ ଅବସ୍ଥାକୁ ତତ୍କାଳୀନ ସମୟର ଆବଶ୍ୟକତା, ବହୁ ଉନ୍ନତିମୂଳକ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଓ ଶାସକ ଦଳର କାର୍ଯ୍ୟକଳାପକୁ ନିନ୍ଦା କରିଥିଲେ। ସାଧାରଣତଃ ଲୋକସଭାରେ ଶାସକ ଓ ବିରୋଧି ଦଳର ସଦସ୍ୟମାନଙ୍କ ଆଚରଣ ଓ ଉଚ୍ଚାରଣକୁ ପ୍ରଦର୍ଶିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ରଘୁନାଥପାଲି ବିଧାୟକ ଦୁର୍ଗାଚରଣ ତନ୍ତି, ଦ୍ୱିତୀୟ ପର୍ଯ୍ୟାୟରେ ରାଜ୍ୟସଭା ସାଂସଦ ସୁଜିତ କୁମାର ଅତିଥି ଭାବେ ଯୋଗ ଦେଇଥିଲା ବେଳେ ଅନ୍ୟମାନଙ୍କ ମଧ୍ୟରେ ସର୍ବଶ୍ରୀ ରାଜ୍ୟ ମୁଖପାତ୍ର ଧୀରେନ ସେନାପତି, ରାଉରକେଲା ବିଜେପି ସଭାପତି ପୂର୍ଣ୍ଣିମା କେରକେଟା, ଅବିନାଶ ପ୍ରଧାନ, ଶ୍ରୀକାନ୍ତ ଭଞ୍ଜ, ସୁଜିତ୍ ସିଂ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମରେ ବିଚାରକ ଭାବେ ସର୍ବଶ୍ରୀ ମିଟୁ ବେହୁରିଆ, ବୁଲୁ ପୁହାଣ, ସତ୍ୟ ଶର୍ମା, ସୁବ୍ରତ ପଟ୍ଟନାୟକ ପ୍ରମୁଖ ବିଚାରକ ଭାବେ ଯୋଗଦେଇ ସଦସ୍ୟ ମାନଙ୍କ ବକ୍ତବ୍ୟର ମୂଲ୍ୟାୟନ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ଅନୁଷ୍ଠାନର ସୋସିଆଲ ମିଡ଼ିଆ ପ୍ରଭାରୀ ପ୍ରିତିଶ ଦେବାଶିଷ, ନୀରଜ ଚତୁର୍ବେଦୀ ପ୍ରମୁଖ ସହଯୋଗ କରିଥିଲେ। ପ୍ରାରମ୍ଭରେ ଆବାହକ ଶ୍ରୀ ବର୍ମା କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ପ୍ରଦାନ କରିବା ସହ ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିଲେ।

## ଜାତୀୟ ପରିସଂଖ୍ୟାନ ଦିବସ ପାଳିତ

# 'ତଥ୍ୟ ବିନା ଦେଶରେ ଯୋଜନା ପ୍ରଣୟନ କରାଯାଇନପାରେ'

**କେନ୍ଦୁଝର, ନ୍ୟୁଜ୍ ବ୍ୟୁରୋ**

ପ୍ରଫେସର୍ ପ୍ରଶାନ୍ତ ଚନ୍ଦ୍ର ମହଲାନୋବିଜ୍‌ଙ୍କ ଜନ୍ମଦିନଟିକୁ ଜାତୀୟ ପରିସଂଖ୍ୟାନ ଦିବସ ଭାବରେ କେନ୍ଦୁଝର ଜିଲ୍ଲା ସ୍ଥିତ ଜିଲ୍ଲାପାଳଙ୍କ ଦରବାର ହଲ୍‌ରେ ପାଳିତ ହୋଇଯାଇଛି। ଏହି ସଭାରେ ଅତିରିକ୍ତ ଜିଲ୍ଲାପାଳ ରବୀନ୍ଦ୍ର କୁମାର ପ୍ରଧାନ ସଭାପତିତ୍ୱ କରିଥିଲେ । ଉପନିର୍ଦ୍ଦେଶକ ଯୋଜନା ଓ ପରିସଂଖ୍ୟାନ ଗଜେନ୍ଦ୍ର କୁମାର ବେହେରା ବୈଠକରେ ସ୍ୱାଗତ ଭାଷଣ ଦେଇଥିଲେ। ବୈଠକରେ ଧରଣୀଧର ବିଶ୍ୱ ବିଦ୍ୟାଳୟର ସହପ୍ରାଧ୍ୟାପକ (ଅର୍ଥନୀତି) ଡାକ୍ତର ଦାମୋଦର ସାହୁ, ସରକାରୀ ମହିଳା ମହାବିଦ୍ୟାଳୟର ସହପ୍ରାଧ୍ୟାପକ (ବାଣିଜ୍ୟ) ଡାକ୍ତର ଅଜିତ କୁମାର ବରାଳ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ପ୍ରବୀର କୁମାର ଦେ, ଜିଲ୍ଲା ଶିକ୍ଷା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ବରିହା, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସୌମ୍ୟ ସାର୍ଥକ ରାୟ, ଜିଲ୍ଲା ସ୍ତରୀୟ ଅଧିକାରୀ, ମହାବିଦ୍ୟାଳୟ ଏବଂ ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀ ଓ ଜିଲ୍ଲା ଯୋଜନା ଓ ପର୍ଯ୍ୟବେକ୍ଷଣ କାର୍ଯ୍ୟାଳୟର



ଅଧିକାରୀ ଓ କର୍ମଚାରୀ ଅଂଶଗ୍ରହଣ କରିଥିଲେ। ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ପ୍ରଧାନ ପରିସଂଖ୍ୟାନ ରାଜ୍ୟ ଏବଂ ଜାତୀୟ ସ୍ତରରେ ଦେଶ ବିକାଶରେ କିପରି ଭୂମିକା ପ୍ରଦାନ କରେ ତାର ସବିଶେଷ ଆଲୋକପାତ କରିଥିଲେ। ତଥ୍ୟ ବିନା ଦେଶରେ ଯୋଜନା ପ୍ରଣୟନ କରାଯାଇ ନପାରେ, ତା ଉପରେ ଗୁରୁତ୍ୱାରୋପ କରିଥିଲେ। ବକ୍ତା ଶ୍ରୀ ବରାଳ କହିଥିଲେ ଯେ ଲକ୍ଷ୍ୟ ବିହୀନ ଜୀବନ ନିରର୍ଥକ ଅଟେ। ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି, ବିନା ପରିସଂଖ୍ୟାନରେ ସମ୍ଭବ ହୋଇନଥାଏ। ମୁଖ୍ୟବକ୍ତା ଶ୍ରୀ ସାହୁ କହିଥିଲେ ଯେ ପରିସଂଖ୍ୟାନ ସବୁ କ୍ଷେତ୍ରରେ ପ୍ରଯୁଜ୍ୟ। ଜାତୀୟ ନମୁନା ସର୍ଭେ ଦ୍ୱାରା ପ୍ରତ୍ୟେକ ସମାଜର ପ୍ରତି କ୍ଷେତ୍ରରେ ତଥ୍ୟ ସଂଗ୍ରହ କରି ଭବିଷ୍ୟତର ଯୋଜନା ପ୍ରସ୍ତୁତ କରାଯାଏ ତାଉପରେ ଗୁରୁତ୍ୱ ପ୍ରଦାନ କରିଥିଲେ। ଉପନିର୍ଦ୍ଦେଶକ ଶ୍ରୀ ବେହେରା କହିଥିଲେ ଯେ ପରିସଂଖ୍ୟାନ ଆମ ଜୀବନର ପ୍ରତ୍ୟେକ କ୍ଷେତ୍ରରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ। ଏହାଦ୍ୱାରା ଆମ ଦେଶର ସାମାଜିକ ଏବଂ ଅର୍ଥନୈତିକ ପରିସ୍ଥିତିର ପରିବର୍ତ୍ତନ ସମ୍ଭବ ହୋଇଥାଏ। ସଠିକ୍ ତଥ୍ୟ ସଂଗ୍ରହ ଠିକ୍ ନିଷ୍ପତ୍ତି ନେବାରେ ସାହାଯ୍ୟ କରେ। ଯଦ୍ୱାରା ସରକାରଙ୍କୁ ଠିକ୍ ଯୋଜନା ପ୍ରଣୟନ କରି ଦେଶ ବିକାଶକୁ ତ୍ୱରାନ୍ୱିତ କରିଥାଏ। ରାଜ୍ୟରେ ଅର୍ଥନୀତି ଓ ପରିସଂଖ୍ୟାନ ନିର୍ଦ୍ଦେଶାଳୟ ଦ୍ୱାରା ବିଭିନ୍ନ କ୍ଷେତ୍ରରେ କରାଯାଇଥିବା ଅନୁସନ୍ଧାନ କାର୍ଯ୍ୟ ଯଥା ଜମି ବିନିଯୋଗ, ଶସ୍ୟକାଟ ପରୀକ୍ଷା, କୃଷି ଗଣନା, କ୍ଷୁଦ୍ର ଜଳ ସେଚନ ଗଣନା, ଜଳାଶୟର ଗଣନା, ଅର୍ଥନୈତିକ ଗଣନା, ଦୈନନ୍ଦିନ ବ୍ୟବହାର ଜିନିଷର ଉତ୍ପାଦକ, ପାଇକରୀ ଓ ଖୁଚୁରା ମୂଲ୍ୟ, ନିର୍ମାଣ ସାମଗ୍ରୀ ମୂଲ୍ୟ, କର୍ମଚାରୀଙ୍କ ଗଣନା, ଜିଲ୍ଲା ପରିସଂଖ୍ୟାନ ହାଣ୍ଡବୁକ୍, ଶିଳ୍ପର ବାର୍ଷିକ ସର୍ଭେ, ଶିଳ୍ପ ଉତ୍ପାଦକ ଶୁଚକାଙ୍କ, ଜାତୀୟ ନମୁନା ସର୍ଭେ ଏବଂ ଫସଲ ପରିସଂଖ୍ୟାନର ଉନ୍ନତି ଇତ୍ୟାଦି ଉପରେ ଆଲୋକପାତ କରିଥିଲେ। ଏହି ଉତ୍ସବରେ ସାମଗ୍ରିକ ଭାବରେ ପରିସଂଖ୍ୟାନ କ୍ଷେତ୍ର କାର୍ଯ୍ୟରେ ଉତ୍ତମ ପ୍ରଦର୍ଶନ ନିମନ୍ତେ ୨୦୨୪-୨୫ କୃଷି ବର୍ଷ ପାଇଁ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା ପରିସଂଖ୍ୟାନ କ୍ଷେତ୍ର ସର୍ଭେୟର ଯଥା ଘଟଗାଁ ବ୍ଲକର ପ୍ରବୋଧ କୁମାର ଜେନା, ଆନନ୍ଦପୁର ବ୍ଲକର ମଳୟ ରଞ୍ଜନ ପରିଡା ଏବଂ ପାଟଣା ବ୍ଲକର ସାଲଖାନ ସୋରେନ ଏବଂ ସେହିପରି ୨୦୨୫-୨୬ କୃଷି ବର୍ଷ ପାଇଁ ଉତ୍ତମ ପ୍ରଦର୍ଶନ ନିମନ୍ତେ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା ପରିସଂଖ୍ୟାନ କ୍ଷେତ୍ର ସର୍ଭେୟର ଯଥା ଘଷିପୁରାର ବ୍ଲକର ସନାତନ ସାହୁ, ଯୁଗ୍ମ ଦ୍ୱିତୀୟରେ ଝୁମ୍ପୁରା ବ୍ଲକର ତାପସ କୁମାର ପ୍ରଧାନ ଓ ହରିଚନ୍ଦନପୁର ବ୍ଲକର ପ୍ରଦୀପ କୁମାର ଜେନା ଏବଂ କେନ୍ଦୁଝର ସଦର ବ୍ଲକର ଭାଗ୍ୟଶ୍ରୀ ବେହେରାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ବୈଠକରେ ଜିଲ୍ଲା ଯୋଜନା ଓ ପର୍ଯ୍ୟବେକ୍ଷଣ କାର୍ଯ୍ୟାଳୟର ସହ ନିର୍ଦ୍ଦେଶକ ଜୟରାମ ଟୁଡୁ, ପରିସଂଖ୍ୟାନ ଅଧିକାରୀ ଚନ୍ଦ୍ରମୋହନ ସିଂହ, ପବିତ୍ର ମୋହନ ନାୟକ, ସୁଶ୍ରୀ ଅନୁପମା ପାତ୍ର ବରିଷ୍ଠ ଅର୍ଥନୀତି ଅନୁସନ୍ଧାନକାରି ପୃଥ୍ୱୀରାଜ ସୋରେନ, ସୁଶ୍ରୀ ମାଧୁରୀ ପ୍ରିୟା ହନହେଗା, ପ୍ରଶାନ୍ତ ପ୍ରଧାନ, ଅନୁସନ୍ଧାନକାରୀ ସୁଶ୍ରୀ ବିନ୍ଦିଆ ମୁଣ୍ଡା, ଦୋଳମଣି ହଂସ, ବିଷ୍ଣୁପ୍ରିୟା ଓଝା ଓ ଡିପିଏମ୍‌ୟୁର ସମସ୍ତ କର୍ମଚାରୀ ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଶେଷରେ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସାର୍ଥକ ରାୟ ଧନ୍ୟବାଦ ଅର୍ପଣ କରିଥିଲେ।

# ‘କ୍ୟାପ୍ଟେନ କୁଲ’ ଟ୍ରେଡମାର୍କ ପାଇଁ ଆବେଦନ କଲେ ଏମଏସ ଧୋନୀ

**ନୂଆଦିଲ୍ଲୀ**



ଭାରତୀୟ କ୍ରିକେଟ ଦଳର ପୂର୍ବତନ ଅଧିନାୟକ ମହେନ୍ଦ୍ର ସିଂ ଧୋନୀ ତାଙ୍କର ଲୋକପ୍ରିୟ ନାମ ‘କ୍ୟାପଟେନ କୁଲ’କୁ ଟ୍ରେଡ୍‌ମାର୍କ କରିବା ପାଇଁ ଆବେଦନ କରିଛନ୍ତି । ଟ୍ରେଡ୍ ମାର୍କ ରେଜିଷ୍ଟ୍ରୀ ପୋର୍ଟାଲ ଅନୁସାରେ, ଏହି ଆବେଦନ ଜୁନ ୫ ତାରିଖରେ ଦାଖଲ ହୋଇଥିବା ବେଳେ ଜୁନ ୧୬ରେ ଏହା ଅଫିସିଆଲ ଟ୍ରେଡମାର୍କ ଜର୍ଣ୍ଣାଲରେ ପ୍ରକାଶିତ ହୋଇଛି । ଆବେଦନର ସ୍ଥିତି ‘ଗ୍ରହଣ ଓ ବିଜ୍ଞାପିତ’ ରହିଛି । ଏହି ଟ୍ରେଡମାର୍କ କ୍ରୀଡ଼ା ତାଲିମ, କ୍ରୀଡ଼ା ତାଲିମ ସୁବିଧା, କୋଚିଂ ଓ ସେବା ଶ୍ରେଣୀ ଅଧୀନରେ ନିବନ୍ଧିତ ହେବ ।

ଧୋନୀଙ୍କଠାରୁ ଏ ସମ୍ପର୍କରେ ତୁରନ୍ତ କୌଣସି ମନ୍ତବ୍ୟ ମିଳି ନାହିଁ । ଉଲ୍ଲେଖଯୋଗ୍ୟ, ପ୍ରଭା ସ୍କିଲ ସ୍ପୋର୍ଟସ (ଓପିସି) ପ୍ରାଇଭେଟ ଲିମିଟେଡ ନାମକ ଏକ କମ୍ପାନୀ ପୂର୍ବରୁ ଏହି ଲୋକପ୍ରିୟ ନାମ ପାଇଁ ଟ୍ରେଡମାର୍କ ଆବେଦନ କରିଥିଲା, କିନ୍ତୁ ତାହାର ସ୍ଥିତି ‘ସଂଶୋଧନ ଦାଖଲ’ ରହିଛି ।

ଚଳିତ ମାସ ଆରମ୍ଭରେ ଧୋନୀଙ୍କୁ ଅଷ୍ଟ୍ରେଲିଆର ମାଥ୍ୟୁ ହେଡେନ ଓ ଦକ୍ଷିଣ ଆଫ୍ରିକାର ହାସିମ ଆମଲାଙ୍କ ସହ ୨୦୨୫ ପାଇଁ ଆଇସିସି ହଲ୍ ଅଫ ଫେମରେ ସାମିଲ କରାଯାଇଛି । ଆଇସିସି ଧୋନୀଙ୍କୁ ତାଙ୍କର ଶାନ୍ତ ମନୋଭାବ, ଅସାଧାରଣ ନେତୃତ୍ୱ ଓ କ୍ରୀଡ଼ାରେ ଦୀର୍ଘସ୍ଥାୟୀ ଯୋଗଦାନ ପାଇଁ ପ୍ରଶଂସା କରିଛି । ସେ କେବଳ ସଂଖ୍ୟାରେ ନୁହେଁ, ବରଂ ସ୍ଥିରତା, ଫିଟ୍‌ନେସ୍ ଓ କ୍ଷୁରଧାର କୌଶଳ ଦ୍ୱାରା କ୍ରିକେଟ ଜଗତରେ ଏକ ଅମାପ ଛାପ ଛାଡ଼ିଛନ୍ତି ।

# ମହିଳା କୋଚ୍‌ଙ୍କ ନାଁରେ ଯୌନ ନିର୍ଯାତନା ଅଭିଯୋଗ ଆଣିଲେ ନାବାଳିକା ବକ୍ସର

**ନୂଆଦିଲ୍ଲୀ**



ରୋହତକରେ ଭାରତୀୟ କ୍ରୀଡ଼ା ପ୍ରାଧିକରଣ(ସାଇ)ର ନ୍ୟାସନାଲ ବକ୍ସିଂ ଏକାଡେମୀରେ କାର୍ଯ୍ୟରତ ଥିବା ଜଣେ ମହିଳା କୋଚ୍‌ଙ୍କ ବିରୋଧରେ ଜଣେ ନାବାଳିକା ବକ୍ସର ଯୌନ ନିର୍ଯାତନା ଅଭିଯୋଗ ଆଣିଛନ୍ତି । ବକ୍ସରଙ୍କ ବାପା ମା’ ମହିଳା କୋଚ୍‌ଙ୍କ ବିରୋଧରେ ଏଫ୍‌ଆଇଆର ରୁଜୁ କରାଇଛନ୍ତି । ତେବେ ତଦନ୍ତ ଚାଲିଥିବାରୁ ଅଭିଯୁକ୍ତାଙ୍କ ନାମ ପ୍ରଘଟ କରାଯାଇ ନାହିଁ ।

ଏପରିକି ଘଟଣା ସମ୍ପର୍କରେ ଫେଡେରେସନ ଅଫ୍ ଇଣ୍ଡିଆ (ବିଏଫ୍‌ଆଇ) ଓ ସାଇକୁ ଯୋଗାଯୋଗ କରିବାରୁ ଜଣାପଡ଼ିଥିଲା ଯେ, ୧୭ ବର୍ଷୀୟା ପୀଡ଼ିତାଙ୍କଠାରୁ ଚାପୁଡ଼ା ମାରିବା ଓ ଧମକାଇବା ଭଳି ଅଭିଯୋଗ ମିଳିଥିଲା । ହେଲେ ଉଭୟ ସଂସ୍ଥା ପକ୍ଷରୁ କରାଯାଇଥିବା ଆନ୍ତଃ ତଦନ୍ତରେ କୋଚ୍‌ଙ୍କ ବିରୋଧରେ କୌଣସି ପ୍ରମାଣ ମିଳି ନ ଥିଲା । ଏଣୁ ସେ ଏବେ ଜୁନିୟର ଓ ଯୁବ ବକ୍ସରଙ୍କୁ ଜାତୀୟ କ୍ୟାମ୍ପରେ ପ୍ରଶୀକ୍ଷଣ ଦେଉଛନ୍ତି । ତେବେ ବିଏଫ୍‌ଆଇର ତଦନ୍ତରେ ପୀଡ଼ିତା ବକ୍ସରଙ୍କ ବାପା ମା’ ଅସନ୍ତୋଷ ବ୍ୟକ୍ତ କରିଥିଲେ ।

ରୋହତକ ଥାନାରେ ଦାୟର ହୋଇଥିବା ଏଫ୍‌ଆଇଆରରେ ଦର୍ଶାଯାଇଛି ଯେ, କୋଚ୍ ବଳପୂର୍ବକ ତାଙ୍କ ପୋଷାକ ଖୋଲିବାକୁ ଉଦ୍ୟମ କରିବା ସହ ଅନେକ ଥର ଚାପୁଡ଼ା ମାରିଥିଲେ । କ୍ୟାରିୟର ନଷ୍ଟ କରିବାକୁ ଧମକ ଦେଇଥିଲେ ଏବଂ ଅନ୍ୟ ବକ୍ସରଙ୍କ ଆଗରେ ତାଙ୍କ ଚରିତ୍ର ଖରାପ ଥିବା କହିଥିଲେ । ଏଥିଯୋଗୁ କୋଚ୍‌ଙ୍କ ବିରୋଧରେ ଭାରତୀୟ ନ୍ୟାୟ ସଂହିତାର ଦଫା ୧୧୫ (ଜାଣିଶୁଣି ଆଘାତ ଦେବା), ୩୫୧ (୩) (ଅପରାଧିକ ଧମକ) ଓ ପୋକ୍‌ସୋ ଆଇନରେ ମାମଲା ରୁଜୁ କରା ଯାଇଛି । ଏହି ଘଟଣାର ତଦନ୍ତ ପ୍ରକ୍ରିୟାରେ ସାଇ ପକ୍ଷରୁ ସମ୍ପୂର୍ଣ୍ଣ ସହଯୋଗ କରାଯିବ ବୋଲି କୁହାଯାଇଛି ।

# ଖୁବ୍‌ଶୀଘ୍ର ଘୋଷଣା ହେବ ଏସିଆ କପ୍-୨୦୨୫ର କାର୍ଯ୍ୟସୂଚୀ

**ନୂଆଦିଲ୍ଲୀ**

ଏସିଆ କପ୍‌କୁ ନେଇ ଜାରି ରହିଥିବା ଅନିଶ୍ଚିତତା ଏବେ ଧୀରେ ଧୀରେ ଆଶାରେ ପରିଣତ ହେବାରେ ଲାଗିଛି । ଭାରତ ଓ ପାକିସ୍ତାନ ମଧ୍ୟରେ ଉତ୍ତେଜନା ଯୋଗୁ ଟୁର୍ଣ୍ଣାମେଣ୍ଟ ଉପରେ ସଂକଟର ଯେଉଁ କଳା ବାଦଲ ଥିଲା, ତାହା ଏବେ ହଟୁଥିବା ନଜର ଆସୁଛି । ଆୟୋଜନକୁ ନେଇ ସକାରାତ୍ମକ ସଂକେତ ମିଳୁଛି । ବର୍ତ୍ତମାନ ସୁଦ୍ଧା କୌଣସି ଔପଚାରିକ ଘୋଷଣା ହୋଇନାହିଁ, କିନ୍ତୁ ଜାତୀୟ ଗଣମାଧ୍ୟମର ରିପୋର୍ଟ ଅନୁସାରେ ଏସିଆ କ୍ରିକେଟ୍ ପରିଷଦ ଆଗାମୀ ସପ୍ତାହରେ କୌଣସି ଆନୁଷ୍ଠାନିକ ଘୋଷଣା କରିପାରେ । କ୍ରିକବଜ୍ ରିପୋର୍ଟ ଅନୁସାରେ, ଏସିଆ କପ୍ ୨୦୨୫ ପାଇଁ ଜୁଲାଇ ପ୍ରଥମ ସପ୍ତାହରେ ଘୋଷଣା ହୋଇପାରେ ।

ଯଦି ସବୁ କିଛି ଯୋଜନା ଅନୁସାରେ ହୁଏ, ତେବେ ଟି-୨୦ ଫର୍ମାଟରେ ହେବାକୁ ଥିବା ଏହି ଟୁର୍ଣ୍ଣାମେଣ୍ଟ ସେପ୍ଟେମ୍ବର ଦ୍ୱିତୀୟ ସପ୍ତାହରେ ଅର୍ଥାତ୍ ସେପ୍ଟେମ୍ବର ୧୦ରୁ ଆରମ୍ଭ ହୋଇପାରେ । ଏଥର ଛଅ ଟିମ୍-ଭାରତ, ପାକିସ୍ତାନ, ଆଫଗାନିସ୍ତାନ, ଶ୍ରୀଲଙ୍କା, ବାଂଲାଦେଶ ଓ ୟୁଏଇ ଅଂଶଗ୍ରହଣ କରିବେ । ଟୁର୍ଣ୍ଣାମେଣ୍ଟର ପ୍ରଚାର ସମ୍ବନ୍ଧୀୟ ଗତିବିଧି ଆରମ୍ଭ ହୋଇସାରିଛି ।

ୟୁଏଇ ଏହି ଟୁର୍ଣ୍ଣାମେଣ୍ଟର ଆୟୋଜକ ହେବା ପାଇଁ ସବୁଠୁ ଆଗରେ ରହିଛି । ତେବେ ହାଇବ୍ରିଡ୍ ମଡେଲ ଉପରେ ବି ଚର୍ଚ୍ଚା ହେଉଛି । ଯେଉଁଥିରେ କିଛି ମ୍ୟାଚ୍ ଅଲଗା ଅଲଗା ଦେଶରେ ଖେଳାଯାଇପାରେ । ଏହି ଟୁର୍ଣ୍ଣାମେଣ୍ଟ ପାଇଁ ଭାରତକୁ ଆୟୋଜକ ଦେଶ ଘୋଷଣା କରାଯାଇଛି, କିନ୍ତୁ ଏସିସି ପୂର୍ବରୁ ସ୍ଥିର କରିସାରିଛି ଯେ ଭାରତ କିମ୍ବା ପାକିସ୍ତାନ ଆୟୋଜକ ହେଲେ, ଟୁର୍ଣ୍ଣାମେଣ୍ଟକୁ ନ୍ୟୁଟ୍ରାଲ୍ ଭେନ୍ୟୁରେ କରାଯିବ । ଭାରତ-ପାକିସ୍ତାନ ମୁକାବିଲା କ୍ରିକେଟ୍ ଜଗତରେ ସବୁଠୁ ଅଧିକ ରାଜସ୍ୱ ଦେଇଥାଏ । ତେବେ ବିସିସିଆଇର ଏହା ଉପରେ ନିର୍ଭରତା କମ୍, କିନ୍ତୁ ଆଇସିସି, ଏସିସି ଓ ଅନ୍ୟ ସଦସ୍ୟ ବୋର୍ଡଙ୍କ ପାଇଁ ରାଜସ୍ୱ ଗୁରୁତ୍ୱପୂର୍ଣ୍ଣ ।

# ଦିଲ୍ଲୀ ପ୍ରିମିୟର ଲିଗ୍‌ରେ ସେହ୍ୱାଗଙ୍କ ୨ପୁଅଙ୍କୁ ଟକ୍କର ଦେବେ କିଙ୍ଗ୍ କୋହଲିଙ୍କ ପୁତୁରା

**ନୂଆଦିଲ୍ଲୀ**

ଟି-୨୦କୁ ଅଲ୍‌ବିଦା କହିଛନ୍ତି ବିରାଟ କୋହଲି । କିନ୍ତୁ ତାଙ୍କର ହିଁ ଅଂଶ ଏବେ କ୍ରିକେଟ ମଇଦାନକୁ ଓହ୍ଲାଇଛନ୍ତି । ୧୫ ବର୍ଷୀୟ ଆର୍ଯ୍ୟବୀର କୋହଲି ବିରାଟ କୋହଲିଙ୍କ ବଡ଼ ଭାଇ ବିକାଶ କୋହଲିଙ୍କ ପୁଅ । ଜୁଲାଇ ୫ରେ ହେବାକୁ ଥିବା ଦିଲ୍ଲୀ ପ୍ରିମିୟର ଲିଗ୍ (ଡିପିଏଲ)ରେ ଧମାଲ୍ କରିବାକୁ ଯାଉଛନ୍ତି । ସେ ନିଲାମ ପାଇଁ ତାଲିକାଭୁକ୍ତ ହୋଇଛନ୍ତି । ଆର୍ଯ୍ୟବୀର କୋହଲି ତାଙ୍କ କାକା ବିରାଟଙ୍କ ପରି ବ୍ୟାଟର ନୁହନ୍ତି । ସେ ଜଣେ ଲେଗ୍ ସ୍ପିନର । ଏହି ପ୍ଲେୟର ପଶ୍ଚିମ ଦିଲ୍ଲୀ କ୍ରିକେଟ୍ ଏକାଡେମୀରେ ବିରାଟ କୋହଲିଙ୍କ କୋଚ୍ ରାଜକୁମାର ଶର୍ମାଙ୍କଠାରୁ ତାଲିମ ନିଅନ୍ତି । ଆର୍ଯ୍ୟବୀର କୋହଲିଙ୍କୁ ନିଲାମର ସି ବର୍ଗରେ ରଖାଯାଇଛି । ଗତ ସିଜନରେ ଏହି ଖେଳାଳି ଦିଲ୍ଲୀ ଅଣ୍ଡର-୧୬ରେ ରେଜିଷ୍ଟ୍ରେସନ୍ କରାଇଥିଲେ ।

ସବୁଠାରୁ ଖାସ୍ କଥା ହେଉଛି ଏଥର ବୀରେନ୍ଦ୍ର ସେହ୍ୱାଗଙ୍କ ୨ପୁଅ ଆର୍ଯ୍ୟବୀର ଓ ବେଦାନ୍ତ ସେହ୍ୱାଗଙ୍କୁ ମଧ୍ୟ ଏହି ଲିଗ୍‌ରେ ନଜର ଆସିବେ । ଉଭୟଙ୍କ ନାଁକୁ ଡିପିଏଲ ପାଇଁ ଚୟନ କରାଯାଇଛି । ବୀରେନ୍ଦ୍ର ସେହ୍ୱାଗଙ୍କ ଉଭୟ ପୁଅ ଦିଲ୍ଲୀ ପ୍ରିମିୟର ଲିଗ୍‌ରେ ନଜର ଆସିବେ । ଆର୍ଯ୍ୟବୀର ସେହ୍ୱାଗଙ୍କ ବଡ଼ ପୁଅ । ଯାହାଙ୍କ ବୟସ ୧୭ ବର୍ଷ । ସେ ଦିଲ୍ଲୀର ୧୯ ବର୍ଷରୁ କମ୍ ଦଳର ସଦସ୍ୟ ଏବଂ ସେ ନିକଟରେ ମେଘାଳୟ ବିପକ୍ଷରେ ୨୯୭ ରନର ଏକ ବିସ୍ଫୋରକ ଇନିଂସ ଖେଳିଛନ୍ତି । ଏହି ଖେଳାଳିଙ୍କୁ ଡିପିଏଲର ବର୍ଗ ବିରେ ରଖାଯାଇଛି । ଦିଲ୍ଲୀର ୧୬ ବର୍ଷରୁ କମ୍ ଦଳରେ ଖେଳୁଥିବା ବେଦାନ୍ତ ସେହ୍ୱାଗଙ୍କୁ ମଧ୍ୟ ବର୍ଗ ‘ବି’ରେ ସ୍ଥାନ ମିଳିଛି । ବେଦାନ୍ତ ଜଣେ ଅଫ୍-ସ୍ପିନର ।



ଏଥର ଦିଲ୍ଲୀ ପ୍ରିମିୟର ଲିଗ୍‌ରେ ଦୁଇଟି ନୂଆ ଦଳ ଖେଳିବାକୁ ଯାଉଛନ୍ତି । ଏଥିରେ ପୂର୍ବ ଦିଲ୍ଲୀ ରାଇଡର୍ସ, ନର୍ଥ ଦିଲ୍ଲୀ ଷ୍ଟ୍ରାଇକର୍ସ, ପଶ୍ଚିମ ଦିଲ୍ଲୀ ଲାୟନ୍ସ, ଦକ୍ଷିଣ ଦିଲ୍ଲୀ ସୁପରଷ୍ଟାର୍ସ, ପୁରୁଣା ଦିଲ୍ଲୀ-୬ ଏବଂ କେନ୍ଦ୍ରୀୟ ଦିଲ୍ଲୀ କିଙ୍ଗସ୍ ସାମିଲ ରହିବେ । ଏଥର ଆଉଟର ଦିଲ୍ଲୀ ଏବଂ ନୂଆଦିଲ୍ଲୀ ଫ୍ରାଞ୍ଚାଇଜିକୁ ମଧ୍ୟ ପଡ଼ିଆରେ ଦେଖିବାକୁ ମିଳିବ । ଗତଥର ପ୍ରିୟାଂଶ ଆର୍ଯ୍ୟଙ୍କ ଭଳି ଖେଳାଳି ଏହି ଲିଗରୁ ଆସିଥିଲେ ଚର୍ଚ୍ଚାକୁ । ପ୍ରିୟାଂଶ ଆର୍ଯ୍ୟ ଦିଲ୍ଲୀ ପ୍ରିମିୟର ଲିଗ୍‌ର ପ୍ରଥମ ସିଜିନରେ ୬ ବଲ୍‌ରେ ୬ ଛକା ମାରିଥିଲେ । ଏହାପରେ ପଞ୍ଜାବ କିଙ୍ଗସ୍ ପ୍ରିୟାଂଶଙ୍କ ଉପରେ ୩ କୋଟି ୮୦ ଲକ୍ଷ ଟଙ୍କାର ବାଜି ଲଗାଇଥିଲା । ଏହି ବାମହାତୀ ବ୍ୟାଟର ତାଙ୍କର ଆଇପିଏଲର ଡେବ୍ୟୁ ମ୍ୟାଚ୍‌ରେ କରିଥିଲେ ୫୪୫ ରନ । ଯେଉଁଥିରେ ଗୋଟିଏ ଶତକ ମଧ୍ୟ ସାମିଲ୍ ରହିଥିଲା ।

## ୟୁଏସ୍ ଓପନ୍ ବ୍ୟାଡ୍‌ମିଣ୍ଟନ୍

# ଫାଇନାଲ୍‌ରେ ତନ୍ୱୀ, ଆୟୁଷ

**ଲୋୱା**

ସମ୍ମାନଜନକ ୟୁଏସ୍ ଓପନ୍ ସୁପର ୩୦୦ ବ୍ୟାଡ୍‌ମିଣ୍ଟନ୍ ପ୍ରତିଯୋଗିତାରେ ଭାରତୀୟ ଲଳନା ତନ୍ୱୀ ଶର୍ମା ଜୟଯାତ୍ରା ଜାରି ରଖି ଫାଇନାଲ୍ ସ୍ଥାନ ପକ୍କା କରିଛନ୍ତି । ସେହିଭଳି ପୁରୁଷ ଏକକରେ ଆୟୁଷ ସେଟ୍ଟୀ ଐତିହାସିକ ସଫଳତା ସହ ଫାଇନାଲ୍‌ରେ ସ୍ଥାନ ସୁରକ୍ଷିତ କରି ନେଇଛନ୍ତି । ୧୬ବର୍ଷୀୟା ତନ୍ୱୀ ମହିଳା ଏକକ ସେମିଫାଇନାଲ୍‌ରେ ସପ୍ତମ ମାନ୍ୟତାପ୍ରାପ୍ତ ୟୁକ୍ରେନ୍‌ର ପୋଲିନା ବୁରୋଭାଙ୍କୁ ମାତ୍ର ୩୪ ମିନିଟ୍‌ରେ ୨୧-୧୪, ୨୧-୧୬ରେ ହରାଇଥିଲେ । ଏଥିସହ ତନ୍ୱୀ ଏହି ୟୁକ୍ରେନ୍ ଖେଳାଳିଙ୍କ ବିପକ୍ଷରେ ଦ୍ୱିତୀୟ ବିଜୟ ଅର୍ଜନ କରିବା ସହ ବିଶ୍ୱ ଟୁର୍ ଇଭେଣ୍ଟର ଫାଇନାଲ୍ ପହଞ୍ଚିବାରେ ସବୁଠୁ କନିଷ୍ଠ ଭାରତୀୟ ହେବାର ଗୌରବ ଅର୍ଜନ କରିଛନ୍ତି । ଫାଇନାଲ୍‌ରେ ସେ ଶୀର୍ଷ ମାନ୍ୟତାପ୍ରାପ୍ତ ଆମେରିକାର ବିୱେନ୍ ଝାଙ୍ଗଙ୍କୁ ଭେଟିବେ । ପୁରୁଷ ଏକକରେ ଚତୁର୍ଥ ମାନ୍ୟତାପ୍ରାପ୍ତ ଆୟୁଷ କଡ଼ା ସଂଘର୍ଷ ପରେ ୨୧-୨୩, ୨୧-୧୫, ୨୧-୧୪ରେ ବିଶ୍ୱର ୬ ନମ୍ବର ଚାଇନିଜ୍ ତାଇପେର ଚୌଉ ତିନ ଚେନ୍‌ଙ୍କୁ ପରାସ୍ତ କରିଥିଲେ । ଫାଇନାଲ୍‌ରେ ଆୟୁଷ ତୃତୀୟ ମାନ୍ୟତାପ୍ରାପ୍ତ କାନାଡ଼ାର ବ୍ରାଏନ ୟଙ୍ଗ୍‌ଙ୍କୁ ଭେଟିବେ । ୟଙ୍ଗ ୨୧-୧୦, ୨୧-୧୨ରେ ଚାଇନିଜ୍ ତାଇପେର ଲିଆଓ ଝୁଓ-ଫୁଙ୍କୁ ପରାସ୍ତ ହରାଇଥିଲେ ।





# ଦୁବାଇରେ ହେବ ୱାର୍ଲ୍ଡ ସୁପର କବାଡ଼ି ଲିଗ୍

**ନୂଆଦିଲ୍ଲୀ**



ୱାର୍ଲ୍ଡ ସୁପର କବାଡ଼ି ଲିଗ୍ (ଡବ୍ଲ୍ୟୁଏସ୍‌କେଏଲ୍)ର ଉଦ୍‌ଘାଟନୀ ସଂସ୍କରଣ ଆସନ୍ତାବର୍ଷ ଫେବୃୟାରୀ-ମାର୍ଚ୍ଚରେ ଦୁବାଇରେ ହେବ । ଆୟୋଜକଙ୍କ ପକ୍ଷରୁ ସୋମବାର ଘୋଷଣା କରାଯାଇଛି ।

ଇଣ୍ଟରନ୍ୟାସନାଲ କବାଡ଼ି ଫେଡେରେସନ (ଆଇକେଏଫ୍) ସହଯୋଗରେ ଏହା ଅନୁଷ୍ଠିତ ହେବ । ଉଦ୍‌ଘାଟନୀ ସିଜନ୍‌ରେ ଫ୍ରାଞ୍ଚାଇଜ୍‌ଭିତ୍ତିକ ଏହି ଟୁର୍ଣ୍ଣାମେଣ୍ଟରେ ୮ଟି ଦଳ ସ୍ଥାନ ପାଇବେ । ପ୍ରତ୍ୟେକ ଦଳରେ ଭାରତୀୟ ପ୍ରତିଭା ସମେତ ବହୁ ଅନ୍ତର୍ଜାତୀୟ ଖେଳାଳି ସ୍ଥାନ ପାଇବେ । ଲିଗ୍‌ରେ ୮ଟି ଯାକ ଫ୍ରାଞ୍ଚାଇଜ୍ ଖେଳାଳି କ୍ରୟ କରିବା ଲାଗି ମୋଟ ୪୮କୋଟି ଟଙ୍କା ବ୍ୟୟ କରିବେ । ୱାର୍ଲ୍ଡ ସୁପର କବାଡ଼ି ଲିଗ୍‌ରେ ଅଂଶଗ୍ରହଣ କରିବା ଲାଗି ଯେଉଁ ଦେଶଗୁଡ଼ିକର ଖେଳାଳିମାନେ ଆଗ୍ରହ ଦେଖାଇଛନ୍ତି, ତନ୍ମଧ୍ୟରେ ଦକ୍ଷିଣ କୋରିଆ, ଇରାନ, ଥାଇଲାଣ୍ଡ, ପାକିସ୍ତାନ, ମାଲେସିଆ, ଜାପାନ, କାନାଡ଼ା ଏବଂ ଯୁକ୍ତରାଷ୍ଟ୍ର ଆମେରିକା ରହିଛି । ଏଥିରେ ଅନ୍ୟ କେତେକ ଦେଶର ଖେଳାଳି ଭାଗ ନେବେ । ସେମାନଙ୍କ ସହ କଥାବାର୍ତ୍ତା ଚାଲିଛି ।

# ଲୁକ୍‌ରେ ହିରୋ, କ୍ରିକେଟରେ ଷ୍ଟାର : ଭାରତର ୫ ହ୍ୟାଣ୍ଡସମ୍ କ୍ରିକେଟର

**ନୂଆଦିଲ୍ଲୀ**




ଅଭିନୟ ଜଗତର ଅଭିନେତାଙ୍କୁ ମଧ୍ୟ ଟକ୍କର୍ ଦେଉଛନ୍ତି ଭାରତର କିଛି କ୍ରିକେଟ ଖେଳାଳି ! ଲୁକ୍, ଷ୍ଟାଇଲ୍ ଓ ସ୍ମାର୍ଟନେସ୍‌ରେ ଏମିତି ୫ ଜଣ ଭାରତୀୟ କ୍ରିକେଟର ଅଛନ୍ତି, ଯାହାଙ୍କ ଉପରେ ଲକ୍ଷେ-ଲକ୍ଷେ ହୃଦୟ ଫିଦା ।

ବିରାଟ୍ କୋହଲି : ଭାରତର ଷ୍ଟାର ବ୍ୟାଟ୍ସମ୍ୟାନ୍ ବିରାଟ୍ କୋହଲିଙ୍କ ନାମ ସବୁବେଳେ ସବୁଠୁ ହ୍ୟାଣ୍ଡସମ୍ କ୍ରିକେଟର ତାଲିକାରେ ଥାଏ । ଖେଳରେ ଯେପରି ତାଙ୍କର ପ୍ରଦର୍ଶନ ଶ୍ରେଷ୍ଠ, ସେପରି ତାଙ୍କର ଟ୍ରେଣ୍ଡି ଲୁକ୍, ଫ୍ୟାସନ୍ ସେନ୍ସ ଓ ଡ୍ୟାନ୍ସିଂ ପର୍ସୋନାଲିଟି ସହିତ ସେ ସବୁ ସମୟରେ ଖବରରେ ରୁହନ୍ତି । ତାଙ୍କ ପାଇଁ ଝିଅମାନେ ଆଉ ଅଧିକ ଦିୱାନା – ଖେଳ ରଣଭୂମିର ଶେର, ଫ୍ୟାସନ୍ ଦୁନିଆର ଷ୍ଟାର – ଯେ ହେଉଛନ୍ତି ବିରାଟ୍ କୋହଲି !

ନୂଆ ଟେଷ୍ଟ କ୍ୟାପ୍ଟେନ୍ ଶୁଭମନ୍ ଗିଲ୍ : ଭାରତର ନୂଆ ଟେଷ୍ଟ କ୍ୟାପ୍ଟେନ୍ ଶୁଭମନ୍ ଗିଲ୍, ଯାହାଙ୍କୁ ଫ୍ୟାନ୍‌ମାନେ ‘କ୍ରିକେଟ୍ ପ୍ରିନ୍ସ’ ବୋଲି ମଧ୍ୟ ଡାକନ୍ତି, ଗୋଟିଏ ଖୁବ୍ ସୁନ୍ଦର ଓ ଆକର୍ଷଣୀୟ ଚେହେରାର ମାଲିକ୍ । ଶୁଭମନ୍ ତାଙ୍କର ଷ୍ଟାଇଲ, ଲୁକ୍ ଓ ଅନ୍ଦାଜ ପାଇଁ ସୋସିଆଲ୍ ମିଡ଼ିଆରେ ସେନସେସନ୍ ପାଲଟିଛନ୍ତି । ତାଙ୍କ ଉପରେ ଝିଅମାନେ ଜଣେ ତାରାଙ୍କୁ ଦେଖୁଥିବା ପରି ମୁଗ୍ଧ ହୋଇ ପଡ଼ନ୍ତି । ତାଙ୍କ ଚେହେରାର ଭୋଲାପଣ, ଆତ୍ମବିଶ୍ୱାସ ଓ ତାଳମେଳ ଦେଖି ଶୁଭମନ୍ ଗିଲ୍ ଆଜି ଯୁବ ପିଢ଼ିର ହୃଦୟର ସ୍ପନ୍ଦନ ବନିପାରିଛନ୍ତି ।

କେଏଲ୍ ରାହୁଲ : ଭାରତର ଏକ ଅନ୍ୟ ଷ୍ଟାଇଲିସ୍ ଅଧିନାୟକ-କେଏଲ୍ ରାହୁଲ ! ସ୍ମାର୍ଟନେସ୍, ଷ୍ଟାଇଲ୍ ଓ ସ୍ୱାଗ୍-ଏ ତିନିଟି ଶବ୍ଦ ଏବେ କେଏଲ୍ ରାହୁଲଙ୍କ ପାଇଁ ଯଥେଷ୍ଟ । ଫିଲ୍ଡରେ ହେଉ କି ଫ୍ୟାସନ ଶୋ ରେ...କେଏଲ୍ ରାହୁଲ ସବୁଠି ହିରୋ ! ତାଙ୍କ ଫ୍ୟାନ ଫଲୋଇଂ ମଧ୍ୟ ଝିଅମାନଙ୍କ ମଧ୍ୟରେ ବେଶି ଦେଖିବାକୁ ମିଳେ ।

ଶ୍ରେୟସ୍ ଆୟର୍ : ତାଙ୍କୁ ଭାରତର ସବୁଠାରୁ ହ୍ୟାଣ୍ଡସମ୍ କ୍ରିକେଟରମାନଙ୍କ ମଧ୍ୟରୁ ଗଣାଯାଏ । କେବଳ ବ୍ୟାଟିଂ ନୁହେଁ... ଷ୍ଟାଇଲ୍‌ରେ ମଧ୍ୟ ଶ୍ରେୟସ୍ ଆୟର୍ ଏକ ଅଲଗା ନାମ । ଭାରତର ଷ୍ଟାର ବ୍ୟାଟ୍ସମ୍ୟାନ ଶ୍ରେୟସ୍ ଆୟର୍ ନିଜ ଷ୍ଟାଇଲିଶ ଲୁକ୍ ପାଇଁ ସବୁବେଳେ ଚର୍ଚ୍ଚାରେ ଥାନ୍ତି । ଏମିତି ଷ୍ଟାଇଲିସ୍ ଲୁକ୍, ଏମିତି କ୍ଲାସି ଫ୍ୟାଶନ୍ ଯାହାକୁ ଦେଖି ଅଭିନେତ୍ରୀମାନେ ମଧ୍ୟ ହୃଦୟ ଦେଇ ବସନ୍ତି ।

ଯଶସ୍ୱୀ ଜୟସ୍ୱାଲ୍ : କେହି କ୍ୟୁଟ୍, କେହି ଟ୍ୟାଲେଣ୍ଟେଡ୍ କିନ୍ତୁ ଯଦି ଏହି ଦୁଇଟି ଏକାସାଙ୍ଗେ ଥାଏ, ତେବେ ସେ ହେଉଛନ୍ତି -ଯଶସ୍ୱୀ ଜୟସ୍ୱାଲ୍ ! ଭାରତର ଓପେନିଂ ବ୍ୟାଟ୍‌ସମ୍ୟାନ୍ ଯଶସ୍ୱୀ ଜୟସ୍ୱାଲ୍ ତାଙ୍କ ନିର୍ମଳ ଅଭିନନ୍ଦନ ଓ କ୍ୟୁଟ୍ ଲୁକ୍ ପାଇଁ ସୋସିଆଲ ମିଡ଼ିଆରେ ହଟ୍ ଟପିକ୍ ହୋଇଥାନ୍ତି । ଭାରତର ଯୁବ ଓପେନର୍ ଯଶସ୍ୱୀ, ମାନେ କ୍ୟୁଟ୍‌ନେସ୍‌ର ଏକ ଜୀବନ୍ତ ଉଦାହରଣ ! ତାଙ୍କ ହସ ଓ ଷ୍ଟାଇଲ୍ ଦେଖି ସମସ୍ତେ ତାଙ୍କର ଫ୍ୟାନ୍ ହୋଇଯାଇଛନ୍ତି । ଝିଅମାନେ ତାଙ୍କର ଏକ ଝଲକ ପାଇଁ ଭିଡ଼ ଲଗାଉଛନ୍ତି । ଯଶସ୍ୱୀ ଜୟସ୍ୱାଲ୍ -କ୍ରିକେଟ ଫିଲ୍ଡର ଯୋଦ୍ଧା, ଓ ହୃଦୟ ଜିତୁଥିବା ଏକ ଫିଲ୍ମି ହିରୋ !

# ସାଲେପୁର ବ୍ଲକରେ ୯୧ଟି ଅଭିଯୋଗର ତ୍ୱରିତ ସମାଧାନ ପାଇଁ ପଦକ୍ଷେପ ନେଲେ ଜିଲ୍ଲାପାଳ

**କଟକ, ନ୍ୟୁଜ୍‌ବ୍ୟୁରୋ**

ସାଲେପୁର ପଞ୍ଚାୟତ ସମିତି କାର୍ଯ୍ୟାଳୟଠାରେ ସୋମବାର ଜିଲ୍ଲାପାଳଙ୍କ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଜନ ଅଭିଯୋଗ ଶୁଣାଣିରେ ସମୁଦାୟ ୧୭୭ଟି ଅଭିଯୋଗ ହସ୍ତଗତ ହୋଇଥିବାବେଳେ ତନ୍ମଧ୍ୟରେ ୧୩୮ଟି ବ୍ୟକ୍ତିଗତ ଅଭିଯୋଗ ଏବଂ ୩୯ଟି ସାମୁହିକ ଅଭିଯୋଗ ରହିଥିଲା । ଅଭିଯୋଗ ଶୁଣାଣି ଶିବିରରେ ୯୧ଟି ଅଭିଯୋଗର ତ୍ୱରିତ ସମାଧାନ ନିମନ୍ତେ ବିହିତ ପଦକ୍ଷେପ ଗ୍ରହଣ କରାଯାଇ ଥିଲା । ଏଥିସହ ପାନୀୟ ଜଳ, ବାର୍ଦ୍ଧକ୍ୟ ଭତ୍ତା, ଭିନ୍ନକ୍ଷମ ଭତ୍ତା, ସ୍ୱାସ୍ଥ୍ୟ, ଶିକ୍ଷା, କୃଷି, ପ୍ରାଣୀ ସମ୍ପଦ ଆଦି ସମ୍ପର୍କିତ ବିଭିନ୍ନ ପଞ୍ଜିକୃତ ଅଭିଯୋଗର ଶୁଣାଣି ପରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ବିଭିନ୍ନ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା ।

# ଚଳିତ ବର୍ଷ ଶେଷସୁଦ୍ଧା ନୂଆ ରେଳଯାତ୍ରୀ ସଂରକ୍ଷଣ ବ୍ୟବସ୍ଥା

**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

ଚଳିତ ବର୍ଷ ଶେଷସୁଦ୍ଧା ନୂଆ ଯାତ୍ରୀ ସଂରକ୍ଷଣ ବ୍ୟବସ୍ଥା ଲାଗୁ କରିବ ଭାରତୀୟ ରେଳପଥ । ନୂଆ ବ୍ୟବସ୍ଥାରେ ଗୋଟିଏ ମିନିଟ୍‌ରେ ଦେଢ଼ ଲକ୍ଷ ଟିକଟ ବୁକିଂ ହୋଇପାରିବ । ପୁରୁଣା ବ୍ୟବସ୍ଥାରେ ଗୋଟିଏ ମିନିଟ୍‌ରେ ୩୨ହଜାର ଟିକଟ ବୁକିଂ ହେଉଥିଲା । ନୂଆ ବ୍ୟବସ୍ଥାରେ ଏହାଠାରୁ ପାଞ୍ଚ ଗୁଣ ଅଧିକ ଟିକଟ ବୁକିଂ କରାଯାଇ ପାରିବ । ଯାତ୍ରୀ ସୁବିଧା ଏବଂ ସ୍ମାର୍ଟ ଟିକଟିଂ ଉପରେ ଧ୍ୟାନ ଦେଇ ଭାରତୀୟ ରେଳପଥ ଯାତ୍ରୀ ସଂରକ୍ଷଣ ବ୍ୟବସ୍ଥାକୁ ବହୁଭାଷୀ କରିବ । ରେଳଯାତ୍ରୀଙ୍କ ଯାତ୍ରା ଅନିଶ୍ଚିତତାକୁ ଦୂର କରିବା ପାଇଁ ରେଳ ମନ୍ତ୍ରଣାଳୟ ଆଗୁଆ ସଂରକ୍ଷିତ ଟିକଟ ତାଲିକା ପ୍ରକାଶ କରିବ । ନିର୍ଦ୍ଦିଷ୍ଟ ଦିନର ଅପରାହ୍ଣ ୨ଟା ପୂର୍ବରୁ ଛାଡୁଥିବା ରେଳ ପାଇଁ ପୂର୍ବଦିନ ରାତି ୯ଟା ସୁଦ୍ଧା ଟିକଟଧାରୀଙ୍କ ତାଲିକା ପ୍ରସ୍ତୁତ କରାଯିବ । ତତ୍କାଳ ଟିକଟ ବୁକିଂକୁ ଅଧିକ ସ୍ୱଚ୍ଛ ଓ ସୁରକ୍ଷିତ କରିବା ଲାଗି ଆଧାର କିମ୍ବା ଡିଜିଲକର ସଂଯୁକ୍ତ ସରକାରୀ ପରିଚୟପତ୍ର ଜରିଆରେ ପ୍ରମାଣୀକରଣ କରାଯିବ । ଟିକଟ ଅନୁସନ୍ଧାନ କ୍ଷମତାକୁ ଦଶଗୁଣ ବୃଦ୍ଧି କରାଯିବ । ନୂଆ ପିଆରଏସ ବ୍ୟବସ୍ଥାରେ ପ୍ରତି ମିନିଟ୍‌ରେ ୪ଲକ୍ଷରୁ ୪୦ ଲକ୍ଷ ଟିକଟ ସମ୍ପର୍କରେ ଅନୁସନ୍ଧାନ କରିବା ସମ୍ଭବ ହେବ ବୋଲି ଭାରତୀୟ ରେଳପଥ ପକ୍ଷରୁ ସୂଚନା ଦିଆଯାଇଛି ।

ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଯାତ୍ରୀ ସଂରକ୍ଷଣ ବ୍ୟବସ୍ଥାର ଉନ୍ନତିକରଣ ସମୀକ୍ଷା କରିଥିଲେ । ଉନ୍ନତିକରଣ ହୋଇଥିବା ପିଆରଏସ୍ ଡିଜାଇନ ଦକ୍ଷ, ନମନୀୟ ଏବଂ ବର୍ତ୍ତମାନର ଚାହିଦାଠାରୁ ଦଶ ଗୁଣ ପରିଚାଳନା କରିବା ପାଇଁ ସୁବିଧା ଯୋଗାଇ ଦେବ । ଏହା ଟିକଟ ବୁକିଂ କ୍ଷମତାକୁ ଉଲ୍ଲେଖନୀୟ ଭାବରେ ବୃଦ୍ଧି କରିବ । ନୂତନ ପିଆରଏସ ପ୍ରତି ମିନିଟ୍‌ରେ ଦେଢ଼ ଲକ୍ଷରୁ ଅଧିକ ଟିକଟ ବୁକିଂ ସକ୍ଷମ କରିବ । ବର୍ତ୍ତମାନର ପିଆରଏସ୍ ବ୍ୟବସ୍ଥା ଅନୁଯାୟୀ ପ୍ରତି ମିନିଟ୍‌ରେ ୩୨ ହଜାର ଟିକଟଠାରୁ ପ୍ରାୟ ପାଞ୍ଚ ଗୁଣ ଅଧିକ ଟିକଟ ଅନୁସନ୍ଧାନ କ୍ଷମତା ଦଶ ଗୁଣ ବୃଦ୍ଧି ପାଇବ ଅର୍ଥାତ୍ ଗୋଟିଏ ମିନିଟ୍ ମଧ୍ୟରେ ଅନୁସନ୍ଧାନ କ୍ଷମତା ୪ ଲକ୍ଷରୁ ୪୦ ଲକ୍ଷରେ ପହଞ୍ଚିବ । ନୂଆ ପିଆରଏସ୍ ବ୍ୟବସ୍ଥାକୁ ବହୁଭାଷୀ, ବ୍ୟବହାରକାରୀ ଅନୁକୂଳ ଏବଂ ଅନୁସନ୍ଧାନ ଇଣ୍ଟରଫେସ୍ ସହିତ ଅଧିକ ସୁବିଧାଜନକ କରାଯିବ । ନୂତନ ପିଆରଏସ୍‌ରେ, ଉପଭୋକ୍ତାମାନେ ସେମାନଙ୍କର ସିଟ୍ ପସନ୍ଦ ଦାଖଲ କରିପାରିବେ ଏବଂ ଯାତ୍ରୀ ଭଡ଼ା ତାଲିକା ଦେଖିପାରିବେ । ଏଥିରେ ଦିବ୍ୟାଙ୍ଗ, ଛାତ୍ରଛାତ୍ରୀ, ରୋଗୀ ଇତ୍ୟାଦିଙ୍କ ପାଇଁ ସମନ୍ୱିତ ସୁବିଧା ମଧ୍ୟ ରହିଛି । ତତ୍କାଳ ଟିକଟ ବୁକିଂ ବ୍ୟବସ୍ଥାର ପ୍ରମାଣୀକରଣକୁ ଅଧିକ ବ୍ୟବସ୍ଥିତ କରାଯିବ । ଜୁଲାଇ ପହିଲାରୁ ଭାରତୀୟ ରେଳପଥ କେବଳ ପ୍ରମାଣିତ ବ୍ୟବହାରକାରୀଙ୍କୁ ଆଇଆରସିଟିସି ୱେବ୍‌ସାଇଟ୍ ଏବଂ ମୋବାଇଲ ଆପ୍ ଜରିଆରେ ତତ୍କାଳ ଟିକଟ ବୁକିଂର ଅନୁମତି ଦେବ । ଆହୁରି ୨୦୨୫ ଜୁଲାଇ ଶେଷଠାରୁ ତତ୍କାଳ ଟିକଟ ବୁକିଂ ପାଇଁ ଓଟିପି ଆଧାରିତ ପ୍ରମାଣୀକରଣ ବ୍ୟବସ୍ଥା କାର୍ଯ୍ୟକାରୀ କରାଯିବ ।

# କୋରଡକୋଟ ଜଙ୍ଗଲରୁ ମିଳିଲା କଙ୍କାଳ

**ଦେବଗଡ଼, ନ୍ୟୁଜ୍‌ବ୍ୟୁରୋ**

ଦେବଗଡ଼ ଥାନା ଅନ୍ତର୍ଗତ କୋରଡକୋଟ ଜଙ୍ଗଲ ମଧ୍ୟରେ ଏକ ମଣିଷ କଙ୍କାଳ ଠାବ ହୋଇଥିବା ଜଣାପଡ଼ିଛି । କେତେକ ଲୋକ ଛତୁ ସଂଗ୍ରହ ପାଇଁ ଯାଇଥିବା ବେଳେ କୋରଡ଼ କୋଟ (କାଇଝରଣ)ଘଞ୍ଚ ଜଙ୍ଗଲ ମଧ୍ୟରେ କୌଣସି ଏକ ଅଜଣା ବ୍ୟକ୍ତିଙ୍କର କଙ୍କାଳ ପଡିଥିବା ଦେଖିବାକୁ ପାଇଥିଲେ । ଏନେଇ ସେମାନେ ଦେବଗଡ଼ ଥାନା ପୋଲିସକୁ ସୂଚନା ଦେବାରୁ ପୋଲିସ ଏକ ମାମଲା ରୁଜୁ କରିବା ସହ ସବଇନ୍ସପେକ୍ଟର ବିନୟ କେର୍କେଟା ସଦଳବଳେ ଘଟଣାସ୍ଥଳରେ ପହଞ୍ଚି ଉକ୍ତ କଙ୍କାଳ ଠାବ କରିବା ସହ ପ୍ରାଥମିକ ତଦନ୍ତ ଆରମ୍ଭ କରିଥିଲେ । ପାରିପାର୍ଶ୍ୱୀକ ପରିସ୍ଥିତି ଏବଂ କଙ୍କାଳର ସ୍ଥିତିକୁ ଅନୁଧ୍ୟାନ କଲେ ପ୍ରାୟ ଏକ ମାସରୁ ଅଧିକ ସମୟ ଏହା ସେଠାରେ ପଡ଼ିରହିଥିବା ଅନୁମାନ କରାଯାଉଛି ।

# ପାତାଳୀ ଶ୍ରୀକ୍ଷେତ୍ରରେ ଶ୍ରୀଜୀଉଙ୍କ ମତ୍ସ୍ୟ ଓ କଚ୍ଛପ ଅବତାର

**ସୁବର୍ଣ୍ଣପୁର, ନ୍ୟୁଜ୍‌ବ୍ୟୁରୋ**

ସୁବର୍ଣ୍ଣପୁର ଜିଲ୍ଲା ପ୍ରସିଦ୍ଧ ପୀଠ ଶ୍ରୀ ପାତାଳୀ କ୍ଷେତ୍ର କୋଟସମଲାଇରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ମତ୍ସ୍ୟ ଓ କଚ୍ଛପ ଅବତାର ରେ ଆଜି ଆଡପ ମଣ୍ଡପରେ ପ୍ରଭୁ ଦର୍ଶନ ଦେଉଛନ୍ତି ଭକ୍ତଙ୍କୁ । ସୁବର୍ଣ୍ଣପୁର ଜିଲ୍ଲାର ପୂର୍ବତନ ଜିଲ୍ଲାପାଳ ତଥା ଝାରସୁଗୁଡ଼ା ଜିଲ୍ଲାପାଳ ଆବୋଲି ସୁନୀଲ ନରୱଣେ ପାତାଳୀ କ୍ଷେତ୍ର ପରିଦର୍ଶନ କରିବା ସହ ଶ୍ରୀଜୀଉଙ୍କୁ ଦର୍ଶନ କରିଥିଲେ । ଏହି ଅବସରରେ ପାତାଳୀ ଶ୍ରୀକ୍ଷେତ୍ର ରାମାୟଣୀ ଗୋଷ୍ଠୀ ଦ୍ୱାରା ତୁଳସୀ ରାମାୟଣ ପାରାୟଣ ଓ ଭଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି । ଏଥିରେ ଗାୟକ ଭାବରେ ଗୋପାଳ ପଣ୍ଡା, ବିଜୟ କୁମାର ହୋତା, ସୁଧିର କୁମାର ପୁରୋହିତ, ଗୋବର୍ଦ୍ଧନ ଚାନ୍ଦ, ଅନିରୁଦ୍ଧ ପାଢୀ, ପୂର୍ଣ୍ଣଚନ୍ଦ୍ର ପାଢୀ, ଇପ୍ସୀତା ପ୍ରିୟଦର୍ଶନୀ ପାଢୀ, ଅନନ୍ତ ନାରାୟଣ ପାଢୀ, ଜାନକୀରାମ ଦେହେରୀ ଓ ନରେନ୍ଦ୍ର ବାଘଙ୍କ ଦ୍ୱାରା ଭଜନ ପରିବେଷଣ ହୋଇଥିଲା । ଏଥିରେ ବାଦ୍ୟଯନ୍ତ୍ରରେ ଅଚ୍ୟୁତାନନ୍ଦ କୁରୁକୁରିଆ, ପଞ୍ଚାନନ ମଣ୍ଡା ଓ ଚମରା ସେଠୀ ସହଯୋଗ କରିଥିଲେ । ଏହି ଅବସରରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଦର୍ଶନ ପାଇଁ ଓଡ଼ିଶାର ବିଭିନ୍ନ ପ୍ରାନ୍ତରୁ ଭକ୍ତ ଶ୍ରଦ୍ଧାଳୁ ଧାଇଁ ଆସିଥିଲେ । ପୋଲିସ ପ୍ରଶାସନ ଓ କମିଟି ପକ୍ଷରୁ ସମସ୍ତ ପ୍ରକାର ସୁରକ୍ଷା ବ୍ୟବସ୍ଥା କରଯାଇଛି ।



# କାଗଜ କଲମରେ ସୀମିତ ଆଇନ : ମୁଣ୍ଡ ନେଉଛି ଡିଜେର ଉତ୍କଟ ଶବ୍ଦ

**ଭଦ୍ରକ, ନ୍ୟୁଜ୍‌ବ୍ୟୁରୋ**

ଭଦ୍ରକ ସହର ସମେତ ଜିଲ୍ଲାରେ ଡିଜେ ଶବ୍ଦ ପାଇଁ ଅତିଷ୍ଠ ହେଉଛନ୍ତି ସାଧାରଣ ଲୋକ, ବରିଷ୍ଠ ନାଗରିକ, ବିଦ୍ୟାର୍ଥୀ । ନ୍ୟାୟାଳୟଙ୍କ ପ୍ରତିବନ୍ଧକ ସତ୍ତ୍ୱେ ଡିଜେ ଉପରେ ନିୟନ୍ତ୍ରଣ ଲଗାଇ ପାରୁନି ପୁଲିସ ଓ ପ୍ରଶାସନ । ଶୋଭାଯାତ୍ରା ପାଇଁ ଅନୁମତି ଆଣିବା ସମୟରେ ଡିଜେକୁ ଅନୁମତି ନଥିବା ଲୋଖାଯାଉଥିଲେ ମଧ୍ୟ ଏହାକୁ ମାନୁ ନାହାନ୍ତି ଅନୁମତି ଆଣୁଥିବା ବ୍ୟକ୍ତି ଓ ଅନୁଷ୍ଠାନ । ପୁଲିସ କିଛି କହିଲେ ସେମାନଙ୍କ ଉପରେ ସଙ୍ଗେସଙ୍ଗେ ପଡୁଛି ରାଜନୈତିକ ଚାପ । ତେଣୁ ପୁଲିସ ନିରବ ରହୁଛି । ଫଳରେ ଡିଜେକୁ ନେଇ ଥିବା ପ୍ରତିବନ୍ଧକ ଆପଣାଛାଏଁ ମିଳାଇ ଯାଉଛି ଡିଜେର ଗୁରୁଗର୍ଜନ ଶବ୍ଦ ଭିତରେ । ତେବେ କେତେକ କ୍ଷେତ୍ରରେ ଡିଜେ ବ୍ୟବହାରକାରୀଙ୍କୁ ବିନା ଭାଇବ୍ରେଟରରେ ୨୦ରୁ ୩୦ ଡେସିବଲ ଶବ୍ଦ ପାଇଁ ଅନୁମତି ଦିଆଯାଉଛି । କିନ୍ତୁ ବ୍ୟବହାରକାରୀ ଏହାକୁ ୧ଶହରୁ ୧୨୦ ଡେସିବଲ ପର୍ଯ୍ୟନ୍ତ ନେଇ ଯାଉଛନ୍ତି । ଏଥିରୁ ଯେଉଁ ଶବ୍ଦ ବାହାରୁଛି ତାହା ସ୍ନାୟୁ, ମସ୍ତିଷ୍କ ଓ ହୃତ୍‌ପିଣ୍ଡ ଉପରେ ପ୍ରଭାବ ପକାଉଛି । ବହୁ ସମୟରେ ଏହାର ଉତ୍କଟ ଶବ୍ଦ ଜୀବନ ନେଉଥିବାର ନଜିର ରହିଛି । ଏହାର ଉଦାହରଣ ସ୍ୱରୂପ ଚଳିତ ରଥଯାତ୍ରାରେ ଭଗବାନପୁର ପଞ୍ଚାୟତର ଜଣେ ୧୪ ବର୍ଷର ନାବାଳକ ଡିଜେ ର ଉତ୍କଟ ଶବ୍ଦରେ ମୃତ୍ୟୁ ହୋଇଛି । କେବଳ ଏତିକି ନୁହେଁ ତିହିଡ଼ିରେ ମଧ୍ୟ ୨ ଜଣଙ୍କର ପ୍ରାଣହାନି ହୋଇଛି । ସହରାଞ୍ଚଳରେ ଏହି ଶବ୍ଦ ପ୍ରଦୂଷଣ ଉପରେ କିଛି ପ୍ରତିବନ୍ଧକ ଥିଲାବେଳେ ଗ୍ରାମାଞ୍ଚଳରେ ଏହା ଉପରେ କୌଣସି ଅଙ୍କୁଶ ନାହିଁ । ଧାମନଗର ବ୍ଲକ୍‌ର ସମସ୍ତ ଅଞ୍ଚଳରେ ଡିଜେ ଶବ୍ଦରେ ଅତିଷ୍ଠ ହେଉଛନ୍ତି ବିଭିନ୍ନ ବର୍ଗର ଲୋକ । ଏହି ଶବ୍ଦ ପ୍ରଦୂଷଣକୁ ବିରୋଧ କରିବାକୁ ସାଧାରଣ ଲୋକେ ସାହସ ଜୁଟାଇ ପାରୁନାହାନ୍ତି । ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଅନୁସାରେ ଶବ୍ଦ ପ୍ରଦୂଷଣକୁ ତିନି ଭାଗରେ ବିଭକ୍ତ କରାଯାଇଛି । କମର୍ସିଆଲ, ରେସିଡେନ୍‌ସିଆଲ ଓ ସାଇଲେନ୍ସ ଜୋନ । ଏହି ସବୁ ଅଞ୍ଚଳରେ କେତେ ମାତ୍ରାରେ ଶବ୍ଦ ବଜାଯାଇପାରିବ ତା’ର ମଧ୍ୟ ନିୟମ ରହିଛି । ଯଥା କମର୍ସିଆଲ ଜୋନ୍‌ରେ ସକାଳ ୬ଟାରୁ ରାତି ୧୦ଟା ମଧ୍ୟରେ ୬୫ ଡେସିବଲ, ରାତି ଦଶଟାରୁ ସକାଳ ଛଅ ଟା ପର୍ଯ୍ୟନ୍ତ ୫୫ ଡେସିବଲ, ସାଇଲେନ୍ସ ଜୋନରେ ରାତି ଦଶଟା ମଧ୍ୟରେ ୫୦ ଡେସିବଲ, ଏହାପରେ ସକାଳ ଛଅ ପର୍ଯ୍ୟନ୍ତ ୪୦ ଡେସିବଲ ଓ ରେସିଡେନ୍-ସିଆଲ ଜୋନ୍‌ରେ ସକାଳ ୬ଟାରୁ ରାତି ୧୦ଟା ପର୍ଯ୍ୟନ୍ତ ୫୫ ଡେସିବଲ ଓ ରାତି ୧୦ ଟାରୁ ସକାଳ ୬ଟା ପର୍ଯ୍ୟନ୍ତ ୪୫ ଡେସିବଲ ଶବ୍ଦ ବଜାଇବାର କଡ଼ାକଡ଼ି ନିୟମ ରହିଛି । କିନ୍ତୁ ବିଡ଼ମ୍ବନା ହେଉଛି ଏହାକୁ ଦେଖିବାକୁ କେହିନାହିଁ । ଅପରପକ୍ଷେ ଏହି ଡିଜେ ପାଇଁ ଓଡ଼ିଶାର ପାରମ୍ପରିକ ବାଦ୍ୟ କଳାକାର ଘୋର ଆର୍ଥିକ ଅନାଟନ ଦେଇ ଗତି କରୁଛନ୍ତି । ଅନେକ କଳାକାର ସେମାନଙ୍କର ଜୀବିକା ହରାଇଛନ୍ତି । ତେଣୁ ଏହି ପରିପ୍ରେକ୍ଷୀରେ ଅନୁକମ୍ପା ମହିଳା ସଂଗଠନ ପକ୍ଷରୁ ସଭାପତି କବିତା ସାହୁ, ସମ୍ପାଦିକା ଅଞ୍ଜନା ମହାକୁଡ଼ ଓ ଉପ ସଭାପତି ବିମଳା ନାଥ ପ୍ରଶାସନ ଦୃଷ୍ଟି ଦେବାକୁ ଦାବି କରିଛନ୍ତି ।

**ପୂର୍ବ ତଟ ରେଳପଥ**

ଟେଣ୍ଡର ସଂ. 16-KUR-TRD-OT-2025-26

କାର୍ଯ୍ୟର ନାମ : ଭୁବନେଶ୍ୱର ଷ୍ଟେସନର କୋଚିଂ କମ୍ପ୍ଲେକ୍ସରେ ଟ୍ରାମୱେ ପ୍ରକାର OHE ସହିତ IPL-1, IPL-2 ଏବଂ IPL-3 ର ବିଦ୍ୟୁତୀକରଣ ।

ବିଜ୍ଞାପିତ ମୂଲ୍ୟ (₹): 1,01,38,548.47, EMD (₹) : 2,00,700.00, ଶେଷ ହେବା ଅବଧି : 180 ଦିନ ।

ବିଡ୍ ଆରମ୍ଭ ହେବା ତାରିଖ : ତା.01.07.2025ରିଖ,

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.15.07.2025 ରିଖ 1300 ଘଟିକାରେ ।

ଏହି ଟେଣ୍ଡର ନିମନ୍ତେ ମାନୁଆଲ ଅଫରଗୁଡ଼ିକୁ ଅନୁମତି ଦିଆଯିବ ନାହିଁ ଏବଂ ସେହିଭଳି ପ୍ରାପ୍ତ ଯେକୌଣସି ମାନୁଆଲ ପ୍ରସ୍ତାବକୁ ଗ୍ରହଣ କରାଯିବ ନାହିଁ ।
ଟେଣ୍ଡର ନଥିପତ୍ର ସହିତ ସଂପୂର୍ଣ୍ଣ ବିବରଣୀ ୱେବ୍‌ସାଇଟ୍ http://www.ireps.gov.inରେ ଉପଲବ୍ଧ ହେବ ।

ବରିଷ୍ଠ ମଣ୍ଡଳ ବିଦ୍ୟୁତ୍ ଯନ୍ତ୍ରୀ (TRD),
ଖୋର୍ଦ୍ଧା ରୋଡ଼

PR-296/Q/25-26

**ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ** CAD-914
ଆକାଶ ଶୋଭା ବିଲ୍ଡିଂ
ପଣ୍ଡିତ ଜବାହାରଲାଲ ନେହରୁ ମାର୍ଗ, ଭୁବନେଶ୍ୱର-୭୫୧୦୦୧

ପତ୍ର ସଂଖ୍ୟା ୧୨୨୦୬ / ଭୁ.ଉ.କ., ଭୁବନେଶ୍ୱର ତା ୨୫.୦୬.୨୦୨୫ରିଖ
CPE-620/84

**ସୂଚନା**

ଏତତ୍ ଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ଚନ୍ଦ୍ରଶେଖରପୁର ଫେଜ୍-୧ ଆପାର୍ଟମେଣ୍ଟ ହାଉସିଂ ସ୍କିମ୍, ଚନ୍ଦ୍ରଶେଖରପୁର, ଭୁବନେଶ୍ୱର ଅନ୍ତର୍ଗତ ଗୃହ ନଂ-**EWS-G-3/1** କୁ **ଶ୍ରୀ ନିରଞ୍ଜନ ପ୍ରସାଦ ନାୟକ, ପିତା-ସ୍ୱର୍ଗତ ଯୁଗଳ କିଶୋର ନାୟକ, ଗ୍ରାମ-କଇନ, ପୋଷ୍ଟ-ସୟେଦ୍‌ପୁର, ଥାନା-ବିଞ୍ଝାରପୁର, ଜିଲ୍ଲା-ଯାଜପୁର, ଓଡ଼ିଶା**ଙ୍କ ନାମରେ ଆବଣ୍ଟନ କରାଯାଇଥିଲା । ବର୍ତ୍ତମାନ ଆବଣ୍ଟନଗ୍ରାହୀ **ଶ୍ରୀ ନିରଞ୍ଜନ ପ୍ରସାଦ ନାୟକ** ଉକ୍ତ ଗୃହକୁ ତୃତୀୟ ପକ୍ଷ ଅନ୍ତରଣ ଆଧାରରେ **ଶ୍ରୀମତୀ ଶଶ୍ମୀତା ଦାସ, ସ୍ୱାମୀ-କାଶିନାଥ ମିଶ୍ର, ଗ୍ରାମ-ଅନନ୍ତ ନାରାୟଣ ବସ୍ତି, ବିଡିଏ କଲୋନୀ, ଚନ୍ଦ୍ରଶେଖରପୁର, ପୋଷ୍ଟ/ଥାନା-ଚନ୍ଦ୍ରଶେଖରପୁର, ଭୁବନେଶ୍ୱର, ଜିଲ୍ଲା-ଖୋର୍ଦ୍ଧା, ଓଡ଼ିଶା**ଙ୍କ ନାମରେ ମାଲିକାନା ପରିବର୍ତ୍ତନ କରିବା ନିମନ୍ତେ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷଙ୍କୁ ଆବେଦନ କରିଅଛନ୍ତି ।

ଏଣୁ ଉକ୍ତ ଗୃହର ତୃତୀୟପକ୍ଷ ଅନ୍ତରଣ ଆଧାରରେ ମାଲିକାନା ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବି/ଆପତ୍ତି ଥାଏ, ତାହେଲେ ଏହି ନୋଟିସ୍ ପ୍ରକାଶନର ୧୫(ପନ୍ଦର) ଦିନ ମଧ୍ୟରେ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତ ଭାବେ ଜଣାଇବେ । ତତ୍‌ପରେ ଏ ସମ୍ବନ୍ଧରେ କୌଣସି ଆପତ୍ତି/ଅଭିଯୋଗ ଶୁଣାଯିବ ନାହିଁ ଏବଂ ଗୃହର ମାଲିକାନା ପରିବର୍ତ୍ତନ ଆଇନ ଅନୁଯାୟୀ ସମ୍ପାଦନ କରାଯିବ ।

**ସ୍ୱା/- ଆବଣ୍ଟନ ଅଧିକାରୀ-୧**
**ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ**

**OIPR-13033/11/0323/2526**

**Office of the District Manager**
**Odisha State Civil Supplies Corporation Ltd,** CAD-924
Dhenkanal : District
Phone: 9438200039
District Web site: www.dhenkanal.nic.in
dhe.districtmanager@gmail.com

**Tender No: 1289/Date : 25.06.2025**

District Manager, Odisha State Civil Supplies Corporation Ltd., Dhenkanal District invites tenders in Double Cover System through **ONLINE MODE ONLY** for the works below.

| | | |
|---|---|---|
| 1 | Name of the Work | Selection and appointment of **Level-II Transport Contractor for** Transportation of Food grains from RRCs to Retail Centers (FPS) of different Blocks/ULBs of Dhenkanal district for the year 2025-26 & 2026-27. |
| 2 | Availability of Bid document in the Portal | **From Dt. 01.07.2025** |
| 3 | Last date/Time for receipt of bids in the portal | **Dt.15.07.2025 up to 5.00 P.M** |
| 4 | Date/Time of Opening of Technical Bid | **Dt.16.07.2025 at 11.00 A.M** |
| 5 | Name and address of the Office Inviting Tender | **District Manager, OSCSC Ltd., Dhenkanal. At-Mahisapat, Dhenkanal** |

Tender Documents & Other details can be seen from the e-procurement portal of www.oscsc.in, www.foododisha.in & www.tendersodisha.gov.in along with district website. Amendments/Corrigendum/cancellation/retenders etc if any shall be published only in above websites.

**OIPR-07029/11/0003/2526**

Sd/- District Manager
OSCSC Limited., Dhenkanal





# ରଥଯାତ୍ରାରେ ଦୁର୍ବ୍ୟବହାର ନେଇ ମୁଖ୍ୟମନ୍ତ୍ରୀଙ୍କୁ ଭେଟିଲେ ସାମ୍ବାଦିକଗଣ



**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ଭୁବନେଶ୍ୱରର ବିଭିନ୍ନ ସରକାରୀ ସ୍ୱୀକୃତିପ୍ରାପ୍ତ ସାମ୍ବାଦିକଗଣ ସୋମବାର ଲୋକସେବା ଭବନରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଭେଟି ରଥଯାତ୍ରା ସମୟରେ ସେମାନେ ସମ୍ମୁଖୀନ ହୋଇଥିବା ବିଭିନ୍ନ ସମସ୍ୟା ଉପରେ ତାଙ୍କର ଦୃଷ୍ଟି ଆକର୍ଷଣ କରିଥିଲେ ।

ସୂଚନାଯୋଗ୍ୟ ଯେ, ପ୍ରତିବର୍ଷ ଭୁବନେଶ୍ୱରର ସ୍ୱୀକୃତିପ୍ରାପ୍ତ ସାମ୍ବାଦିକମାନଙ୍କୁ ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ପୁରୀକୁ ନିଆଯାଇ ରଥଯାତ୍ରାର ରିପୋର୍ଟିଂ ପାଇଁ ବ୍ୟବସ୍ଥା କରାଯାଇଥାଏ । ତେବେ ଏ ବର୍ଷ ପୁରୀ ଠାରେ ସାମ୍ବାଦିକମାନେ ବିଭିନ୍ନ ଅସୁବିଧାର ସମ୍ମୁଖୀନ ହୋଇଥିଲେ ବୋଲି ପ୍ରକାଶ କରି ମୁଖ୍ୟମନ୍ତ୍ରୀଙ୍କୁ ଏକ ସ୍ମାରକପତ୍ର ଦେଇଥିଲେ । ଏ ସମ୍ପର୍କରେ ବିଚାର ଆଲୋଚନା କରି ଉପଯୁକ୍ତ ପଦକ୍ଷେପ ନିଆଯିବ ବୋଲି ମୁଖ୍ୟମନ୍ତ୍ରୀ ସାମ୍ବାଦିକମାନଙ୍କୁ କହିଥିଲେ । ଏହି ଆଲୋଚନାରେ ବରିଷ୍ଠ ସାମ୍ବାଦିକ ସନତ ମିଶ୍ର, ପ୍ରଦ୍ୟୁମ୍ନ କୁମାର ମହାନ୍ତି, ଭାଗବତ ତ୍ରିପାଠୀ, ପବିତ୍ର ମୋହନ ସାମନ୍ତରାୟ, ପାର୍ଥ ସାରଥୀ ଜେନା, କିଶୋର ମଙ୍ଗରାଜ, ଦେବକାନ୍ତ ମହାପାତ୍ର, ସ୍ୱରୂପ କୁମାର ମହାନ୍ତି, ଗଜେନ୍ଦ୍ରନାଥ ବେହେରା, ସନାତନ ଦଳବେହେରା, ସୁବୋଧ କାନୁନଗୋ, ସୂର୍ଯ୍ୟକାନ୍ତି ନାୟକ, ଦେବ ମହାନ୍ତି ଏବଂ ସ୍ୱଦେଶ ଦାଶ ପ୍ରମୁଖ ଉପସ୍ଥିତ ଥିଲେ ।

# ଅରୁଣ କୁମାର ବିଶୋଇ ଓ ରୂପମ ରାୟ ଏଆଇଏସ୍‌ବିଓଏଫ୍‌ର ସଭାପତି ଓ ସାଧାରଣ ସଚିବ ନିର୍ବାଚିତ

**ହାଇଦ୍ରାବାଦ :**

ଅଫିସର୍ ମାନ୍ୟଙ୍କ ପାଇଁ ଏକ ଐତିହାସିକ ମୁହୂର୍ତ୍ତ ଭାବେ ଅଲ୍ ଇଣ୍ଡିଆ ଷ୍ଟେଟ୍ ବ୍ୟାଙ୍କ ଅଫିସର୍ସ ଫେଡେରେସନ (ଏଆଇଏସ୍‌ବିଓଏଫ୍)ର ୨୯ତମ ତ୍ରିବାର୍ଷିକ ସାଧାରଣ ପରିଷଦ ବୈଠକ ୨୭ ଜୁନରୁ ୨୯ ଜୁନ ୨୦୨୫ ପର୍ଯ୍ୟନ୍ତ ହାଇଦ୍ରାବାଦରେ ଅନୁଷ୍ଠିତ ହୋଇଥିଲା। ଏହି ବୈଠକରେ ଦେଶର ବିଭିନ୍ନ ସ୍ଥାନରୁ ଆସିଥିବା ପ୍ରତିନିଧିମାନେ ଏକତ୍ରିତ





ହୋଇ ଫେଡେରେସନର ନୂତନ ନେତୃତ୍ୱ ଚୟନ କରିଥିଲେ।

ଅରୁଣ କୁମାର ବିଶୋଇ ଓ ରୂପମ ରାୟଙ୍କୁ ଅନୁକ୍ରମେ ସଭାପତି ଓ ସାଧାରଣ ସଚିବ ଭାବେ ଏକମତରେ ନିର୍ବାଚିତ କରାଯାଇଛି।

ଭୁବନେଶ୍ୱର ସର୍କିଲରୁ ଅମିତାଭ ଦାସ ଓ ଏସ୍ କେ ଇସ୍ମାଇଲ ମଧ୍ୟ ଗୁରୁତ୍ୱପୂର୍ଣ୍ଣ ପଦବୀ ପାଇଁ ନିର୍ବାଚିତ ହୋଇଛନ୍ତି। ଅମିତାଭ ଦାସଙ୍କୁ ଉପସଭାପତି ଭାବେ ଓ ଏସ୍ କେ ଇସ୍ମାଇଲଙ୍କୁ ପ୍ରଶାସନିକ ସଚିବ ଭାବେ ନିର୍ବାଚିତ କରାଯାଇଛି।

ନୂତନ ନିର୍ବାଚିତ ନେତୃତ୍ୱ ଦଳ ଫେଡେରେସନର ମୂଳ ମୂଲ୍ୟବୋଧକୁ ଅତୁଟ ରଖିବା ଓ ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆର ଅଫିସରମାନଙ୍କ ଅଧିକାର, ସମ୍ମାନ ଓ କଲ୍ୟାଣ ପାଇଁ ନିଜର ଅତୁଟ ଦୃଢ଼ ପ୍ରତିବଦ୍ଧତା ବ୍ୟକ୍ତ କରିଛନ୍ତି।

# ଅମୃତ ବାଟିକା (ଶାନ୍ତିକାନନ) ଉଦ୍‌ଘାଟନ ସମାରୋହ



**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ରବିବାର ଦିନ ବୀରନରସିଂହପୁର ଗ୍ରାମସ୍ଥ ଲିଙ୍ଗରାଜ ସ୍ମୃତିବନ ପରିସରରେ ଅମୃତ ବାଟିକା (ଶାନ୍ତିକାନନ)ର ଶୁଭ ଉଦ୍‌ଘାଟନ ପୁରୀର ପୂର୍ବତନ ଯୁବ ବିଧାୟକ ଉମାବଲ୍ଲଭ ରଥଙ୍କ ଦ୍ୱାରା କରାଯାଇ ଏହାକୁ ଲୋକାର୍ପିତ କରାଯାଇଥିଲା। ଏକ ବର୍ଣ୍ଣାଢ଼୍ୟ ପରିବେଶ ମଧ୍ୟରେ ଗ୍ରାମବାସୀମାନଙ୍କ ଗହଣରେ ଗ୍ରାମର ଅନ୍ୟତମ ବିଶିଷ୍ଟ ବ୍ୟକ୍ତି କୃଷ୍ଣଚନ୍ଦ୍ର ମହାପାତ୍ର ଆଇ.ଏ.ଏସ୍. (ଅବସରପ୍ରାପ୍ତ)ଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଶ୍ରୀ ରଥ ମୁଖ୍ୟ ଅତିଥି ଓ ବିଶିଷ୍ଟ ଗ୍ରାମବାସୀ ପ୍ରଭାକର ରଥ ଓ ଗୋବିନ୍ଦ ଚନ୍ଦ୍ର ରଥ ସମ୍ମାନିତ ଅତିଥି ଭାବେ ଯୋଗଦାନ କରି ନିଜର ବକ୍ତବ୍ୟ ରଖିଥିଲେ। ଏହି ସ୍ମୃତି ପ୍ରକଳ୍ପର ଉଦ୍ଦେଶ୍ୟ ବୁଝାଇ ଶ୍ରୀ ମହାପାତ୍ର କହିଥିଲେ ଯେ ନିଜର ପରଲୋକଗତ ପିତା, ମାତା ଓ ଆତ୍ମୀୟସ୍ୱଜନଙ୍କର ସ୍ମୃତିଚାରଣ ଉଦ୍ଦେଶ୍ୟରେ ସେ ନିଜ ବଗିଚାରେ ଏପରି ଏକ ପରିକଳ୍ପନା ଆରମ୍ଭ କରିଛନ୍ତି। ଆଗ୍ରହୀ ଗ୍ରାମବାସୀବୃନ୍ଦ ନିଜ ନିଜ ପରଲୋକଗତ ପିତା, ମାତା, ଭାଇ ଓ ଆତ୍ମୀୟସ୍ୱଜନଙ୍କ ସ୍ମୃତିଚାରଣ ପାଇଁ ଏକ ସ୍ମୃତିଫଳକ ସ୍ଥାପନ କରି ଗୋଟିଏ ଗୋଟିଏ ବୃକ୍ଷରୋପଣ କରିବା ପାଇଁ ଆଗେଇ ଆସିବାକୁ ମୁଖ୍ୟ ଅତିଥି ଶ୍ରୀ ରଥ ଓ ସଭାପତି ଶ୍ରୀ ମହାପାତ୍ର ତାଙ୍କ ଭାଷଣରେ ଅନୁରୋଧ କରିଥିଲେ। ଅମୃତ ବାଟିକାରେ ସ୍ଥାପିତ ହୋଇଥିବା ଶ୍ରୀ ମହାପାତ୍ରଙ୍କର ପିତା, ମାତା, ଭାଇ, ଶ୍ୱଶୁର, ଶାଶୂ, ଦୁଇ ଭିଣୋଇ ଓ ଭାଣେଜୀ ଜ୍ୱାଇଁ ତଥା ଅନ୍ୟତମ ଆତ୍ମୀୟ ଗ୍ରାମବାସୀଙ୍କର ଫଳକକୁ ମୁଖ୍ୟ ଅତିଥି ଓ ସେମାନଙ୍କର ଆତ୍ମୀୟମାନେ ଉନ୍ମୋଚିତ କରି ସେମାନଙ୍କ ଉଦ୍ଦେଶ୍ୟରେ ଗୋଟିଏ ଗୋଟିଏ ବୃକ୍ଷରୋପଣ କରିଥିଲେ। ଏହି ଅବସରରେ ମୁଖ୍ୟ ଅତିଥି ଶ୍ରୀ ରଥ ନିଜର ପରଲୋକଗତ ପିତା ସ୍ୱନାମଧନ୍ୟ ପ୍ରଶାସକ ତଥା ପୂର୍ବତନ ପୁରୀ ଜିଲ୍ଲାପାଳ ସଚ୍ଚିଦାନନ୍ଦ ରଥଙ୍କ ସହ ତାଙ୍କର ପରଲୋକଗତ ମାତା ଓ ଭାଇଙ୍କ ଉଦ୍ଦେଶ୍ୟରେ ଫଳକ ସ୍ଥାପନ ପାଇଁ ଶୁଭ ଦେଇଥିଲେ ଯାହାକୁ ଅନ୍ୟାନ୍ୟ ଉପସ୍ଥିତ ଗ୍ରାମବାସୀ ଏହା ସମସ୍ତଙ୍କୁ ଅନୁପ୍ରାଣିତ କରିବ ବୋଲି ଆଶାପ୍ରକଟ କରିଥିଲେ। ବର୍ତ୍ତମାନ ସମୟରେ ପରିବେଶ ସୁରକ୍ଷା ଓ ସନ୍ତୁଳନ ଦିଗରେ ଶ୍ରୀ ମହାପାତ୍ରଙ୍କର ଏହି ଅଭିନବ ପରିକଳ୍ପନା ଅତୀବ ପ୍ରଶଂସନୀୟ ବୋଲି ଶ୍ରୀ ରଥ ମତପ୍ରକାଶ କରିଥିଲେ। ଶ୍ରୀ ମହାପାତ୍ରଙ୍କର ଭଣଜା କୁଳମଣି ମିଶ୍ର ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିବା ଅବସରରେ ନିଜ ପିତାମାତାଙ୍କ ସ୍ମୃତିଚାରଣ ନିମିତ୍ତ ଏଭଳି ପରିକଳ୍ପନାର ପଟାନ୍ତର ନାହିଁ ବୋଲି କହିଥିଲେ। ମୁଖ୍ୟ ଅତିଥି ଉମାବଲ୍ଲଭ ରଥଙ୍କୁ ପୁଷ୍ପଗୁଚ୍ଛ, ଉତ୍ତରୀୟ, ମାନପତ୍ର ଓ ଉପଢୌକନ ସହ ଗ୍ରାମବାସୀଙ୍କ ତରଫରୁ ନାରାୟଣ ରାଧାମଣୀ ସାଂସ୍କୃତିକ ପ୍ରତିଷ୍ଠାନ ଆନୁକୂଲ୍ୟରେ ସମ୍ବର୍ଦ୍ଧିତ କରାଯାଇଥିଲା।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ଆଡ଼ପ ମଣ୍ଡପରେ...

ବାହୁଡାଯାତ୍ରା, ୬ ତାରିଖରେ ସୁନାବେଶ, ୭ ତାରିଖରେ ଅଧର ଓ ଗରୁଡ଼ ଶୟନ ନୀତି ଏବଂ ୮ ତାରିଖରେ ନୀଳାଦ୍ରି ବିଜେ ନୀତି ଅନୁଷ୍ଠିତ ହେବ।

ଆଡପ ମଣ୍ଡପରେ କାଳିଆ ସାଆନ୍ତ ପହଞ୍ଚିବା ପରେ ଭକ୍ତ ପାଇଛନ୍ତି ଆଡପ ଅବଢା । ଆଡପ ଅବଢା ପାଇଁ ଭକ୍ତ ବେଶ ଖୁସି ପ୍ରକାଶ କରିଛନ୍ତି । ଆଡ଼ପ ମଣ୍ଡପରେ ମହାପ୍ରଭୁ ଥିବାରୁ ଗୁଣ୍ଡିଚା ମନ୍ଦିରରେ ଯେଉଁ ଅବଢ଼ା ବାହାରେ ତାହାକୁ ଆଡ଼ପ ଅବଢ଼ା କୁହାଯାଏ । ଏଥର ଅବଢା ଜୈବିକ ଚାଉଳରେ ପ୍ରସ୍ତୁତ କରାଯାଇଛି । ଶ୍ରୀଗୁଣ୍ଡିଚା ମନ୍ଦିରରେ ମହାପ୍ରଭୁ ଆଡ଼ପ ମଣ୍ଡପରେ ବିଜେ କରି ଭକ୍ତଙ୍କୁ ଆଡ଼ପ ଦର୍ଶନ ଦେଉଛନ୍ତି । ଭକ୍ତ ମାନେ ନିଜ ପିତୃ ପୁରୁଷଙ୍କୁ ତୃପ୍ତ କରିବା ପାଇଁ ଏହି ଆଡ଼ପ ଅବଢ଼ା ବ୍ରାହ୍ମଣଙ୍କୁ ଭୋଜନ କରାଇଥାନ୍ତି । ଏହା ଛଡା ଭକ୍ତ ମାନେ ନିଜ ପରିବାର ଓ ନିଜ ବନ୍ଧୁ ମାନଙ୍କୁ ଆଡ଼ପ ଅବଢ଼ା ସେବନ କରେଇ ଥାଆନ୍ତି । ଏଣୁ ପ୍ରଥମ ଆଡ଼ପ ଅବଢ଼ା ପାଇ ଭକ୍ତ ବେଶ୍ ଖୁସି ପ୍ରକାଶ କରିଛନ୍ତି ।

ସୁଆର ମହାସୁଆର ନିଯୋଗ ସମ୍ପାଦକ ନାରାୟଣ ମହାସୁଆର କହିଛନ୍ତି, 'ଖେଚେଡ଼ି, ଅନ୍ନ, ବିଭିନ୍ନ ପିଠା ଭୋଗ ପ୍ରସ୍ତୁତ ହୋଇଛି ଜୈବିକ କଳା ଜିରା ଚାଉଳରେ । ୨୧ କୁଇଣ୍ଟାଲ ଜୈବିକ ଚାଉଳ ଯୋଗାଇ ଦେଇଛି କୃଷି ବିଭାଗ। କିନ୍ତୁ ଏହି ଚାଉଳରୁ ପ୍ରସ୍ତୁତ ମହାପ୍ରସାଦ ଦର ଅଧିକ ରହିବ ନାହିଁ । ଭକ୍ତଙ୍କୁ ସୁହାଇଲା ଭଳି ଦର ରହିବ ।

## ବିଏମ୍‌ସି ଅତିରିକ୍ତ...

ଅନୁମତିରେ ସଭା ହଲରେ ପ୍ରବେଶ କରିଥିଲେ ଏବଂ ଅନ୍ୟ ଅଧିକାରୀ, କର୍ମଚାରୀ ଏବଂ ଜନସାଧାରଣଙ୍କ ଉପସ୍ଥିତିରେ ତାଙ୍କୁ ଆକ୍ରମଣ କରିବା ସହ ଘୋଷାରି ମାଡ ମାରିଥିଲେ। ଏନେଇ ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଏହି ଘଟଣାରେ କମିଶନରେଟ୍ ପୋଲିସ୍ ୨୯ ନମ୍ବର ୱାର୍ଡ କର୍ପୋରେଟର ଜୀବନ ରାଉତ, ରଶ୍ମୀ ମହାପାତ୍ର ଏବଂ ଦେବାଶିଷ ପ୍ରଧାନଙ୍କୁ ଗିରଫ କରିଥିବା ସୂଚନା ମିଳିଛି।

ଏହି ଘଟଣାକୁ ନେଇ ବିରୋଧୀ ଦଳ ବିଜେଡି ପକ୍ଷରୁ ଜନପଥରେ ପ୍ରତିବାଦ ପ୍ରଦର୍ଶନ କରାଯାଇଛି। ବିଜେଡ଼ି ବିଧାୟକ ଅନନ୍ତ ନାରାୟଣ ଜେନା, ସୁଶାନ୍ତ ରାଉତ, ପୂର୍ବତନ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା, ବିଏମ୍‌ସି ମେୟର ସୁଲୋଚନା ଦାସଙ୍କ ସମେତ ବିଜେଡ଼ିର କର୍ପୋରେଟରମାନେ ପ୍ରତିବାଦ ସ୍ୱରୂପ ଆନ୍ଦୋଳନ କରିବାରୁ ଜନପଥରେ ଟ୍ରାଫିକ୍ ଜାମ୍ ହୋଇଥିଲା। ଦୀର୍ଘ ସମୟ ଧରି ଏଭଳି ଅବସ୍ଥା ଲାଗି ରହିବାରୁ ପୋଲିସ୍ ବିଜେଡ଼ିର ଆନ୍ଦୋଳନକାରୀ ନେତାମାନଙ୍କୁ ସେଠାରୁ ନେଇଯାଇଥିଲେ। ରାସ୍ତା ଜାମ୍ ଯୋଗୁଁ ଲୋକେ ହନ୍ତସନ୍ତ ହୋଇଥିଲେ। ତେବେ ପରବର୍ତ୍ତୀ ସମୟରେ ରାସ୍ତା ଅବରୋଧ ହଟିବା ପରେ ଗମନାଗମନ ସ୍ୱାଭାବିକ ହୋଇଥିଲା।

ଅନ୍ୟପକ୍ଷରେ ଭୁବନେଶ୍ୱର ସାଂସଦ ଅପରାଜିତା ଷଡଙ୍ଗୀ ବିଏମ୍‌ସି ଅତିରିକ୍ତ କମିଶନରଙ୍କ ଉପରେ ହୋଇଥିବା ମରଣାନ୍ତକ ଆକ୍ରମଣ ଘଟଣାକୁ ନିନ୍ଦା କରିଛନ୍ତି। ସାମାଜିକ ଗଣମାଧ୍ୟମରେ ଅପରାଜିତା ଲେଖିଛନ୍ତି ସୋମବାର ଭୁବନେଶ୍ୱର ଘଟିଥିବା ଘଟଣା ନେଇ ମୁଁ ଅତ୍ୟନ୍ତ ଦୁଃଖିତ। କାର୍ଯ୍ୟରତ ଅଧିକାରୀଙ୍କୁ ଆକ୍ରମଣ ଅତ୍ୟନ୍ତ ନିନ୍ଦନୀୟ ଏବଂ ଘୃଣ୍ୟ କାର୍ଯ୍ୟ । ଭାରତୀୟ ଜନତା ପାର୍ଟି କିମ୍ବା ସରକାର ଏପରି କାର୍ଯ୍ୟ ଏବଂ ବିଚାର ଧାରା ସହ କୌଣସି ରୂପେ ସଂଶ୍ଳିଷ୍ଟ ନୁହନ୍ତି ବା ପ୍ରୋତ୍ସାହନ କରନ୍ତି ନାହିଁ । ଏଥିରେ ସମ୍ପୃକ୍ତ ଦୁର୍ବୃତ୍ତଙ୍କ ବିରୋଧରେ ଆବଶ୍ୟକୀୟ ଆଇନଗତ ତଥା ଦଳୀୟ କାର୍ଯ୍ୟାନୁଷ୍ଠାନ ନିଆଯିବା ନିତ୍ୟାନ୍ତ ଆବଶ୍ୟକ। କାର୍ଯ୍ୟରତ ଅଧିକାରୀଙ୍କୁ ନିଜର କାର୍ଯ୍ୟ ନିଷ୍ଠା ଏବଂ ସାହସ ସହ କରୁଥିବାରୁ ସାଧୁବାଦ ଜଣାଉଛି। ଶୃଙ୍ଖଳା, ଅନୁଶାସନ ଏବଂ ନିଷ୍ଠା ବିନା ସୁଶାସନ କିମ୍ବା ବିକାଶ ସମ୍ଭବ ନୁହେଁ।

## ଘଟଣାକୁ ଦୃଢ ...

ଯେତେବେଳେ ସେ ତାଙ୍କ କାର୍ଯ୍ୟାଳୟରେ ଲୋକଙ୍କ ଅଭିଯୋଗ ଶୁଣୁଥିଲେ।

ମୁଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଅନୁରୋଧ କରୁଛି ଯେ, କେବଳ ଅଭିଯୋଗକାରୀଙ୍କ ବିରୁଦ୍ଧରେ ନୁହେଁ ବରଂ ଗୁରୁତ୍ୱପୂର୍ଣ୍ଣ ଭାବରେ ଏହି ଲଜ୍ଜାଜନକ ଆକ୍ରମଣର ଷଡ଼ଯନ୍ତ୍ରକାରୀ ଏବଂ ରାଜନୈତିକ ନେତାମାନଙ୍କ ବିରୁଦ୍ଧରେ ତୁରନ୍ତ ଏବଂ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରନ୍ତୁ।

ଯଦି ଜଣେ ବରିଷ୍ଠ ଅଧିକାରୀ ନିଜ କାର୍ଯ୍ୟାଳୟରେ ସୁରକ୍ଷିତ ନୁହଁନ୍ତି, ତେବେ ସାଧାରଣ ନାଗରିକ ସରକାରଙ୍କଠାରୁ କେଉଁ ଆଇନ ଶୃଙ୍ଖଳା ଆଶା କରିବେ।'

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନେବାକୁ ନିର୍ଦ୍ଦେଶ ଦେବେ ବୋଲି ନବୀନ ଆଶା ପ୍ରକାଶ କରିଛନ୍ତି।

## ଶରଧାବାଲି ଦଳାଚକଟା...

ଘଟଣା ସମ୍ପର୍କରେ ପଚାରି ବୁଝିଛନ୍ତି। ତଦନ୍ତ ପାଇଁ ୩୦ ଦିନ ସମୟ ଦିଆଯାଇଛି। ତାରି ଭିତରେ ତଦନ୍ତ ଶେଷ କରି ସରକାରଙ୍କୁ ରିପୋର୍ଟ ପ୍ରଦାନ କରାଯିବ ବୋଲି ସେ କହିଛନ୍ତି।

## ଉତ୍ତର ଓଡ଼ିଶାରେ...

ମୟୂରଭଞ୍ଜ ଜିଲ୍ଲାର ରାସଗୋବିନ୍ଦପୁର, ମୋରଡ଼ା ଶୁଳିଆପଦା ବ୍ଲକରେ ଲଗାଣ ବର୍ଷା ଲାଗିରହିଛି, ଯାହାକୁ ନେଇ ଜଳକା ନଦୀରେ ବର୍ତ୍ତମାନ ପରିସ୍ଥିତିରେ ପ୍ରଥମ ବନ୍ୟା ଜଳ ପ୍ରବାହିତ ହୋଇଛି। ଏଠାରେ ବିପଦ ସଂକେତ ୬.୫ ଥିବାବେଳେ ୭.୧୦ ରେ ପ୍ରବାହିତ ହେଉଛି। ବନ୍ୟା ପାଣିଫଳରେ ବସ୍ତା ବ୍ଲକ ମଥାନୀ ବହାର୍ଦ୍ଧା କୁଡିଆ, ଦରଡ଼ା, ମୁକୁଲିଶି, ଚକୁରାଇ ସହିତ ସଦର ବ୍ଲକର ରସଲପୁର ଓ ଶ୍ରୀରାମପୁର ପଞ୍ଚାୟତ କ୍ଷତିଗ୍ରସ୍ତ ହେବାର ଆଶଙ୍କା ରହିଛି। ଫଳରେ ତଳିଆ ଅଞ୍ଚଳରେ ବସବାସ କରୁଥିବା ଲୋକେ ଭୟଭୀତ ଅବସ୍ଥାରେ ରହୁଛନ୍ତି। ନଦୀ କୂଳିଆ ଲୋକେ ସମ୍ଭାବ୍ୟ ବନ୍ୟା ପରିସ୍ଥିତି ପାଇଁ ଆତଙ୍କିତ ହୋଇଛନ୍ତି। ଏହି ସମୟଟି ହେଉଛି ଋଷୀ ଋଷ ତଳି ପକେଇବାର ସମୟ। ତେଣୁ ଋଷୀଙ୍କ ମୁଣ୍ଡରେ ଚଡ଼କ ପଡିବା ପରି ଲାଗୁଛି। କିଛି ଋଷୀ ତଳି ପକେଇ ଦେଇଛନ୍ତି । ପ୍ରଶ୍ନ ଉଠୁଛି ସେମାନେ କରିବେ କ'ଣ। ତଳି ପକେଇବାର ଧାନର ମୂଲ୍ୟ ବହୁତ ଉଚ୍ଚଟ ଦର। ବାରମ୍ବାର ଧାନ ନଷ୍ଟ ହେବା ଦ୍ୱାରା ହତାଶ ହୋଇ ପଡିଛନ୍ତି ଋଷୀ। ଓଡ୍ରାଫ ଟିମ ଓ ଅଗ୍ନିଶମ ବିଭାଗ ପକ୍ଷରୁ ଉଦ୍ଧାର କାର୍ଯ୍ୟ ଜାରି ରହିଛି। ସମ୍ଭାବ୍ୟ ବନ୍ୟା ପରିସ୍ଥିତି ପାଇଁ ସଂପୂର୍ଣ୍ଣ ସଜାଗ ଥିବା ବେଳେ ସନ୍ଧ୍ୟା ସୁଦ୍ଧା ୫୦୦ ରୁ ଊର୍ଦ୍ଧ୍ୱ ଲୋକଙ୍କୁ ଉଦ୍ଧାର କରାଯାଇଛି। ବନ୍ୟା ପୀଡ଼ିତଙ୍କ ପାଇଁ ଶୁଖିଲା ଖାଦ୍ୟ ଓ ରନ୍ଧା ଖାଦ୍ୟର ବ୍ୟବସ୍ଥା କରାଯାଇଛି ବୋଲି ବସ୍ତା ତହସିଲଦାର ସୁଶାନ୍ତ ପଟ୍ଟନାୟକ କହିଥିବା ବେଳେ ବସ୍ତା ବିଧାୟିକା, ବିଜେପି ଜିଲ୍ଲା ସଭାପତି, କଂଗ୍ରେସ ନେତା ମାନେ ବନ୍ୟା ପ୍ରଭାବିତ ହେଉଥିବା ଅଞ୍ଚଳ ବୁଲି ସ୍ଥିତି ଅନୁଧ୍ୟାନ କରୁଥିବା ଦେଖିବାକୁ ମିଳିଛି। ଏତଦ ବ୍ୟତୀତ ବିଭିନ୍ନ ବିଭାଗର ବରିଷ୍ଠ ଅଧିକାରୀ ମାନେ ଅଞ୍ଚଳ ବୁଲି ସ୍ଥିତି ପରଖିଛନ୍ତି। ତେଣୁ ପ୍ରଶାସନ ପକ୍ଷରୁ ଲୋକଙ୍କୁ ଡ଼ାକବାଜି ଯନ୍ତ୍ର ସାହାଯ୍ୟରେ ସଜାଗ କରିବା ସହିତ ତତ୍ପରତା ପ୍ରକାଶ ପାଇଥିବା ବେଳେ ଲୋକମାନଙ୍କୁ ପ୍ରଶାସନ କି ପ୍ରକାର ସହାୟତା କରୁଛି ତାହା ଦେଖିବାକୁ ବାକି ରହିଲା।

ଉତ୍ତର ଓଡ଼ିଶାରେ ବଡ଼ ବନ୍ୟା ଆଶଙ୍କା କରାଯାଉଛି । ଆସନ୍ତା ୨୪ ଘଣ୍ଟା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ, ତା ପରେ ବର୍ଷା ଉପରେ ନିର୍ଭର କରିବ ବନ୍ୟାର ସ୍ଥିତି । କିଛି ଏଭଳି କହିଛନ୍ତି ଜଳସମ୍ପଦ ବିଭାଗର ସର୍ବୋଚ୍ଚ ଯନ୍ତ୍ରୀ। ସର୍ବୋଚ୍ଚ ଯନ୍ତ୍ରୀ ଚନ୍ଦ୍ରଶେଖର ପାଢ଼ୀ କହିଛନ୍ତି ଯେ ଉତ୍ତର ଓଡ଼ିଶା ଓ ଝାଡ଼ଖଣ୍ଡରେ ବିଗତ ଦିନରେ ପ୍ରବଳ ବର୍ଷା ହୋଇଛି । ଯାହା ଫଳରେ ସୁବର୍ଣ୍ଣରେଖା, ବୁଢାବଳଙ୍ଗ ଓ ଜଳକାରେ ଜଳସ୍ତର ବଢ଼ିଛି, ଏହି ତିନି ନଦୀରେ ବନ୍ୟା ସ୍ଥିତି ଅଛି । ବାକି କୌଣସି ନଦୀରେ ବିପଦ ନାହିଁ, ବୈତରଣୀ ପାଇଁ ସମ୍ପୂର୍ଣ୍ଣ ସଜାଗ ଅଛି ଜଳ ସମ୍ପଦ ବିଭାଗ।

## ସ୍ଥିତି ସମୀକ୍ଷା...

ଗ୍ରାମ ପଞ୍ଚାୟତ ଓ ମ୍ୟୁନିସିପାଲଟି ଏରିଆର ୭୭ ଟି ୱାର୍ଡ ପ୍ରଭାବିତ ହୋଇଛି। ମୟୂରଭଞ୍ଜରେ ୫ ହଜାର ୭୬ ଜଣଙ୍କୁ ବିଭିନ୍ନ ରିଲିଫ ସେଣ୍ଟରରେ ରଖାଯାଇଛି। ମୟୂରଭଞ୍ଜର ୪୪ ଟି ସ୍ଥାନରେ ମାଗଣାରେ ରନ୍ଧା ଖାଦ୍ୟ ଯୋଗାଇ ଦିଆଯାଉଛି। ୭ଟି ସ୍ଥାନରେ ଓଡ୍ରାଫ ଟିମ ମୁତୟନ ହୋଇଛି । ୭ଟି ଅଗ୍ନିଶମ ଟିମ ବି ମୁତୟନ ହୋଇଛନ୍ତି । ବାଲେଶ୍ୱରରେ ୩୫ଟି ଗ୍ରାମ ପଞ୍ଚାୟତ ଓ ୱାର୍ଡ ପ୍ରଭାବିତ ହୋଇଥିବାବେଳେ ୧୧୩୮ ଲୋକଙ୍କୁ ସ୍ଥାନାନ୍ତର କରାଯାଇଛି। ଖାଇବା ବ୍ୟବସ୍ଥା ୬ଟି ସ୍ଥାନରେ କରାଯାଇଛି।

୪ଟି ଓଡ୍ରାଫ ଟିମ ମୁତୟନ ଥିବାବେଳେ ଆଉ ୨ ଟି ଟିମ କଟକରୁ ଯାଉଛନ୍ତି । ଅଗ୍ନିଶମ ବିଭାଗର ୮ଟି ଟିମ ମହଜୁଦ ରହିଛି । ଏନଡିଆରଏଫ ଟିମ ଉଭୟ ଜିଲ୍ଲାରେ ରହିଛନ୍ତି। ୨ଜଣ ଉଚ୍ଚ ପଦସ୍ଥ ଅଧିକାରୀ ସ୍ଥିତି ପରଖୁଛନ୍ତି। ବର୍ତ୍ତମାନ ସୁବର୍ଣ୍ଣରେଖା ୧୧.୫୨ ମିଟରରେ ଜଳ ପ୍ରବାହିତ ହେଉଛି। ଜଳକାରେ ୫.୮୪ ମିଟରରେ ଜଳ ପ୍ରବାହିତ ହେଉଛି, ଯାହା ବିପଦ ସଂକେତ ଉପରେ ରହିଛି। ବସ୍ତା, ବାଲିଆପାଳ, ଜଳେଶ୍ୱର, ଭୋଗରାଇ, ରେମୁଣା ସଦର ପ୍ରଭାବିତ ହୋଇଥିବାବେଳେ ଝାଡ଼ଖଣ୍ଡ ସରକାରଙ୍କ ସହିତ ସମ୍ପର୍କରେ ଅଛନ୍ତି ରାଜ୍ୟ ସରକାର। ୭ ରୁ ୮ ଟି ଘାଇ ସୃଷ୍ଟି ହୋଇଥିବାବେଳେ ମରାମତି ହୋଇଛି ।

ଅନ୍ୟପଟେ ପଞ୍ଚାୟତିରାଜ ମନ୍ତ୍ରୀ ରବି ନାରାୟଣ ନାଏକ କହିଛନ୍ତି ଯେ ବନ୍ୟା ସମୟରେ ପିଇବା ପାଇଁ ସଙ୍କଟ ମୁକାବିଲା ପାଇଁ ବିଭିନ୍ନ ପଦକ୍ଷେପ ନେଇଛି ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ । ସରକାର ସମ୍ପୂର୍ଣ୍ଣ ସଜାଗ ଅଛନ୍ତି । ଝାଡ଼ଖଣ୍ଡରେ ପ୍ରବଳ ବର୍ଷା ଯୋଗୁଁ ବାଲେଶ୍ୱର, ମୟୂରଭଞ୍ଜ ଓ କେନ୍ଦୁଝର ଆଦି ଅଞ୍ଚଳରେ ବନ୍ୟା ସ୍ଥିତି ଉପୁଜିଛି । ତେଣୁ ଯେଉଁ ଅଞ୍ଚଳରେ ବନ୍ୟା ପାଣି ପଶିବ, ସେଠାରେ ତୁରନ୍ତ ପାନୀୟ ଜଳ ଉତ୍ସ ଗୁଡ଼ିକୁ ଆଉ ଥରେ ସାନିଟାଇଜ କରିବା ପାଇଁ ବିଭାଗୀୟ ଅଧିକାରୀ ମାନଙ୍କୁ ଦିଆଯାଇଛି ନିର୍ଦ୍ଦେଶ । ଶୁଦ୍ଧ ପାନୀୟ ଜଳ ପାଇବା ପାଇଁ ଯେମିତି କେହି ସମସ୍ୟାରେ ନପଡ଼ନ୍ତୁ, ସେଥିପାଇଁ ବ୍ୟବସ୍ଥା କରାଯାଇଛି ।

## ବଳକା ଶସ୍ୟର...

ଲାଗିଛି । କୃଷକଙ୍କୁ ପର୍ଯ୍ୟାପ୍ତ ବଜାର ସୁବିଧା ସହ ଉତ୍ପାଦର ଉଚିତ ମୂଲ୍ୟ ପ୍ରଦାନ, ବଳକା ଶସ୍ୟର ସୁରକ୍ଷା ଆମର ପ୍ରାଥମିକତା । ଏହାକୁ ଧ୍ୟେୟ କରି ରାଜ୍ୟର ପ୍ରତ୍ୟେକ ସବ ଡିଭିଜନରେ ଶୀତଳ ଭଣ୍ଡାର ନିର୍ମାଣ କରାଯିବା ପ୍ରକ୍ରିୟା ଜାରି ରହିଛି । ଏହା ଆମ ଚାଷୀ ଭାଇଭଉଣୀଙ୍କ ରୋଜଗାରରେ ବୃଦ୍ଧି ସହିତ ରାଜ୍ୟରେ ଦେଖା ଦେଉଥିବା କୃତ୍ରିମ ଅଭାବକୁ ଦୂର କରିବାରେ ସହାୟକ ହେବ। ଏହି ପରିପ୍ରେକ୍ଷୀରେ ରାଜ୍ୟରେ ଶୀତଳ ଭଣ୍ଡାର ନିର୍ମାଣ ପାଇଁ ଏକ କମ୍ପାନୀ ତରଫରୁ ପ୍ରସ୍ତାବ ମଧ୍ୟ ଉପସ୍ଥାପନ ହୋଇଥିଲା । ବୈଠକରେ କୃଷି ନିର୍ଦ୍ଦେଶକ ଶୁଭମ ସକ୍ସେନା ଓ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀବୃନ୍ଦ ଉପସ୍ଥିତ ଥିଲେ ।

## ରଥଯାତ୍ରା: ସ୍ୱତନ୍ତ୍ର ...

ଏଣୁ ପାନୀୟ ଜଳ ଯୋଗାଣକୁ ଅଧିକ କ୍ରିୟାଶୀଳ କରିବା ପାଇଁ ଉଭୟ ଅଧିକାରୀ ନିର୍ଦ୍ଦେଶ ଦେଇଛନ୍ତି। ବ୍ୟାରିକେଡରେ ଅପେକ୍ଷାରତ ଶ୍ରଦ୍ଧାଳୁମାନଙ୍କୁ ପାନୀୟ ଜଳ, ଓଆରଏସ ଇତ୍ୟାଦି ବାଣ୍ଟିବା ସହ ସ୍ୱାସ୍ଥ୍ୟ ସମସ୍ୟା ପାଇଁ ପ୍ରସ୍ତୁତ ରହିବାକୁ ନିର୍ଦ୍ଦେଶ ଦିଆଯାଇଛି।

## ଉତ୍ତର ଆଭ୍ୟନ୍ତରୀଣ...

ଉତ୍ତର-ପଶ୍ଚିମ ଓଡ଼ିଶାର କେତେକ ଜିଲ୍ଲାରେ ପ୍ରବଳରୁ ଅତିପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି ବୋଲି ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ କୁହାଯାଇଛି।

## ଆମେରିକାଠୁ ଅଧିକ ...

ଘାଟି ଏବଂ ଅନ୍ୟ ରଣନୀତିକ ସ୍ଥଳକୁ ଟାର୍ଗେଟ କରିବାରେ ସକ୍ଷମ ହୋଇପାରିବ । ପ୍ରତିରକ୍ଷା ଗବେଷଣା ଉନ୍ନୟନ ପ୍ରତିଷ୍ଠାନ(ଡିଆରଡିଓ) ଅଗ୍ନି-୫ ଅନ୍ତଃମହାଦେଶୀୟ ବାଲିଷ୍ଟିକ କ୍ଷେପଣାସ୍ତ୍ରର ମଡିଫାଏଡ ଭର୍ସନ ବିକଶିତ କରୁଛି। ଅଗ୍ନି-୫ ମୂଳ କ୍ଷେପଣାସ୍ତ୍ରର ରେଞ୍ଜ ୫ ହଜାର କିଲୋମିଟର ହୋଇଥିବାବେଳେ ଏହା ପରମାଣୁ ଅସ୍ତ୍ର ବହନ କରିବାର କ୍ଷମତା ରଖିଛି। ଏହାର ମଡିଫାଏଡ ଭର୍ସନ ଏକ ପାରମ୍ପରିକ ଯୁଦ୍ଧାସ୍ତ୍ର ହେବ, ଯାହା ୭୫୦୦ କିଲୋଗ୍ରାମ ଓଜନର ଯୁଦ୍ଧାସ୍ତ୍ର ବହନ କରିବାର କ୍ଷମତା ରଖିବ। ଭାରତ ତିଆରି କରୁଥିବା ଏହି କ୍ଷେପଣାସ୍ତ୍ର ଆମେରିକାଠାରୁ ବି ଅଧିକ ଶକ୍ତିଶାଳୀ ହେବ। ଏହା ଭୂପୃଷ୍ଠରୁ ୮୦ରୁ ୧୦୦ ମିଟର ଗଭୀରକୁ ପ୍ରବେଶ କରିବା ପରେ ବିସ୍ଫୋରଣ ଘଟାଇବ। ଭାରତ ଏହାକୁ ବିକଶିତ କରିବା ପରେ ଆମେରିକା ସହିତ ସମକକ୍ଷ ହୋଇପାରିବ।



### ୟୁନିଅନ୍ ପବ୍ଲିକ୍ ସର୍ଭିସ୍ କମିଶନ
### ପରୀକ୍ଷା/ନିଯୁକ୍ତି ପରୀକ୍ଷା କାର୍ଯ୍ୟକ୍ରମ (ଆର୍‌ଟିଏସ୍)-୨୦୨୬

| କ୍ର. ନଂ. | ପରୀକ୍ଷାର ନାମ | ବିଜ୍ଞପ୍ତି ତାରିଖ | ଆବେଦନ ଗ୍ରହଣର ଶେଷ ତାରିଖ | ପରୀକ୍ଷା ଆରମ୍ଭ ତାରିଖ | ପରୀକ୍ଷାର ଅବଧି |
|---|---|---|---|---|---|
| 1. | **ୟୁପିଏସ୍‌ସି ଆରଟି / ପରୀକ୍ଷା ପାଇଁ ସଂରକ୍ଷିତ** | | | ୧୦.୦୧.୨୦୨୬ (ଶନିବାର) | ୨ ଦିନ |
| 2. | **ୟୁପିଏସ୍‌ସି ପରୀକ୍ଷା ପାଇଁ ସଂରକ୍ଷିତ** | | | ୧୭.୦୧.୨୦୨୬ (ଶନିବାର) | ୨ ଦିନ |
| 3. | ମିଳିତ ଭୂ-ବୈଜ୍ଞାନିକ (ପ୍ରାଥମିକ) ପରୀକ୍ଷା, ୨୦୨୬ | ୦୩.୦୯.୨୦୨୫ | ୨୩.୦୯.୨୦୨୫ | ୦୮.୦୨.୨୦୨୬ (ରବିବାର) | ୧ ଦିନ |
| 4. | ଇଞ୍ଜିନିୟରିଂ ସେବା (ପ୍ରାଥମିକ) ପରୀକ୍ଷା, ୨୦୨୬ | ୧୭.୦୯.୨୦୨୫ | ୦୭.୧୦.୨୦୨୫ | ୦୮.୦୨.୨୦୨୬ (ରବିବାର) | ୧ ଦିନ |
| 5. | ସିବିଆଇ (ଡିଏସ୍‌ପି) ଏଲ୍‌ଡିସିଇ | ୨୪.୧୨.୨୦୨୫ | ୧୩.୦୧.୨୦୨୬ | ୨୮.୦୨.୨୦୨୬ (ଶନିବାର) | ୨ ଦିନ |
| 6. | ସିଆଇଏସ୍‌ଏଫ୍ ଏସି (ଇଏକ୍ସଇ)ଏଲ୍‌ଡିସିଇ-୨୦୨୬ | ୦୩.୧୨.୨୦୨୫ | ୨୩.୧୨.୨୦୨୫ | ୦୮.୦୩.୨୦୨୬ (ରବିବାର) | ୧ ଦିନ |
| 7. | ଏନ.ଡି.ଏ. ଏବଂ ଏନ.ଏ. ପରୀକ୍ଷା (୧),୨୦୨୬ | ୧୦.୧୨.୨୦୨୫ | ୩୦.୧୨.୨୦୨୫ | ୧୨.୦୪.୨୦୨୬ (ରବିବାର) | ୧ ଦିନ |
| 8. | ସି.ଡି.ଏସ. ପରୀକ୍ଷା (୧), ୨୦୨୬ | | | | |
| 9. | ସିଭିଲ ସର୍ଭିସେସ୍ (ପ୍ରାଥମିକ) ପରୀକ୍ଷା, ୨୦୨୬ | ୧୪.୦୧.୨୦୨୬ | ୦୩.୦୨.୨୦୨୬ | ୨୪.୦୫.୨୦୨୬ (ରବିବାର) | ୧ ଦିନ |
| 10. | ଭାରତୀୟ ବନ ସେବା (ପ୍ରାଥମିକ) ପରୀକ୍ଷା, ୨୦୨୬ ସିଏସ୍ (ପି) ପରୀକ୍ଷା ୨୦୨୬ ମାଧ୍ୟମରେ | | | | |
| 11. | **ୟୁପିଏସ୍‌ସି ଆର୍‌ଟି /ପରୀକ୍ଷା ପାଇଁ ସଂରକ୍ଷିତ** | | | ୦୬.୦୬.୨୦୨୬ (ଶନିବାର) | ୨ ଦିନ |
| 12. | ଆଇ.ଇ.ଏସ୍ / ଆଇ.ଏସ୍.ଏସ୍ ପରୀକ୍ଷା, ୨୦୨୬ | ୧୧.୦୨.୨୦୨୬ | ୦୩.୦୩.୨୦୨୬ | ୧୯.୦୬.୨୦୨୬ (ଶୁକ୍ରବାର) | ୩ ଦିନ |
| 13. | ମିଳିତ ଭୂ-ବୈଜ୍ଞାନିକ (ମୁଖ୍ୟ) ପରୀକ୍ଷା, ୨୦୨୬ | | | ୨୦.୦୬.୨୦୨୬ (ଶନିବାର) | ୨ ଦିନ |
| 14. | ଇଞ୍ଜିନିୟରିଂ ସେବା (ମୁଖ୍ୟ) ପରୀକ୍ଷା, ୨୦୨୬ | | | ୨୧.୦୬.୨୦୨୬ (ରବିବାର) | ୧ ଦିନ |
| 15. | **ୟୁପିଏସ୍‌ସି ଆର୍‌ଟି/ ପରୀକ୍ଷା ପାଇଁ ସଂରକ୍ଷିତ** | | | ୦୪.୦୭.୨୦୨୬ (ଶନିବାର) | ୨ ଦିନ |
| 16. | କେନ୍ଦ୍ରୀୟ ସଶସ୍ତ୍ର ପୋଲିସ ବାହିନୀ (ଏସିଏସ୍) ପରୀକ୍ଷା, ୨୦୨୬ | ୧୮.୦୨.୨୦୨୬ | ୧୦.୦୩.୨୦୨୬ | ୧୯.୦୭.୨୦୨୬ (ରବିବାର) | ୧ ଦିନ |
| 17. | ମିଳିତ ଡାକ୍ତରୀ ସେବା ପରୀକ୍ଷା, ୨୦୨୬ | ୧୧.୦୩.୨୦୨୬ | ୩୧.୦୩.୨୦୨୬ | ୦୨.୦୮.୨୦୨୬ (ରବିବାର) | ୧ ଦିନ |
| 18. | **ୟୁପିଏସ୍‌ସି ପରୀକ୍ଷା ପାଇଁ ସଂରକ୍ଷିତ** | | | ୦୮.୦୮.୨୦୨୬ (ଶନିବାର) | ୨ ଦିନ |
| 19. | ସିଭିଲ ସର୍ଭିସେସ୍ (ମୁଖ୍ୟ) ପରୀକ୍ଷା, ୨୦୨୬ | | | ୨୧.୦୮.୨୦୨୬ (ଶୁକ୍ରବାର) | ୫ ଦିନ |
| 20. | ଏନ.ଡି.ଏ. ଏବଂ ଏନ.ଏ. ପରୀକ୍ଷା (II),୨୦୨୬ | ୨୦.୦୫.୨୦୨୬ | ୦୯.୦୬.୨୦୨୬ | ୧୩.୦୯.୨୦୨୬ (ରବିବାର) | ୧ ଦିନ |
| 21. | ସି.ଡି.ଏସ. ପରୀକ୍ଷା (II), ୨୦୨୬ | | | | |
| 22. | **ୟୁପିଏସ୍‌ସି ଆର୍‌ଟି /ପରୀକ୍ଷା ପାଇଁ ସଂରକ୍ଷିତ** | | | ୨୬.୦୯.୨୦୨୬ (ଶନିବାର) | ୨ ଦିନ |
| 23. | **ୟୁପିଏସ୍‌ସି ଆର୍‌ଟି /ପରୀକ୍ଷା ପାଇଁ ସଂରକ୍ଷିତ** | | | ୧୦.୧୦.୨୦୨୬ (ଶନିବାର) | ୨ ଦିନ |
| 24. | **ୟୁପିଏସ୍‌ସି ଆର୍‌ଟି /ପରୀକ୍ଷା ପାଇଁ ସଂରକ୍ଷିତ** | | | ୩୧.୧୦.୨୦୨୬ (ଶନିବାର) | ୨ ଦିନ |
| 25. | ଭାରତୀୟ ବନ ସେବା (ମୁଖ୍ୟ) ପରୀକ୍ଷା,୨୦୨୬ | | | ୨୨.୧୧.୨୦୨୬ (ରବିବାର) | ୭ ଦିନ |
| 26. | ଏସ୍.ଓ./ଷ୍ଟେନୋ (ଜିଡି-ବି/ଜିଡି-I) ଏଲଡିସିଇ | ୧୬.୦୯.୨୦୨୬ | ୦୬.୧୦.୨୦୨୬ | ୧୨.୧୨.୨୦୨୬ (ଶନିବାର) | ୨ ଦିନ |
| 27. | **ୟୁପିଏସ୍‌ସି ଆର୍‌ଟି /ପରୀକ୍ଷା ପାଇଁ ସଂରକ୍ଷିତ** | | | ୧୯.୧୨.୨୦୨୬ (ଶନିବାର) | ୨ ଦିନ |

ଟିପ୍ପଣୀ: ପରିସ୍ଥିତି ଆବଶ୍ୟକ ହେଲେ, ବିଜ୍ଞପ୍ତି ତାରିଖ, ଆରମ୍ଭ ଏବଂ ପରୀକ୍ଷା/ଆର୍‌ଟିଏସ୍‌ର ଅବଧି ପରିବର୍ତ୍ତନ ହୋଇପାରେ।

CBC-55101/14//0002/2526

ଭୁବନେଶ୍ୱର
୦୧ ଜୁଲାଇ,
ମଙ୍ଗଳବାର,୨୦୨୫

RNI Regd. No. : 52640/94
Postal Regd. No. :
BN/60/25-27

# କାଠଗଡ଼ାରେ ପ୍ରଶାସନ ଓ ପୋଲିସ୍ : ଛୁଟି ଦିନରେ ଭିଡ଼ ନିୟନ୍ତ୍ରଣକୁ ନେଇ ବଢ଼ିଲା ଚିନ୍ତା

**ପୁରୀ, ୩୦/୦୬ ନ୍ୟୁଜ ବ୍ୟୁରୋ**

ଶରଧାବାଲି ଦଳଚକଟା ଅଘଟଣରୁ ବଡ଼ ଶିକ୍ଷା ପାଇଲା ତ ପୁରୀ ପ୍ରଶାସନ ଓ ପୋଲିସ୍ । ଟ୍ରାଫିକ୍ ନିୟନ୍ତ୍ରଣ ଓ ଶୃଙ୍ଖଳିତ ଦର୍ଶନରେ ଫେଲ୍ ମାରିଥିବାର ପ୍ରମାଣ ପଦାକୁ ଆସିବା ପରେ ଏବେ ପ୍ରଶ୍ନ ଆଗକୁ ବି ଶନିବାର-ରବିବାର ଭଳି ଛୁଟି ଦିନରେ ପଡୁଥିବା ବାହୁଡ଼ା ଯାତ୍ରା ଓ ସୁନାବେଶ ଚ୍ୟାଲେଞ୍ଜକୁ କେମିତି କରିବ ମୁକାବିଲା ? ଭକ୍ତ ଓ ସେବାୟତ ସମସ୍ତେ ସିଧାସଳଖ ପରିଚାଳନାଗତ ଅପାରଗତାକୁ ଦାୟୀ କରିଥିବାବେଳେ ପୋଲିସ୍ କହିଛି ଏ ତ୍ରୁଟି ଆଗକୁ ହେବନି।

ରବିବାର ରାତିତମାମ ପୁରୀକୁ ଗାଡ଼ି ଧାଡ଼ି ଲାଗିଥିଲା । ରଥାରୂଢ଼ ଦିଅଁଙ୍କୁ ଦର୍ଶନ ପାଇଁ ଶରଧାବାଲିକୁ ଭକ୍ତଙ୍କ ସୁଅ ଛୁଟିଥିଲା । ହେଲେ ଟ୍ରାଫିକ୍ ଦାୟିତ୍ୱରେ ଥିବା ପୋଲିସ ବାବୁମାନଙ୍କ ପାଖରେ କେମିତି ଏ ଖବର ନଥିଲା? ଶହ ଶହ ଏଆଇ କ୍ୟାମେରା ଫିଡକୁ ଇଣ୍ଟିଗ୍ରେଟେଡ କମାଣ୍ଡ କଣ୍ଟ୍ରୋଲ ସେଣ୍ଟରରେ ସେମାନେ ନିରିଖେଇ ଦେଖୁଥିଲେ ନା ଶୋଇ ଯାଇଥିଲେ ? ଗୁଣ୍ଡିଚା ମନ୍ଦିର ଆଗରେ ଦଳାଚକଟା ଅଘଟଣ ପରେ ଏବେ ଉଠିଛି ଏଭଳି ମାଳ ମାଳ ପ୍ରଶ୍ନ। ଭକ୍ତ ହୁଅନ୍ତୁ କି ସେବାୟତ, ସମସ୍ତେ ସିଧାସଳଖ ପୋଲିସ ଓ ପ୍ରଶାସନର ଅପାରଗତାକୁ ଦାୟୀ କରିଛନ୍ତି। ବରିଷ୍ଠ ସେବାୟତଙ୍କ ଅଭିଯୋଗ - ଏତେ ସଂଖ୍ୟାରେ ଭକ୍ତ ଆସୁଥିବା କଥା କେମିତି ଜାଣି ପାରିଲାନି ପ୍ରଶାସନ? ଶରଧାବାଲିରେ ରଥ ଡ୍ୟୁଟିରେ ଥିବା ସୁରକ୍ଷା କର୍ମୀ ଓ ଅଧିକାରୀ କେମିତି ଭିଡ଼ ଛାଡ଼ି ପଳାଇଲେ? ଡ୍ରୋନ୍ କ୍ୟାମେରାରେ ସୂଚନା କୁଆଡ଼େ ଗଲା? ଖାଲି ସେତିକି ନୁହେଁ ରଥ ଉପରେ ଠାକୁରମାନଙ୍କ ରାତ୍ର ପହୁଡ଼ ପରେ ମଙ୍ଗଳ ଆଳତିରେ ବି ଦୀର୍ଘ ସମୟ ବ୍ୟବଧାନକୁ ଅଘଟଣର ଅନ୍ୟ ଏକ କାରଣ ବୋଲି ଦର୍ଶାଇଛନ୍ତି ବରିଷ୍ଠ ଦଇତାପତି ବିନାୟକ ଦାସମହାପାତ୍ର। ସେ କହିଛନ୍ତି ରାତି ୧୨ଟା ୧୫ରେ ପହୁଡ଼ ହେଲା, ଯଦି ଶ୍ରୀମନ୍ଦିର ପରିଚାଳନା କମିଟି ଥାନ୍ତା, ତା'ହାଲେ ସମନ୍ୱୟ ରଖାଯାଇ ଭକ୍ତଙ୍କ ମାତ୍ରାଧିକ ସଂଖ୍ୟାକୁ ଦେଖି ଘଣ୍ଟାଏ ଭିତରେ ମଙ୍ଗଳଆଳତି କରାଯିବାକୁ ନିଷ୍ପତ୍ତି ନିଆଯାଇ ପାରିଥାନ୍ତା। ଯଦ୍ୱାରା ରଥ ଆଗରେ ଭକ୍ତ ବସିନଥାନ୍ତେ, କି ଦଳାଚକଟା ହୋଇନଥାନ୍ତା। ଦଳାଚକଟା ଘଣ୍ଟାଚକଟା ଭିତରେ ଏକଥା ମଧ୍ୟ ସାମ୍ନାକୁ ଆସିଛି- ଯେଉଁଦିନ ଭୋରରେ ଅଘଟଣ ଘଟିଲା, ସେଦିନ ଥିଲା ରବିବାର। ଛୁଟିଦିନ ଥିବାରୁ ଲକ୍ଷ ଲକ୍ଷ ଭକ୍ତ ରଥାରୂଢ଼ ଠାକୁରଙ୍କୁ ଦର୍ଶନ ଲାଗି ପୁରୀ ମୁହାଁ ହୋଇଥିଲେ ଓ ରଥ ଆଗରେ ଗହଳି ଲଗାଇଥିଲେ। ତେଣୁ ସେଥିରୁ ପ୍ରଶାସନ ବଡ଼ ଶିକ୍ଷା ନେବା ଦରକାର, ଯେହେତୁ ଆଗକୁ ଶନିବାର ବାହୁଡ଼ାଯାତ୍ରା ଓ ରବିବାର ସୁନା ବେଶ ପଡୁଛି, ସେ ଦୁଇଦିନ ବି ପୂର୍ବଭଳି ଭିଡ଼ ହେବା ନିଶ୍ଚିତ। ତେଣୁ ଏବେଠୁ ପ୍ରଶାସନ ଚେତିବା ଦରକାର। ତା'ସହ ପ୍ରଶ୍ନ ଉଠିଛି ରବିବାରର ଅଘଟଣ ପରେ ଗାଡ଼ିରେ ପୁରୀ ଯାଉଥିବା ଭକ୍ତ ଓ ଶ୍ରଦ୍ଧାଳୁଙ୍କୁ ଭୁବନେଶ୍ୱରରେ ବିଭିନ୍ନ ଛକରେ ଡାକବାଜି ଯନ୍ତ୍ର ଏବଂ ଓଡ଼ିଶା ପୋଲିସର ସୋସିଆଲ୍ ମିଡିଆ ଏକ୍ସରେ ପୁରୀରେ ଭିଡ଼ ଥିବାର କହି ସାବଧାନ କରୁଥିବା ପୋଲିସ୍ ମୁଣ୍ଡରେ ଆଗରୁ କାହିଁକି ଏ ବୁଦ୍ଧି ପଶିନଥିଲା। ତେଣୁ ସୋମବାର ପୁରୀରେ ସ୍ଥିତି ଅନୁଧାନ କରି ମୁଖ୍ୟମନ୍ତ୍ରୀଙ୍କ ପରାମର୍ଶଦାତା ତଥା ପୂର୍ବତନ ଡିଜିପି କହିଛନ୍ତି- ବାହୁଡ଼ାରୁ ନୀଳାଦ୍ରିବିଜେ ଯାଏଁ ସବୁ ଶୃଙ୍ଖଳିତ ହେବ, ପୁରୀର ନୂଆ ଜିଲ୍ଲାପାଳ ଓ ଏସପି ଦକ୍ଷତାର ସହ କାର୍ଯ୍ୟ ତୁଲାଇବେ। ସେହିପରି ତ୍ରୁଟି ସୁଧାରି ଆଗକୁ ନୀତିକାନ୍ତି ଓ ଦର୍ଶନ ଶୃଙ୍ଖଳିତ କରିବାକୁ ଚେଷ୍ଟା କରାଯାଉଥିବା କହିଛନ୍ତି ନୂଆ ପୁରୀ ଏସପି। ଭକ୍ତ ବି କହିଲେଣି, ବାହୁଡ଼ା ପାଇଁ ଏବେଠୁ ଯତ୍ନବାନ ହେବା ଜରୁରୀ। ଏବେ ଦେଖିବାର କଥା, ବାହୁଡ଼ା ଓ ସୁନାବେଶ ବେଳେ ମାତ୍ରାଧିକ ଟ୍ରାଫିକ୍ ଓ ଦର୍ଶନାର୍ଥୀଙ୍କ ଭିଡ଼ ଚ୍ୟାଲେଞ୍ଜକୁ କିଭଳି ମୁକାବିଲା କରୁଛି ପୋଲିସ୍ ଓ ପ୍ରଶାସନ ।



ପୁରୀ : ଆଡପ ମଣ୍ଡପରେ ଚତୁର୍ଦ୍ଧାମୂର୍ତ୍ତିଙ୍କ ଦର୍ଶନ ପାଇଁ ଶ୍ରୀଗୁଣ୍ଡିଚା ମନ୍ଦିର ସମ୍ମୁଖରେ ଭକ୍ତମାନଙ୍କ ସମାଗମ। (ଫଟୋ : ସମ୍ବାଦ କଳିକା)





ଭୁବନେଶ୍ୱର : ରଥଯାତ୍ରା ସମୟରେ ଭୁବନେଶ୍ୱରରୁ ଯାଇଥିବା ସ୍ୱୀକୃତିପ୍ରାପ୍ତ ସାମ୍ବାଦିକମାନଙ୍କ ଉପରେ ପୋଲିସର ଅମାନୁଷିକ ଅତ୍ୟାଚାର ଓ ଠେଲାପେଲା ଘଟଣାରେ କାର୍ଯ୍ୟାନୁଷ୍ଠାନ ଦାବିକରି ସାମ୍ବାଦିକମାନେ ମୁଖ୍ୟଶାସନ ସଚିବ ମନୋଜ ଆହୁଜା, ସ୍ୱରାଷ୍ଟ୍ର ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁଙ୍କୁ ଭେଟି ସ୍ମାରକପତ୍ର ପ୍ରଦାନ କରିବା ସହ ଆଲୋଚନା କରୁଛନ୍ତି। (ଫଟୋ : ସମ୍ବାଦ କଳିକା)

# ସୁପ୍ରିମକୋର୍ଟରେ ପହଞ୍ଚିଲା କୋଲକାତା ଆଇନଛାତ୍ରୀଙ୍କୁ ଦୁଷ୍କର୍ମ ମାମଲା : ସିବିଆଇ ତଦନ୍ତ ଦାବି



**ନୂଆଦିଲ୍ଲୀ,୩୦।୬**

ସୁପ୍ରିମକୋର୍ଟରେ ପହଞ୍ଚିଲା କୋଲକାତା ଆଇନ ଛାତ୍ରୀଙ୍କୁ ଗଣଦୁଷ୍କର୍ମ ମାମଲା। ଏହି ମାମଲାରେ ସର୍ବୋଚ୍ଚ ଅଦାଲତଙ୍କ ନିକଟରେ ଆବେଦନ ଦାଖଲ କରାଯାଇଛି। ସୁପ୍ରିମକୋର୍ଟର ଆଇନଜୀବୀ ସତ୍ୟମ ସିଂହ ସୋମବାର ଆବେଦନ ଦାଖଲ କରି କୋର୍ଟଙ୍କ ତଦାରଖରେ ସିବିଆଇ ଯାଞ୍ଚ ଦାବି କରିଛନ୍ତି।

ଆବେଦନରେ କୁହାଯାଇଛି ଯେ, ଧାର୍ଯ୍ୟ ସମୟସୀମାରେ ମାମଲାର ତଦନ୍ତ କରାଯାଉ। ପୀଡିତା ଓ ତାଙ୍କ ପରିବାରକୁ ସୁରକ୍ଷା ପ୍ରଦାନ କରାଯାଉ। ଏହା ସହ ପଶ୍ଚିମବଙ୍ଗ ସରକାର ରାଜ୍ୟର ସମସ୍ତ ଶିକ୍ଷା ସଂସ୍ଥାନରେ କିଭଳି ସୁରକ୍ଷା ବ୍ୟବସ୍ଥା ବଢ଼ାଯିବ ସେ ନେଇ ପଦକ୍ଷେପ ନିଅନ୍ତୁ। ପୀଡିତାଙ୍କୁ ରାଜ୍ୟ ସରକାର ୫୦ ଲକ୍ଷ ଟଙ୍କାର ଅନ୍ତରୀଣ କ୍ଷତିପୂରଣ ଦିଅନ୍ତୁ। ପୀଡିତାଙ୍କ ବିଷୟରେ ତୃଣମୂଳ କଂଗ୍ରେସ ସାଂସଦ କଲ୍ୟାଣ ବାନାର୍ଜୀ ଓ ବିଧାୟକ ମଦନ ମିତ୍ରଙ୍କ ଅପମାନଜନକ ବୟାନକୁ ନେଇ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ବୋଲି ଆବେଦନକାରୀ ଦାବି କରିଛନ୍ତି।

୨୫ ଜୁନ୍‌ରେ ସାଉଥ୍ କୋଲକାତାରେ ଲ' କଲେଜର ପ୍ରଥମ ବର୍ଷର ଛାତ୍ରୀଙ୍କ ସହ ପୂର୍ବତନ ଛାତ୍ରମାନେ ଗଣଦୁଷ୍କର୍ମ କରିଥିଲେ। ଏହି ମାମଲା ସାମନାକୁ ଆସିବା ପରେ ବିଜେପି ଓ କଂଗ୍ରେସ କଡ଼ା ବିରୋଧ କରିଛି। ଏହା ସହ ପଶ୍ଚିମବଙ୍ଗରେ ଆଇନ ବ୍ୟବସ୍ଥା ଉପରେ ପ୍ରଶ୍ନ ଉଠାଇଛନ୍ତି। କଂଗ୍ରେସ ରବିବାର କହିଛି, ସହରରର ଖୀଦରପୁର ଅଞ୍ଚଳରେ ବିଜେପିର ଯୁବ ଶାଖା ସଦସ୍ୟ ହାତିବାଗାନ ଅଞ୍ଚଳରେ ରାଲି ବାହାର କରିଥିଲା। ପଶ୍ଚିମବଙ୍ଗରେ ଆଇନ ବ୍ୟବସ୍ଥା ଖରାପ ହେଉଥିବା ନେଇ ଅଭିଯୋଗ କରିଥିଲା। ଏହା ସହ ପ୍ରତ୍ୟେକ ମହିଳାଙ୍କ ସୁରକ୍ଷା ଦାବି କରିଛି ଦଳ।

# ଟ୍ରାକ୍‌ରୁ ଖସିଲା ମାଲ୍‌ବାହୀ ଟ୍ରେନ୍‌ର ୩ ବଗି



**କଟକ, ୩୦/୦୬ ନ୍ୟୁଜ ବ୍ୟୁରୋ**

କଟକ ରେଳ ଷ୍ଟେସନରେ ଏକ ମାଲବାହୀ ଟ୍ରେନ୍‌ର ୩ଟି ଖାଲି ବଗି ଟ୍ରାକ୍‌ରୁ ଖସି ଯାଇଛି। ଏହି ଦୁର୍ଘଟଣା ଷ୍ଟେସନର ଲୁପ ଲାଇନ୍ ନମ୍ବର ୮ରେ ହୋଇଛି। ସୋମବାର ସକାଳ ପ୍ରାୟ ସାଢେ ୮ଟାରେ ଏଭଳି ଘଟଣା ଘଟିଛି। ଏଥିରେ କେହି ମୃତାହତ ହୋଇନାହାନ୍ତି । ଏହି ଦୁର୍ଘଟଣା ପାଇଁ ଭଦ୍ରକ-କଟକ-ବିଶାଖାପାଟଣା ଟ୍ରେନ୍ ଲାଇନ୍‌ରେ ଗାଡି ଚଳାଚଳ ସାଧାରଣ ରହିଛି । ସେହିପରି କଟକ-ପାରାଦ୍ୱୀପ ରୁଟ୍‌ରେ ମଧ୍ୟ ଟ୍ରେନ୍ ଚଳାଚଳ ସ୍ୱାଭାବିକ ରହିଛି। ମରାମତି ପାଇଁ ଯାନ୍ତ୍ରିକ ଟ୍ରେନ୍ ଘଟଣାସ୍ଥଳରେ ପହଞ୍ଚି କାମ ଆରମ୍ଭ କରିଛି । ତେବେ ଅପରାହ୍ଣ ସୁଦ୍ଧା କାମ ଶେଷ ହେବ ବୋଲି ଖୋର୍ଦ୍ଧା ରୋଡ୍ ରେଳମଣ୍ଡଳ ପକ୍ଷରୁ ସୂଚନା ଦିଆଯାଇଛି ।

# ଆଜିଠୁ ମାଟ୍ରିକ ସପ୍ଲିମେଣ୍ଟାରୀ ପରୀକ୍ଷା

**କଟକ, ୩୦/୦୬ ନ୍ୟୁଜ ବ୍ୟୁରୋ**



ମଙ୍ଗଳବାର ଠାରୁ ଆରମ୍ଭ ହେବ ମାଟ୍ରିକ ସପ୍ଲିମେଣ୍ଟାରୀ ପରୀକ୍ଷା। ସକାଳ ୯ଟାରୁ ଆରମ୍ଭ ହୋଇ ୧୧ଟା ୩୦ ପର୍ଯ୍ୟନ୍ତ ଚାଲିବ ପରୀକ୍ଷା । କେବଳ ଗଣିତ ପରୀକ୍ଷା ପାଇଁ ଅତିରିକ୍ତ ୧୫ ମିନିଟ୍ ସମୟ ଦିଆଯାଇଛି ବୋଲି ବୋର୍ଡ ପକ୍ଷରୁ ସମୟ ନିର୍ଘଣ୍ଟ ଜାରି କରାଯାଇଛି । ୬ଟି ବିଷୟରେ ପରୀକ୍ଷା ଦେବେ ପରୀକ୍ଷାର୍ଥୀ। ୨୦୨୫ ମାଟ୍ରିକ୍ ପରୀକ୍ଷାରେ ଅନୁପସ୍ଥିତ, ଫେଲ୍ ଏବଂ ଏମ୍‌ପି ହୋଇଥିବା ପରୀକ୍ଷାର୍ଥୀମାନେ ଏହି ପରୀକ୍ଷା ଦେବେ। ତେବେ ଚଳିତ ବର୍ଷ ସମୁଦାୟ ୧୪ ହଜାର ୧୦୯ ଜଣ ପରୀକ୍ଷାର୍ଥୀ ଦଶମ ସପ୍ଲିମେଣ୍ଟାରୀ ପରୀକ୍ଷା ଦେବାପାଇଁ ଆବେଦନ କରିଛନ୍ତି । ସପ୍ଲିମେଣ୍ଟାରୀ ଓ ରାଜ୍ୟ ମୁକ୍ତ ବିଦ୍ୟାଳୟ ପରୀକ୍ଷା ପାଇଁ ମୋଟ ୧୦୩ଟି ପରୀକ୍ଷା କେନ୍ଦ୍ର କରାଯାଇଛି । ଏହି ୨ଟି ଯାକ ପରୀକ୍ଷା ପାଇଁ ସମସ୍ତ କେନ୍ଦ୍ରରେ ପ୍ରଶ୍ନପତ୍ର ଓ ଖାତା ଆଦି ପହଞ୍ଚି ସାରିଥିବା ବୋର୍ଡ ପକ୍ଷରୁ କୁହାଯାଇଛି। ପରୀକ୍ଷାର୍ଥୀଙ୍କ ସଂଖ୍ୟା କମ୍ ରହିଥିଲେ ମଧ୍ୟ ପରୀକ୍ଷା ପରିଚାଳନା ବ୍ୟବସ୍ଥାରେ ଯେପରି କୌଣସି ବିଭ୍ରାଟ ନହୁଏ ସେଥିଲାଗି ସେଣ୍ଟର୍ ସୁପରିଟେଣ୍ଡେଣ୍ଟ୍‌ଙ୍କୁ ସତର୍କ କରାଯାଇଛି । ଜୁଲାଇ ୧ରୁ ପରୀକ୍ଷା ଆରମ୍ଭ ହୋଇ ଜୁଲାଇ ୧୦ ତାରିଖରେ ଶେଷ ହେବ । ୧୫ ତାରିଖରୁ ମୂଲ୍ୟାୟନ ତଥା ପରୀକ୍ଷା ଖାତା ଦେଖା ପ୍ରକ୍ରିୟା ଆରମ୍ଭ ହେବ ବୋଲି ବୋର୍ଡ ସଭାପତି ଶ୍ରୀକାନ୍ତ ତରାଇ କହିଛନ୍ତି । ସେହିପରି ଏକ ମାସ ମଧ୍ୟରେ ଫଳ ପ୍ରକାଶ କରାଯିବ । ବଡ଼ କଥା ହେଉଛି ଏହି ପରୀକ୍ଷାରେ ଯେଉଁ ପରୀକ୍ଷାର୍ଥୀମାନେ କୃତକାର୍ଯ୍ୟ ହେବେ ସେମାନେ ମଧ୍ୟ ଚଳିତ ବର୍ଷ ଉଚ୍ଚ ଶିକ୍ଷା ପାଇଁ ଆବେଦନ କରିପାରିବେ। ସାର୍ଟିଫିକେଟ ମଧ୍ୟ ସମାନ ରହିବ । ସେମାନଙ୍କର ଗୋଟିଏ ବର୍ଷ ନଷ୍ଟ ହେବ ନାହିଁ ବୋଲି ବୋର୍ଡ କର୍ତ୍ତୃପକ୍ଷ ପ୍ରତିକ୍ରିୟା ଦେଇଛନ୍ତି ।

ବୋର୍ଡ ସଭାପତି ଶ୍ରୀକାନ୍ତ ତରାଇ କହିଛନ୍ତି, 'ଜୁଲାଇ ୧ ତାରିଖରୁ ପରୀକ୍ଷା ଆରମ୍ଭ ହୋଇ ୧୦ ତାରିଖ ଯାଏଁ ଚାଲିବ। ପରୀକ୍ଷା ପାଇଁ ସମସ୍ତ ପ୍ରସ୍ତୁତି କରାଯାଇଛି । ୧୫ରୁ ଖାତାଦେଖା ଆରମ୍ଭ ହେବ । ମାସେ ଭିତରେ ପରୀକ୍ଷା ଫଳ ପ୍ରକାଶ ପାଇବ। ପାସ୍ କରିଥିବା ପରୀକ୍ଷାର୍ଥୀମାନେ ଏବର୍ଷ ଉଚ୍ଚ ଶିକ୍ଷା ପାଇଁ ଆବେଦନ କରିପାରିବେ।' ତେବେ ପରୀକ୍ଷାର୍ଥୀମାନେ ବୋର୍ଡର ଅଫିସିଆଲ ୱେବସାଇଟ www.bseodisha.ac.in.ରୁ ଆଡମିଟ କାର୍ଡ ଡାଉନଲୋଡ କରିପାରିବେ । କାର୍ଯ୍ୟସୂଚୀ ଅନୁସାରେ ଜୁଲାଇ ୧ ତାରିଖରେ ପ୍ରଥମ ଭାଷା, ଜୁଲାଇ ୨ ତାରିଖରେ ସମାଜିକ ବିଜ୍ଞାନ, ଜୁଲାଇ ୪ ତାରିଖରେ ଗଣିତ, ଜୁଲାଇ ୭ ତାରିଖରେ ଦ୍ୱିତୀୟ ଭାଷା, ଜୁଲାଇ ୯ ତାରିଖରେ ସାଧାରଣ ବିଜ୍ଞାନ, ଜୁଲାଇ ୧୦ ତାରିଖରେ ତୃତୀୟ ଭାଷା ପରୀକ୍ଷା ହେବ।

# ଭିଜିଲାନ୍ସ ଜାଲରେ ମୃତ୍ତିକା ସଂରକ୍ଷଣ ବିଭାଗର ଯୁଗ୍ମ ନିର୍ଦ୍ଦେଶକ

**ଭୁବନେଶ୍ୱର, ୩୦/୦୬ ନ୍ୟୁଜ ବ୍ୟୁରୋ**



ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଭିଜିଲାନ୍ସ ମୃତ୍ତିକା ସଂରକ୍ଷଣ ବିଭାଗର ଯୁଗ୍ମ ନିର୍ଦ୍ଦେଶକ ଦୟାନିଧି ବାଗ୍‌ଙ୍କ ଘରେ ଚଢଉ କରୁଛି। ତାଙ୍କର ମୋଟ ୮ଟି ସ୍ଥାନରେ ଚଢଉ କରାଯାଇଛି । ଏଥିରେ ୧୦ ଜଣ ଡିଏସପି, ୮ ଜଣ ଇନ୍‌ସପେକ୍ଟର, ୧୦ ଜଣ ଏଏସଆଇ ଏବଂ ଅନ୍ୟାନ୍ୟ ସହାୟକ କର୍ମଚାରୀ ସାମିଲ ହୋଇଛନ୍ତି। ଏନେଇ ସ୍ୱତନ୍ତ୍ର ବିଚାରପତି ସର୍ଚ୍ଚ ୱାରେଣ୍ଟ ଜାରି କରିବା ପରେ ଏହି ଚଢଉ କରାଯାଇଛି। ଦୟାନିଧି ବାଗ୍ ରାୟଗଡ଼ା ଜଳଛାୟା ବିଭାଗର ପୂର୍ବତନ ପିଡି ଥିଲେ । ଆୟଠାରୁ ଅଧିକ ସମ୍ପତ୍ତି ରଖିବା ଅଭିଯୋଗରେ ମୃତ୍ତିକା ସଂରକ୍ଷଣ ବିଭାଗର ଯୁଗ୍ମ ନିର୍ଦ୍ଦେଶକ ଦୟାନିଧି ବାଗ୍‌ଙ୍କ ମୋଟ ୮ଟି ସ୍ଥାନରେ ରେଡ୍ ଚାଲିଛି । କଳାହାଣ୍ଡି ଜିଲ୍ଲା କୁପା ଗାଁ ସ୍ଥିତ ଘର, କଳାହାଣ୍ଡି ଜିଲ୍ଲା ବିକ୍ରମଗୁଡ଼ା ସ୍ଥିତ ଶ୍ୱଶୁର ଘର, ଭୁବନେଶ୍ୱର ଗୋଠପାଟଣା ସ୍ଥିତ ମହାନଦୀ ଆପାର୍ଟମେଣ୍ଟର ଏକ ଫ୍ଲାଟ୍, ଭୁବନେଶ୍ୱର ଚନ୍ଦ୍ରଶେଖରପୁର ସ୍ଥିତ ଏଲଆଇଜି ଘର, ଭୁବନେଶ୍ୱର ସ୍ଥିତ ମୃତ୍ତିକା ସଂରକ୍ଷଣ ବିଭାଗର ଅଫିସ୍ ଚାମ୍ବର, ନବରଙ୍ଗପୁର ଟାଉନ ସ୍ଥିତ ଏକ ନିର୍ମାଣାଧିନ ଘର, ନବରଙ୍ଗପୁରରେ ତାଙ୍କ ପତ୍ନୀଙ୍କ ନାମରେ ଥିବା ୨ଟି ଘରେ ଏକକାଳୀନ ରେଡ୍ କରିଛି ଭିଜିଲାମନ୍ସ ଟିମ୍।

# ନନ୍ଦନକାନନରେ ୭ ଆନାକୋଣ୍ଡା ଶାବକ ଜନ୍ମ

**ବାରଙ୍ଗ, ୩୦/୦୬ ନ୍ୟୁଜ ବ୍ୟୁରୋ**

ନନ୍ଦନକାନନ ପ୍ରାଣୀ ଉଦ୍ୟାନ ପାଇଁ ଖୁସି ଖବର । ତିନି ବର୍ଷ ବ୍ୟବଧାନ ପରେ ଏକ ମାଈ ହଳଦିଆ ଆନାକୋଣ୍ଡା ୭ଟି ଶାବକ ଜନ୍ମ ଦେଇଛି । ସମସ୍ତ ଶାବକଙ୍କ ରଙ୍ଗ ହଳଦିଆ । ମା' ଆନାକୋଣ୍ଡା ସହ ଶାବକମାନେ ସୁସ୍ଥ ଥିବା ନନ୍ଦନକାନନ ଉପନିର୍ଦ୍ଦେଶକ ସନଥ କୁମାର ନାରାୟଣ ସୂଚନା ଦେଇଛନ୍ତି । ଏହି ଶାବକ ଜନ୍ମ ହେବା ପରେ ପ୍ରାଣୀ ଉଦ୍ୟାନରେ ଆନାକୋଣ୍ଡା ସଂଖ୍ୟା ୧୪କୁ ବୃଦ୍ଧି ପାଇଛି। ସେଥିମଧ୍ୟରୁ ଦୁଇଟି ଅଣ୍ଡିରା, ଦୁଇଟି ମାଈ ଓ ୧୦ଟି ହଳଦିଆ ରଙ୍ଗର ଛୁଆ।

୨୦୧୯ ଅକ୍ଟୋବର ୨୨ରେ ମାଡ୍ରାସ କ୍ରୋକୋଡାଇଲ ବ୍ୟାଙ୍କ ଅଫ୍ ଟ୍ରଷ୍ଟରୁ ୮ଟି ଅଣ୍ଡିରା ଓ ମାଈ ହଳଦିଆ ଆନାକୋଣ୍ଡା ନନ୍ଦନକାନନ ଅଣାଯାଇଥିଲା । ଶେଷ ଥର ୨୦୨୨ ଜୁଲାଇରେ ଗୋଟିଏ ଆନାକୋଣ୍ଡା ୯ଟି ଶାବକ ଜନ୍ମ ଦେଇଥିଲା। ସେମାନଙ୍କ ମଧ୍ୟରୁ ୨୦୨୨ ମସିହା ଜୁଲାଇ ୬ ତାରିଖରେ ଏକମାତ୍ର ଶାବକ ଜନ୍ମ ନେଇଥିଲା । ଅନ୍ୟ ଶାବକମାନେ ଜୁଲାଇ ୮ ତାରିଖରେ ଜନ୍ମ ହୋଇଥିଲେ।

ବର୍ତ୍ତମାନ ଏହି ନୂଆ ଶାବକମାନେ ଜନ୍ମ ହେବା ପରେ ନନ୍ଦନକାନନରେ ଦୁଇଟି ବୟସ୍କ ଅଣ୍ଡିରା ଆନାକୋଣ୍ଡା ରହିଥିବା ବେଳେ ୨ଟି ବୟସ୍କ ମାଈ ଆନାକୋଣ୍ଡା ରହିଛନ୍ତି । ଏହି ୭ଟି ଶାବକଙ୍କୁ ନେଇ ଶାବକ ଆନାକୋଣ୍ଡାଙ୍କ ସଂଖ୍ୟା ୧୦କୁ ବୃଦ୍ଧି ପାଇଛି । ଯେଉଁ ଦୁଇଟି ମାଈ ଆନାକୋଣ୍ଡା ରହିଛନ୍ତି ସେମାନଙ୍କ ମଧ୍ୟରୁ ଗୋଟିଏ ଆସନ୍ନ ପ୍ରସବା ରହିଛି ।



ଭୁବନେଶ୍ୱର : ବିଏମ୍‌ସି ଅତିରିକ୍ତ କମିଶନରଙ୍କୁ ମରଣାନ୍ତକ ଆକ୍ରମଣ କରାଯିବା ଘଟଣାର ପ୍ରତିବାଦରେ ବିଏମ୍‌ସି କାର୍ଯ୍ୟାଳୟ ସମ୍ମୁଖରେ ବିଜେଡି କର୍ମୀମାନଙ୍କ ଧାରଣା ଓ ବିକ୍ଷୋଭ ପ୍ରଦର୍ଶନ ଯୋଗୁଁ ଟ୍ରାଫିକ୍ ଜାମ୍। (ଫଟୋ : ସମ୍ବାଦ କଳିକା)


## ପ୍ରକାଶ ପାଇବାକୁ ଯାଉଛି...

**'କଥାକଳିକା'ର ଜୁଲାଇ-୨୦୨୫ ସଂଖ୍ୟା**




### ଏଥର ସଂଖ୍ୟାରେ...

**ସ୍ମରଣୀୟ କଥା :** ମନୋଜ କୁମାର ଜେନା।
**ସମକାଳର କଥା :** ଅମରେଶ ବିଶ୍ୱାଳ, ଆଭାସ କୁମାର ବରାଳ, ସୌରୀନ୍ଦ୍ର ସାହୁ, ରୁମଝୁମ ନାୟକ, ଜାକିର ଖାନ୍।
**ଅନ୍ୟ ଭାଷାର କଥା :** ନଗେନ୍ଦ୍ର ପଟ୍ଟନାୟକ।
**ଯୁବ ମାନସର କଥା :** ପ୍ରିୟଙ୍କା ପ୍ରିୟଦର୍ଶିନୀ ଦାସ, ରାଜେଶ ପୁଜାରୀ, କାଳନ୍ଦୀ ଭଞ୍ଜ, ସସ୍ମିତା ମହାପାତ୍ର, ସନ୍ତୋଷ ମିଶ୍ର, ମୋନିକା ସରକାର, ପ୍ରଭାତୀ ଜେନା, ନମିତା ଦାଶ।

(ଗାଳ୍ପିକମାନଙ୍କୁ ଅନୁରୋଧ ସେମାନଙ୍କର ଗଳ୍ପ ପରିଚ୍ଛନ୍ନ ଭାବେ ଡିଟିପି କରି ସଂପୂର୍ଣ୍ଣ ଠିକଣା ସହ ମେଲ୍‌ରେ ପଠାଇବାକୁ ହେବ)

**ଯୋଗାଯୋଗ କରନ୍ତୁ**
ପ୍ରସାର ପରିଚାଳକ 'କଥାକଳିକା'
କୋଡ୍ ନଂ - (୦୬୭୪) ୨୫୪୧୪୪୮, ୨୫୪୫୦୪୬,
ଫାକ୍ସ: ୨୫୪୫୬୬୮
E-mail: kathakalika@gmail.com

ପୃଷ୍ଠା-୬୮/ ମୂଲ୍ୟ ୩୦ ଟଙ୍କା ମାତ୍ର
'ସମ୍ବାଦ କଳିକା'ର ସ୍ଥାନୀୟ ପ୍ରତିନିଧି/ ଏଜେଣ୍ଟ/ପତ୍ରିକା ଷ୍ଟଲଙ୍କ ସହ ଯୋଗାଯୋଗ କରନ୍ତୁ । କଥା କଳିକାର ବାର୍ଷିକ ଗ୍ରାହକ ଦେୟ ଟ.୫୦୦/- (୨ଟି ବିଶେଷ ସଂଖ୍ୟା ସହ)


# ୧୫୬ ବର୍ଷ ଅଘଟଣର ପୁଣି ପୁନରାବୃତ୍ତି

## ଗୁଣ୍ଡିଚା ମନ୍ଦିର ସାମ୍ନାରେ ଯାଇଥିଲା ଦୁଇ ଜୀବନ

**ଭୁବନେଶ୍ୱର, ୩୦/୦୬ ନ୍ୟୁଜ ବ୍ୟୁରୋ**



୧୫୬ ବର୍ଷ ପୂର୍ବ ଅଘଟଣର ପୂନରାବୃତ୍ତି । ଗୁଣ୍ଡିଚା ମନ୍ଦିର ସାମ୍ନାରେ ଗଡ଼ିଥିଲା ମୁଣ୍ଡ । ଚକା ଆଖି ଆଗରେ ଚାଲିଗଲା ୩ ଜୀବନ। ମହାପ୍ରଭୁଙ୍କ ଘୋଷଯାତ୍ରାରେ ଠେଲାପେଲା ଘଟିବା କିଛି ନୂଆ କଥା ନୁହେଁ । ଏପରିକି ରଥ ଚକ ତଳେ ଭକ୍ତ ନିଜରୁ ସମର୍ପିତ କରିବା ରେକର୍ଡ ରହିଛି । ରଥ ଦଉଡ଼ିରେ ଛନ୍ଦି ହୋଇ ଜୀବନ ମଧ୍ୟ ଯାଇଛି । ମାତ୍ର ରଥଯାତ୍ରା ପରଦିନ ଗୁଣ୍ଡିଚା ମନ୍ଦିର ସାମ୍ନାରେ ଶ୍ରଦ୍ଧାଳୁଙ୍କ ପ୍ରାଣହାନୀ ଇତିହାସରେ ପ୍ରଥମ । ରଥାରୂଢ଼ ଦିଅଁଙ୍କ ଦିବ୍ୟ ଦର୍ଶନ ବେଳେ ଦଳାଚକଟା ଘଟି ୩ ଭକ୍ତଙ୍କ ମହାପ୍ରୟାଣ ଘଟିଛି। ଯାହା ପୂର୍ବରୁ କେବେ ହୋଇନଥିଲା, ତାହା ରବିବାର ଭୋରୁ ଭୋରୁ ଶରଧାବାଲିରେ ଘଟିଛି।

୧୫୬ ବର୍ଷ ତଳେ ଅର୍ଥାତ୍ ୧୮୬୯ରେ ଏଭଳି ଅଘଟଣ ଘଟିଥିଲା । ହେଲେ ରଥଯାତ୍ରାରେ ନୁହେଁ, ବରଂ ବାହୁଡ଼ା ଯାତ୍ରାରେ। ଦଶମୀ ତିଥିରେ ଦିଅଁଙ୍କ ସାମ୍ନାରେ ଦୁଇ ଜଣ ଭକ୍ତଙ୍କ ଜୀବନ ଚାଲିଯାଇଥିଲା । ସେତେବେଳେ ମହାପ୍ରଭୁଙ୍କ ବିଶ୍ୱ ପ୍ରସିଦ୍ଧ ଯାତ୍ରାରେ ମାତ୍ର ୧୧ ହଜାର ଲୋକଙ୍କ ସମାଗମ ହୋଇଥିଲା । ପୂର୍ବ ବର୍ଷ ବନ୍ୟା ସ୍ଥିତି ପାଇଁ ଶ୍ରଦ୍ଧାଳୁଙ୍କ ଭିଡ଼ କମ୍ ଥିଲା । ମାତ୍ର ବାହୁଡ଼ା ଦଶମୀରେ ଦ୍ୱାର ଫିଟା ବିଳମ୍ବ ହେବାରୁ ଶ୍ରଦ୍ଧାଳୁଙ୍କ ମଧ୍ୟରେ ଠେଲାପେଲା ହୋଇଥିଲା । ଜନ୍ମବେଦୀରେ ଶ୍ରୀଜୀଉଙ୍କୁ ଶେଷ ଦର୍ଶନ ପାଇଁ ଶ୍ରୀଗୁଣ୍ଡିଚା ମନ୍ଦିର ସାମ୍ନାରେ ରଥ ଦଉଡ଼ି ରଖାଯାଇଥିବା ସ୍ଥାନରେ ଛନ୍ଦି ହୋଇ ଶହେରୁ ଅଧିକ ଶ୍ରଦ୍ଧାଳୁ ପଡ଼ିଯାଇଥିଲେ । ଭିଡ଼ ନିୟନ୍ତ୍ରଣ ବ୍ୟବସ୍ଥା ନଥିବାରୁ ୮ଜଣ ଚେତାଶୂନ୍ୟ ହୋଇଥିଲେ । ସେମାନଙ୍କ ମଧ୍ୟରୁ ଦୁଇ ଜଣ ପ୍ରାଣ ହରାଇଥିଲେ। ପରେ ତଦନ୍ତରୁ ଜଣାପଡ଼ିଥିଲା ଦୁଇଜଣ ଦ୍ୱାରୀ, ଭୁଜା ଓ ଟଙ୍କା ଲୋଭରେ ଦ୍ୱାର ଫିଟାଇ ଦେବାରୁ ଦଳାଚକଟା ସ୍ଥିତି ସୃଷ୍ଟି ହୋଇଥିଲା । ପରେ ଅଭିଯୁକ୍ତମାନଙ୍କୁ ୩୩୮ ଦଫାରେ ଗିରଫ କରାଯାଇଥିଲା। କିନ୍ତୁ ଗତ ରବିବାର ଶରଧାବାଲିର ଅଘଟଣ ରଥଯାତ୍ରା ଇତିହାସରେ ପ୍ରଥମ । ରଥଯାତ୍ରା ଇତିହାସରେ ସବୁଠୁ ବଡ଼ ଦୁର୍ଘଟଣା ଘଟିଥିଲା ୧୮୦୯ ମସିହାରେ । ମନ୍ଦିର ସାମ୍ନାରେ ବିପୁଳ ଭକ୍ତଙ୍କ ସମାଗମ ଏବଂ ଫାଟକ ଆଡ଼କୁ ଅଗ୍ରସର ହେବାରୁ ଧାଁ ଦୌଡ଼ ଓ ଠେଲାପେଲା ସ୍ଥିତି ଉପୁଜିଥିଲା। ସେହି ଦଳାଚକଟାରେ ପ୍ରାୟ ୧୫୦ଜଣ ଭକ୍ତଙ୍କ ଜୀବନ ଯାଇଥିଲା । ରେଭରେଣ୍ଡ୍ ସ୍ମିଥ୍ ଓ ରେଭରେଣ୍ଡ୍ ଗ୍ରୀନଙ୍କ ପିରିଅଡିକାଲ ଏକାଉଣ୍ଟ ଅଫ୍ ଦି ବାପଟିଷ୍ଟ ମିଶନ-୧୮୦୯ରେ ଉକ୍ତ ବର୍ଷ ରଥଯାତ୍ରାର ଏଭଳି ଅଭାବନୀୟ ଘଟଣା ଉଲ୍ଲେଖ ରହିଛି ।